ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଡିସେମ୍ବର ୨୯/୨୦୨୨ (୧୬ ପୃଷ୍ଠା) | Sambalpur, Thursday, December 29/2022 | Page 16 | ₹ 7.00 | ★★

୧୯ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 19 ISSUE 14 | ମୂଲ୍ୟ ₹୭/-




**ସୂର୍ଯ୍ୟକାନ୍ତଙ୍କୁ ୬ ଉଇକେଟ**

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ହରିୟାଣା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ୬ ଉଇକେଟ ସଫଳତା ପାଇଛନ୍ତି ଓଡ଼ିଶା ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ। ୧୪

୧୦ **ଶାନ୍ତନୁଙ୍କ ପାଇଁ ବଦଳିଗଲେ ଶ୍ରୁତି**

ବୟଫ୍ରେଣ୍ଡ ଶାନ୍ତନୁଙ୍କ ପାଇଁ ଫିଲ୍ମ ଅଭିନେତ୍ରୀ ଶ୍ରୁତି ହାସନ୍ ଜଣେ ଭଲ ମଣିଷ ପାଲଟିଥିବା କହିଛନ୍ତି।



# ପାଭେଲ: ଆତ୍ମହତ୍ୟା ନା ହତ୍ୟା

**ରାୟଗଡ଼ାରୁ ସୁନୀତ୍ ମିଶ୍ର**
୨୮।୧୨

ଓଡ଼ିଶା ଭ୍ରମଣରେ ଆସିଥିବା ରୁଷିଆ ନାଗରିକ ଆଣ୍ଟୋଭ ପାଭେଲ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ରାୟଗଡ଼ାଠାରେ ରହସ୍ୟଜନକ ମୃତ୍ୟୁ ସମ୍ପର୍କରେ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି । ପ୍ରଥମରୁ ଯଦିଓ ଏହି ଘଟଣା ବାହାରକୁ ସେତେଟା ଜଣାପଡୁ ନ ଥିଲା, ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହି କଥା ସାମ୍ନାକୁ ଆସିଥିଲା। ଅର୍ଥାତ୍ ୨୨ ତାରିଖରେ ବିଦାନୋଭ ଏବଂ ୨୪ରେ ପାଭେଲଙ୍କ ମୃତ୍ୟୁ ରାୟଗଡ଼ାର ସାଇ ଇଣ୍ଟରନ୍ୟାଶନାଲ ହୋଟେଲରେ ଘଟିଥିବା ସତ୍ତ୍ୱେ ପୋଲିସ ଏବଂ ଜିଲା ପ୍ରଶାସନ ଏହି କଥାକୁ ସେତେଟା ଗୁରୁତର ସହକାରେ ନେଇ ନ ଥିଲେ। ୨ ବିଦେଶୀ ନାଗରିକଙ୍କ ଅସ୍ୱାଭାବିକ ମୃତ୍ୟୁ ୨ ଦିନ ଅନ୍ତରରେ ହେବା ସତ୍ତ୍ୱେ ଓଡ଼ିଶା ପୋଲିସ ଅତି ହାଲୁକା ଭାବେ କାହିଁକି ଏହି କଥାଟିକୁ ନେଲା ତାହା ବୁଝାପଡୁନାହିଁ। ପରବର୍ତ୍ତୀ ସମୟରେ ଯେତେବେଳେ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ କଲା ଯେ, ପାଭେଲ ହେଉଛନ୍ତି ରୁଷିଆ



ଆଣ୍ଟୋଭ ପାଭେଲ

ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଜଣେ ଦୃଢ଼ ସମାଲୋଚକ ଏବଂ ସେଠାକାର ଏମ୍‌ପି ଓ ପ୍ରତିଷ୍ଠିତ ବ୍ୟବସାୟୀ, ନିକଟରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ନେଇ ପୁଟିନ୍‌ଙ୍କ ନିଷ୍ପତ୍ତିକୁ ପାଭେଲ କଡ଼ା ଭାଷାରେ ସମାଲୋଚନା କରି ଚର୍ଚ୍ଚାରେ ଥିଲେ, ଏହାପରେ ପୋଲିସ ହଠାତ୍ କିଛିଟା ତତ୍ପରତା ଦେଖାଇଲା। ସେତେବେଳକୁ ପାଭେଲଙ୍କ ମୃତ୍ୟୁକୁ ୩ ଦିନ ବିତିସାରିଥିବା ବେଳେ ତାଙ୍କ ମୃତଶରୀରକୁ ନେଇ ମଧ୍ୟ ଅଧିକ ତଦନ୍ତ ହେବା ପୂର୍ବରୁ ପୋଡ଼ିଦେଇଥିଲେ ବୋଲି ରାୟଗଡ଼ା ଟାଉନ ଥାନାର ଜଣେ ଏଏସ୍ଆଇ ନିଜ ନାମ ଗୋପନ ରଖିବା ☞ପୃଷ୍ଠା-୪





ରାୟଗଡ଼ାର ସାଇ ଇଣ୍ଟରନ୍ୟାଶନାଲ ହୋଟେଲ (ଉପର) ଏବଂ ବୃତ୍ତ ଚିହ୍ନିତ ସ୍ଥାନରେ ପାଭେଲଙ୍କ ମୃତଦେହ ପଡ଼ିଥିଲା ବୋଲି କୁହାଯାଉଛି।

## ପୁଟିନ୍ ସମାଲୋଚକଙ୍କ ମୃତ୍ୟୁ ତାଲିକା ଲମ୍ବିଚାଲିଛି

**ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ)**

ରାୟଗଡ଼ାରେ ରୁଷୀୟ ପର୍ଯ୍ୟଟକ ପାଭେଲ ଆଣ୍ଟୋଭଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ କେହି ବିସ୍ମିତ ହେବା ଅନୁଚିତ। କାରଣ ଏଭଳି ଅନେକ ରହସ୍ୟଜନକ ମୃତ୍ୟୁ ପାଇଁ କ୍ରେମଲିନ୍ କାଠଗଡ଼ାରେ ଛିଡ଼ା ହୋଇଛି। ପୂର୍ବରୁ ମଧ୍ୟ ଅତି ନିର୍ଦ୍ଦୟ ଭାବେ ରୁଷିଆ ସରକାରଙ୍କ ସମାଲୋଚକମାନଙ୍କ ମୁହଁ ବନ୍ଦ କରାଯାଇଛି। ମସ୍କୋ ଏସବୁ ମୃତ୍ୟୁକୁ 'ଦୁର୍ଭାଗ୍ୟଜନକ ଘଟଣା' ବୋଲି ଅଭିହିତ କରିଆସିଛି।

ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନେତୃତ୍ୱାଧୀନ ରୁଷିଆ ସରକାର ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ରଣନୀତି ସେତେବେଳେ ଲୋକଲୋଚନକୁ ଆସିଥିଲା, ଯେତେବେଳେ ତାଙ୍କ ଦୃଢ଼ ସମାଲୋଚକ ଆଲେକ୍ସି ନଭାଲନିଙ୍କୁ ଜେଲରେ ବିଷ ଦେଇ ହତ୍ୟା ଉଦ୍ୟମ ଅଭିଯୋଗ ହୋଇଥିଲା। ୨୦୨୦ ଅଗଷ୍ଟରେ ଆଇନଜୀବୀ ତଥା ରୁଷିଆ ଅଫ୍ ଦି ଫ୍ୟୁଚର ପାର୍ଟିର ୪୬ ବର୍ଷୀୟ ନେତା ନଭାଲ୍‌ନିଙ୍କୁ ଜଣେ ନୋଭିଚୋକ୍ ନର୍ଭ ଏଜେଣ୍ଟ ବିଷ ଦେବା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଜର୍ମାନୀର ବର୍ଲିନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନଭାଲ୍‌ନିଙ୍କ ଶରୀରରେ ବିଷ ପ୍ରୟୋଗ କରାଯାଇଥିବା ବିଷୟ ଉକ୍ତ ହସ୍ପିଟାଲ ପକ୍ଷରୁ ମଧ୍ୟ ସେତେବେଳେ ସ୍ପଷ୍ଟ କରାଯାଇଥିଲା। ରୁଷୀୟ ସରକାର ଏହାକୁ ଖଣ୍ଡନ କରିଥିଲେ ହେଁ ନଭାଲ୍‌ନି ରୁଷିଆକୁ ଫେରିବା ପରେ ପାରୋଲ ନିୟମ ଉଲ୍ଲଂଘନ ଅଭିଯୋଗରେ ତତ୍କାଳ ଜେଲକୁ ପଠାଇ ଦେଇଥିଲେ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ପ୍ରାଣ ହରାଇଥିବା ଆଉ କେତେଜଣ ବ୍ୟକ୍ତିଙ୍କ ସହ ପାଭେଲ ଓ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ମୃତ୍ୟୁର ରହସ୍ୟମୟ ସାମଞ୍ଜସ୍ୟ ରହିଛି। ଗୋଷ୍ଠୀତନ୍ତ୍ରର ସଦସ୍ୟମାନଙ୍କ ଦେଶ ବାହାରେ ମୃତ୍ୟୁ ଘଟୁଥିବାବେଳେ ବୈଜ୍ଞାନିକମାନେ ☞ପୃଷ୍ଠା-୪

## ଦିନରେ ୩୪, ରାତିରେ ୨୪ ଡିଗ୍ରୀ

**ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନର ଝଲକ ଦେଖିବାକୁ ମିଳୁଛି। ପୌଷ ମାସରେ ଗ୍ରୀଷ୍ମର ତାତି ଅନୁଭୂତ ହେଉଛି। ଶୀତରେ କମ୍ପିବା ବଦଳରେ ସାରା ରାଜ୍ୟ ଏବେ ଉଷ୍ମ। ଗତ କିଛିଦିନ ହେବ ରାତ୍ରିର ପାରଦ ହଠାତ୍ ଉପରମୁହାଁ ହୋଇଛି। ସର୍ବନିମ୍ନ ତାପମାତ୍ରା ୬ରୁ ୭ ଡିଗ୍ରୀ ସେଲ୍‌ସିୟସ ବଢ଼ିଯାଇଛି। ଗୋଟିଏ ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିବା ବେଳେ ଅଧିକାଂଶ ସ୍ଥାନରେ ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

ପ୍ଲାଷ୍ଟିକ୍ ପ୍ରଦୂଷଣ ଓ ବୈଶ୍ୱିକ ବୁଝାମଣା



ଭୁବନେଶ୍ୱର ଉପକଣ୍ଠ ଦୟାନଦୀ ପଠାରେ ଚାଷୀମାନେ ବୁଧବାର ଗେଣ୍ଡୁ ଫୁଲ ତୋଳୁଛନ୍ତି। (ଫଟୋ-ମନୋରଞ୍ଜନ)

## 'ଓଡ଼ିଶାରେ ସରକାର କିଏ ଚଳାଉଛି ଜଣାପଡୁନି'

### ତୁମୁଡ଼ିବନ୍ଧ, ବାଣପୁରରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ନଡ୍ଡା

- ରତ୍ନଭଣ୍ଡାର ସୁରକ୍ଷା ପ୍ରସଙ୍ଗ ଉଠାଇଲେ
- ୪ ବର୍ଷ ବିତିଲା, ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଆଡ଼େ ଗଲା
- ବିକାଶ ପଥରେ ସହଭାଗୀ ହେବାକୁ ଜନତାଙ୍କୁ ଆହ୍ୱାନ
- ଜଲେଶପଟ୍ଟା ଆଶ୍ରମ ବୁଲିଲେ, ମା' ଭଗବତୀଙ୍କ ଦର୍ଶନ କଲେ

**ଫୁଲବାଣୀ ଅଫିସ୍/ ତୁମୁଡ଼ିବନ୍ଧ/ ଖୋର୍ଦ୍ଧା ଅଫିସ/ ବାଲୁଗାଁ/ବାଣପୁର, ୨୮।୧୨**

ଓଡ଼ିଶା ଗସ୍ତରେ ଆସିଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ରାଜ୍ୟ ସରକାରଙ୍କୁ ବୁଧବାର ବିଭିନ୍ନ ପ୍ରସଙ୍ଗରେ କଡ଼ା ସମାଲୋଚନା କରିଛନ୍ତି। କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଏବଂ ଖୋର୍ଦ୍ଧା ଜିଲା ବାଣପୁରଠାରେ ଦଳୀୟ ସମାବେଶରେ ଯୋଗଦେଇ ଏଠାରେ ଶାସନ କିଏ ଚଳାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏପରି କି ରତ୍ନ ଭଣ୍ଡାର ସୁରକ୍ଷା ଦିଗରେ ରାଜ୍ୟ ସରକାର କ'ଣ କରୁଛନ୍ତି। ଏଠାରେ ଓରିଜିନାଲ କିମ୍ବା ଡୁପ୍ଲିକେଟ ସରକାର ଚାଲିଛି ତାହା ଜଣାପଡୁ ନ ଥିବାରୁ ନବୀନ ସରକାରଙ୍କୁ ଛୁଟି କରିଦେବାର ସମୟ ବୋଲି ନଡ୍ଡା କହିଛନ୍ତି।

ଆମକୁ ଶାସନ କରିଥିବା ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି । ଓଡ଼ିଶାରେ ବହୁ ସଂଖ୍ୟାରେ ଆଦିବାସୀ ବସବାସ କରୁଛନ୍ତି । ଆମ ଦେଶର ରାଷ୍ଟ୍ରପତି ମଧ୍ୟ ଏହି ସମ୍ପ୍ରଦାୟ ☞ପୃଷ୍ଠା-୪



ବାଣପୁର ଭାଜପା ସମାବେଶରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ଉଦ୍‌ବୋଧନ ଦେଉଛନ୍ତି।

## ଭାସିଯାଉଥିବା ୨ ଛାତ୍ରଙ୍କୁ ବଞ୍ଚାଇବାକୁ ଯାଇ ଶିକ୍ଷକ ମୃତ

### କଣ୍ଟିଲୋ ନୀଳମାଧବ ପୀଠ ନିକଟ ମହାନଦୀ କୂଳରେ ପିକ୍‌ନିକ୍ ବେଳେ ଅଘଟଣ

**ଖଣ୍ଡପଡ଼ା/ମହାକାଳପଡ଼ା, ୨୮।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ନୟାଗଡ଼ ଜିଲା କଣ୍ଟିଲୋ ନୀଳମାଧବ ପୀଠ ନିକଟକୁ ପିକ୍‌ନିକ୍ କରିବାକୁ ଆସିଥିବା ଜଣେ ଶିକ୍ଷକଙ୍କ ମହାନଦୀରେ ଭାସି ଯାଇ ମୃତ୍ୟୁ ଘଟିଛି । ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଶଙ୍ଖପଦା ଗ୍ରାମର ସରୋଜ ଦାସ(୨୩)। ମହାନଦୀରେ ଭାସି ଯାଉଥିବା ୨ ଛାତ୍ରଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କର ଏହି ଦଶା ହୋଇଛି । ଉଭୟ ଛାତ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି । ସେମାନେ ସୁସ୍ଥ ଅଛନ୍ତି। ସରୋଜଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ମହାକାଳପଡ଼ା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



ସରୋଜ ଦାସ

ସୂଚନା ଅନୁଯାୟୀ, ମହାକାଳପଡ଼ା ନିକଟ ବିଦ୍ୟାଧର ପାଟଣା ଗ୍ରାମରେ ଏକ କୋଚିଂ ସେଣ୍ଟର ରହିଛି। ମଙ୍ଗଳବାର ରାତିରେ ଉକ୍ତ କୋଚିଂ ସେଣ୍ଟରର ୫୦ଜଣ ଛାତ୍ରୀଛାତ୍ରଙ୍କ ସହିତ କେତେଜଣ ଶିକ୍ଷକ ପିକ୍‌ନିକ୍ କରିବାକୁ ଏକ ବସ୍‌ରେ ବାହାରି ଭୋର ୫ଟା ସମୟରେ କଣ୍ଟିଲୋରେ ପହଞ୍ଚି ଥିଲେ। ☞ପୃଷ୍ଠା-୪

## ମସ୍ତିଷ୍କ ପଢ଼ିବାରେ ମହିଳା ନିପୁଣ

**ୱାଶିଂଟନ୍, ୨୮।୧୨**

ଜଣେ ବ୍ୟକ୍ତି କ'ଣ ଚିନ୍ତା କରୁଛନ୍ତି, ତାହା ଜାଣିବା କଷ୍ଟକର। କିନ୍ତୁ ଏହି କଷ୍ଟସାଧ କାମରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଭାରି ଆଗୁଆ। ଆମେରିକା ପ୍ରୋସିଡିଙ୍ଗସ୍ ଅଫ୍ ଦ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସ (ପିଏନ୍ଏଏସ୍) ଜର୍ନାଲରେ 'ଥିଓରି ଅଫ୍ ମାଇଣ୍ଡ'କୁ ନେଇ ଏକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ଗବେଷକମାନେ ୫୭ ଦେଶରୁ ପ୍ରତ୍ୟେକ ବୟସ ବର୍ଗର ୩,୦୦,୦୦୦ ଲୋକଙ୍କୁ ନେଇ ଏହି ଅଧ୍ୟୟନ କରିଛନ୍ତି।

'ଥିଓରି ଅଫ୍ ମାଇଣ୍ଡ' ବା ମସ୍ତିଷ୍କର ସିଦ୍ଧାନ୍ତ ଜରିଆରେ ଆଖି ଦ୍ୱାରା ଲୋକଙ୍କ ମୁହଁ ଦେଖି ସେମାନଙ୍କ ମସ୍ତିଷ୍କ ପଢ଼ିବା କିପରି ସମ୍ଭବପର ସେ ନେଇ ବିଶେଷଜ୍ଞଙ୍କର ଅଧ୍ୟୟନ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜାରି ରହିଛି। ଏହାକୁ ସଂକ୍ଷେପରେ ଆଇ ଟେଷ୍ଟ ବୋଲି କୁହାଯାଏ। ୧୯୯୭ରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସାର୍ ସିମୋନ ବାରୋନ-କୋହେନ ଏବଂ ତାଙ୍କ ରିସର୍ଚ୍ଚ ଟିମ୍ ଆଇ ଟେଷ୍ଟ ଆବିଷ୍କାର କରିଥିଲେ। ଅନ୍ୟର ମାନସିକ ସ୍ଥିତିକୁ ଜାଣିବା ପାଇଁ ସେ ୨ ପ୍ରକାର ଟେଷ୍ଟ ପଦ୍ଧତି ଆପଣାଇବାକୁ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ କରାଯାଇଥିବା ଅନେକ ଅଧ୍ୟୟନରେ ପୁରୁଷଙ୍କଠାରୁ ମହିଳା ଆଗୁଆ ଥିବା ଜଣାପଡ଼ିଥିଲା। କିନ୍ତୁ ଏହି ସବୁ ଅଧ୍ୟୟନ କମ୍ ଲୋକଙ୍କୁ ନେଇ କରାଯାଇଥିଲା। ଅଧ୍ୟୟନକୁ ବ୍ୟାପକ କରିବା ଲାଗି କେମ୍ବ୍ରିଜ୍ ୟୁନିଭର୍ସିଟି, ୱାଶିଂଟନ୍ ଏବଂ ହେଫା ୟୁନିଭର୍ସିଟି ତଥା ଆଇଏମ୍‌ଟି ଲୁକା ପକ୍ଷରୁ ମିଳିତ ଭାବେ ୫୭ ଦେଶର ୩,୦୫,୭୨୬ ଜଣ ଲୋକଙ୍କୁ ଏଥିରେ ସାମିଲ କରାଯାଇଥିଲା। ରିସର୍ଚ୍ଚରେ ୩୬ ଦେଶର ମହିଳା ଲୋକଙ୍କ ମସ୍ତିଷ୍କ ପଢ଼ିବାରେ ପୁରୁଷଙ୍କଠାରୁ ଆଗରେ ଥିଲେ। କୌଣସି ଦେଶରେ ☞ପୃଷ୍ଠା-୪



## ଓଡ଼ିଶାରେ ଚିନ୍ତାଜନକ ସ୍ଥିତି ନାହିଁ

### କୋଭିଡ୍ କଟକଣା ଏବେ ନୁହେଁ : ସ୍ୱାସ୍ଥ୍ୟ ସଚିବ

**ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ)**

କରୋନାର ନୂଆ ଭାରିଆଣ୍ଟକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ହେଲେ ଓଡ଼ିଶାରେ ସେଭଳି କିଛି ଚିନ୍ତାଜନକ ପରିସ୍ଥିତି ନ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଚାଇନାରେ କରୋନାର ଯେଉଁ ସ୍ଥିତି ରହିଛି ତା'ର ବହୁତ କାରଣ ରହିଛି। ଏବେ ଆମ ଦେଶରେ ବା ଓଡ଼ିଶାରେ କରୋନାର ବିଏଫ୍.୭ ଭାରିଆଣ୍ଟକୁ ନେଇ ଯେଉଁ ଆଶଙ୍କା କରାଯାଉଛି, ତାହା ଗତ ୩-୪ମାସ ଧରି ଏଠାରେ ରହିଛି। କିନ୍ତୁ ଏହାର କିଛି ବି ସେଭଳି ଗୁରୁତର ପରିଣାମ ହୋଇ ନାହିଁ। କାରଣ ଆମର ୯୦ପ୍ରତିଶତ ଲୋକ ଟିକା ନେଇସାରିଛନ୍ତି। ତେଣୁ ବିଶେଷଜ୍ଞଙ୍କ ପରାମର୍ଶରେ ରାଜ୍ୟ ସରକାର କୌଣସି ପ୍ରକାରର କଟକଣା ଜାରି କରିବେ ନାହିଁ। କେବଳ ଜନଗହଳିପୂର୍ଣ୍ଣ ସ୍ଥାନକୁ ଯିବାବେଳେ ଲୋକେ ସ୍ୱେଚ୍ଛାକୃତ ଭାବେ



ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ନେବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି।

ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଓଡ଼ିଶାରେ କୋଭିଡ୍ ସ୍ଥିତିକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ଏହି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ☞ପୃଷ୍ଠା-୪

# ଭାରତ ଯୋଡ଼

**ଭା**ଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଘୃଣା ବିସ୍ତାର, ବିଭାଜନବାଦୀ ଧ୍ରୁବୀକରଣ ରାଜନୀତି ଓ ବିରୋଧୀଙ୍କୁ ଟାର୍ଗେଟ୍ ପାଇଁ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଅଭିଯୋଗ ଆଣି ଏହାକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ କଂଗ୍ରେସ ଏକ ନୂଆ ଅଭିଯାନ ଚଳାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସେପ୍ଟେମ୍ବର ୭ରେ କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା 'ଭାରତ ଯୋଡ଼ୋ ଯାତ୍ରା' ଆସନ୍ତା ବର୍ଷ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ କଶ୍ମୀରରେ ଶେଷ ହେବାକୁ ଥିଲା। ତେବେ ଏହି ଯାତ୍ରା ୯ ଦିନ ପାଇଁ ଶୀତକାଳୀନ ବିରତି ନେଇଛି। ଜାନୁୟାରୀ ୩ରେ ପୁଣି ଆରମ୍ଭ ହୋଇ ଉତ୍ତର ପ୍ରଦେଶ, ହରିୟାଣା ଓ ପଞ୍ଜାବ ଦେଇ ଜମ୍ମୁ-କଶ୍ମୀର ଅଭିମୁଖେ ବାହାରିବ। ୧୫୦ ଦିନରେ ୩,୫୭୦ କି.ମି. ପଦଯାତ୍ରା କରିବାକୁ ଧାର୍ଯ୍ୟ କରାଯାଇଛି। ଏହି ଯାତ୍ରରେ ରାହୁଲଙ୍କ ସହ ଜଣେ ପରେ ଜଣେ ସେଲିବ୍ରିଟି ଓ ବିଶିଷ୍ଟ ବ୍ୟକ୍ତି ସାମିଲ ହେବାରେ ଲାଗିଛନ୍ତି। ସେମାନଙ୍କ ମଧ୍ୟରୁ ଅମୋଲ ପାଲେକର, ସନ୍ଧ୍ୟା ଗୋଖଲେ, ପୂଜା ଭଟ୍ଟ, ରିୟା ସେନ, ସୁଶାନ୍ତ ସିଂ, ମୋନା ଅମ୍ବେଗାଓଁକର, ସ୍ୱରା ଭାସ୍କର, ରଶ୍ମି ଦେଶାଇ ଓ ଆକାଂକ୍ଷା ପୁରୀଙ୍କ ଭଳି ସିନେ ପର୍ସନାଲିଟି ଏବଂ ଆର୍‌ବିଆଇର ପୂର୍ବତନ ଗଭର୍ନର ଡ. ରଘୁରାମ ରାଜନ, ସାମାଜିକ କର୍ମୀ ମେଧା ପାଟ୍‌କର ଓ ବକ୍ସର ବିଜେନ୍ଦର ସିଂଙ୍କ ପରି ବିଶିଷ୍ଟ ବ୍ୟକ୍ତି ପ୍ରମୁଖ। ଏପରି କି ହଲିଉଡ୍ ଷ୍ଟାର ଜନ୍ କୁସାକ୍ ମଧ୍ୟ ଏହି ଅଭିଯାନ ସପକ୍ଷରେ ଟୁଇଟ୍ କରିଥିଲେ। ସବୁଠୁ ବଡ଼ କଥା ହେଉଛି ରାହୁଲ ଏହି ଯାତ୍ରା ବେଳେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହ ମିଶି ସେମାନଙ୍କ ସୁବିଧା ଅସୁବିଧା ବୁଝୁଛନ୍ତି। ସବୁ ରାଜ୍ୟରେ ତାଙ୍କୁ ଅଭୂତପୂର୍ବ ସମର୍ଥନ ମିଳୁଥିବା ଦଳ ପକ୍ଷରୁ କୁହାଯାଇଛି।



**ଆ**ଉ ମାତ୍ର ଦିନ କେଇଟା ପରେ କ୍ୟାଲେଣ୍ଡର ପୃଷ୍ଠାରୁ ଅପସରିଯିବ ୨୦୨୨। ଏହି ବର୍ଷ ମହାମାରୀ ସଂକ୍ରମଣ ହ୍ରାସ ପାଇବାରୁ କୋଭିଡ୍ କଟକଣା ହଟିବା ପରେ ଦେଶବାସୀ ଆଶ୍ୱସ୍ତ ହୋଇଥିଲେ। ଏଥିସହ ଭାରତୀୟ ରାଜନୀତି ଏହାର ମୂଳ ଧାରାକୁ ଫେରିଥିଲା। ନେତାଙ୍କ ବିବାଦୀୟ ମନ୍ତବ୍ୟ, ବିଦ୍ରୋହଠୁ ନେଇ ୟୁ-ଟର୍ନ ଏବଂ ନିର୍ବାଚନଗୁଡ଼ିକରେ ଐତିହାସିକ ବିଜୟରୁ ମେଗା ରୋଡ୍ ଶୋ' ପର୍ଯ୍ୟନ୍ତ ପଲିଟିକାଲ୍ କରିଡରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମର ମୂକସାକ୍ଷୀ ହୋଇଛି ବିଦାୟୀ ବର୍ଷ। ଏହି ବର୍ଷରେ ରାଜ୍ୟ ତଥା ଜାତୀୟ ରାଜନୀତିରେ ସିବିଆଇ ଏବଂ ଇଡିର ଭୂମିକା ଓ ହସ୍ତକ୍ଷେପ ସର୍ବାଧିକ ଶିରୋନାମା ମଣ୍ଡନ କରିଛି। ବିରୋଧୀଙ୍କ ମତରେ ଦେଶରେ ଏହି ଦୁଇ କେନ୍ଦ୍ରୀୟ ସଂସ୍ଥାର ମେଣ୍ଟ ସରକାର ଚାଲିଛି।

# ସିବିଆଇ-ଇଡି ମେଣ୍ଟ






**ଅ**ଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅତି ତତ୍ପରତା ଦେଖାଇଥିବାରୁ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ସୁଯୋଗ ପାଇଛି ବିପକ୍ଷ। ବିରୋଧୀଙ୍କ ମୁହଁ ବନ୍ଦ ଲାଗି କେନ୍ଦ୍ର ଏହି ଦୁଇ ତଦନ୍ତକାରୀ ସଂସ୍ଥାକୁ ଅସ୍ତ୍ର ରୂପେ ବ୍ୟବହାର କରିଥିବା ଅଭିଯୋଗ ବଢ଼ିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିଏମ୍‌ସି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଏଏପି, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀ ଓ ବିହାରରେ ଲାଲୁ ପ୍ରସାଦ ଯାଦବଙ୍କ ଆର୍‌ଜେଡି କେନ୍ଦ୍ର ସରକାର ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଦର୍ଶାଇ ଟାର୍ଗେଟ୍ କରୁଥିବାବେଳେ ଜୁଲାଇ ୨୧ରେ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡି ଜେରା କରିଥିଲା। ନ୍ୟାଶନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଓ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ମଧ୍ୟ ଇଡି ଏକାଧିକ ଥର ଅଫିସକୁ ଡକାଇ ବିଭିନ୍ନ ପ୍ରଶ୍ନ କରିଥିଲା। ଏହାର ପ୍ରତିବାଦରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସଂସଦରୁ ନେଇ ସଡ଼କ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଗଷ୍ଟ ୨୫ରେ ଖଣି ଲିଜ୍ ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାୟକ ପଦ ରଦ୍ଦ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଥିଲା। ପୂର୍ବରୁ ଜୁଲାଇ ୩୧ରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ୩ ବିଧାୟକ ପଡ଼ୋଶୀ ପଶ୍ଚିମବଙ୍ଗର ହାୱଡା ଜିଲାରେ ୫୦ ଲକ୍ଷ ଟଙ୍କା ସହ ଧରାପଡ଼ିଥିଲେ। ଝାଡ଼ଖଣ୍ଡ ସରକାରକୁ ଭାଙ୍ଗିଦେବା ପାଇଁ ଭାଜପା ଷଡ଼ଯନ୍ତ୍ର ରଚିଥିବା ଜେଏମ୍‌ଏମ୍ ଏବଂ ଏହାର ମେଣ୍ଟ ସହଯୋଗୀ କଂଗ୍ରେସ ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ସେହିପରି ଦିଲ୍ଲୀର ଏଏପି ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ସତ୍ୟେନ୍ଦ୍ର ଜୈନଙ୍କୁ ହାୱଲା ମାମଲାରେ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଅବକାରୀ ଦୁର୍ନୀତି ମାମଲାରେ ଜେରା ସହ ସେମାନଙ୍କ ଘରେ ଚଢ଼ାଉ କରାଯିବା ଉଭୟ ଇଡି ଏବଂ ସିବିଆଇକୁ ବିବାଦ ଘେରକୁ ଟାଣିଥିଲା। ଇତିମଧ୍ୟରେ ସିବିଆଇକୁ ଦିଆଯାଉଥିବା ଜେନେରାଲ କନ୍‌ସେଣ୍ଟ ପ୍ରତ୍ୟାହାରକାରୀ ରାଜ୍ୟ ସଂଖ୍ୟା ୯କୁ ବଢ଼ିଛି। ଛତିଶଗଡ଼, ଝାଡ଼ଖଣ୍ଡ, କେରଳ, ପଞ୍ଜାବ, ରାଜସ୍ଥାନ, ତେଲଙ୍ଗାନା, ପଶ୍ଚିମବଙ୍ଗ ଓ ମିଜୋରାମ ପୂର୍ବରୁ ସାଧାରଣ ସହମତି ପ୍ରତ୍ୟାହାର କରିଥିବାବେଳେ ମାର୍ଚ୍ଚ ୫ରେ ନବମ ରାଜ୍ୟ ଭାବେ ଏହି କ୍ଲବ୍‌ରେ ସାମିଲ ହୋଇଥିଲା ମେଘାଳୟ।

## ଖାର୍ଗେଙ୍କ ହାତରେ କଂଗ୍ରେସ ମଙ୍ଗ



**କଂ**ଗ୍ରେସରେ ନେତୃତ୍ୱ ପରିବର୍ତ୍ତନ ଦାବି ଜୋର୍ ଧରିବା ପରେ ଅକ୍ଟୋବର ୧୯ରେ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏଆଇସିସି ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଖାର୍ଗେଙ୍କ ସପକ୍ଷରେ ୭,୮୯୭ ଖଣ୍ଡ ଭୋଟ ପଡ଼ିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ମାତ୍ର ୧,୦୭୨ ଭୋଟ ପାଇଥିଲେ। ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ଗାନ୍ଧୀ ପରିବାର ବାହାରୁ ସର୍ବପୁରାତନ ଦଳର ମଙ୍ଗ ଧରିବାରେ ଖାର୍ଗେ ହେଉଛନ୍ତି ପ୍ରଥମ। ବିଦାୟୀ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କଠାରୁ ଚାବିକାଠି ନେଇ ଅଧ୍ୟକ୍ଷ ପଦ ସମ୍ଭାଳିବା ପରେ ୮୦ ବର୍ଷୀୟ ଖାର୍ଗେ କହିଥିଲେ, ଆମେ ମହାତ୍ମା ଗାନ୍ଧୀଙ୍କ ସୈନିକ। କାହାକୁ ଭୟ କରୁନାହୁଁ। କଂଗ୍ରେସ କର୍ମୀମାନେ ନିଜ ଭିତରୁ ଭୟକୁ ଦୂର କରିଦେଲେ ସେମାନଙ୍କ ଆଗରେ ବିଶାଳ ସାମ୍ରାଜ୍ୟ ଧରାଶାୟୀ ହୋଇଯିବ।

## ନୀତୀଶଙ୍କ ପଟ ପରିବର୍ତ୍ତନ



**ବି**ହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅଗଷ୍ଟ ୯ରେ ଏନ୍‌ଡିଏ ଛାଡ଼ି ପୁରୁଣା ସହଯୋଗୀ ଲାଲୁ ପ୍ରସାଦ ଯାଦବଙ୍କ ଆର୍‌ଜେଡି ହାତ ଧରିଥିଲେ। ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ମହାମେଣ୍ଟ ସମର୍ଥନରେ କ୍ଷମତାରେ ରହିବାକୁ ପସନ୍ଦ କଲେ। ପୁନର୍ବାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବା ପରେ ନୀତୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ୍ କରି କହିଥିଲେ, ଭାଜପାକୁ ଛାଡ଼ିବା ନିଷ୍ପତ୍ତି ଜେଡିୟୁ ନେଇଛି। ମୁଁ ୨୦୨୪ ପର୍ଯ୍ୟନ୍ତ ଥିବି କି ନାହିଁ କହିହେବ ନାହିଁ। ଯେଉଁମାନେ ୨୦୧୪ରେ କ୍ଷମତାକୁ ଆସିଥିଲେ, ସେମାନେ ୨୦୨୪ରେ ବିଜୟୀ ହେବେ କି? ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ କେନ୍ଦ୍ରରୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀ ଏକତାକୁ ମଜଭୁତ କରିବା ତାଙ୍କ ଲକ୍ଷ୍ୟ।

## ଦ୍ରୌପଦୀ ରାଷ୍ଟ୍ରପତି, ଧନ୍‌କର ଉପରାଷ୍ଟ୍ରପତି



ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଝିଅ ଦ୍ରୌପଦୀ ମୁର୍ମୁ ବିରୋଧୀ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କୁ ହରାଇ ରାଷ୍ଟ୍ରପତି ନିର୍ବାଚିତ ହେବା ସହ ଇତିହାସ ରଚିଲେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ସେ ଦୁଇ-ତୃତୀୟାଂଶ ଭୋଟ ହାସଲ କରି ପ୍ରଥମ ଆଦିବାସୀ ମହିଳା ରୂପେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିଛନ୍ତି। ଏଥିସହ ସେ ସ୍ୱାଧୀନୋତ୍ତର ଭାରତରେ ଜନ୍ମିତ ପ୍ରଥମ ରାଷ୍ଟ୍ରପତି ହେବାର ସୌଭାଗ୍ୟ ମଧ୍ୟ ଲାଭ କରିଛନ୍ତି। ୬୪ ବର୍ଷୀୟା ଦ୍ରୌପଦୀ ଜୁଲାଇ ୨୫ରେ ପଞ୍ଚଦଶ ରାଷ୍ଟ୍ରପତି ରୂପେ ଶପଥ ନେଇଥିଲେ। ଅଗଷ୍ଟ ୬ରେ ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଏନ୍‌ଡିଏ ପକ୍ଷରୁ ତତ୍କାଳୀନ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନ୍‌କରଙ୍କୁ ପ୍ରାର୍ଥୀ କରାଯାଇଥିଲା। ତାଙ୍କ ବିପକ୍ଷରେ ବିରୋଧୀ ରାଜସ୍ଥାନର ପୂର୍ବତନ ରାଜ୍ୟପାଳ ମାର୍ଗାରେଟ୍ ଅଲ୍‌ଭାଙ୍କୁ ଛିଡ଼ା କରାଇଥିଲେ। ଅଲ୍‌ଭାଙ୍କୁ ପରାସ୍ତ କରି ଧନକର ୧୧ ତାରିଖରେ ନୂଆ ଉପରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ।

## ନୂଆ ଦଳ ଗଢ଼ିଲେ ଆଜାଦ



**କଂ**ଗ୍ରେସର ଶୀର୍ଷ ନେତୃତ୍ୱ ପ୍ରତି ପୁଞ୍ଜୀଭୂତ ଅସନ୍ତୋଷର ଦୁଷ୍ପରିଣାମ ଅଗଷ୍ଟ ୨୬ରେ ଦେଖିବାକୁ ମିଳିଥିଲା। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମନବୀ ଆଜାଦ କଂଗ୍ରେସ ସହ ଦୀର୍ଘ ୫୦ ବର୍ଷର ସମ୍ପର୍କ ଛିନ୍ନ କରିଥିଲେ। ତତ୍କାଳୀନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ସେ ପଠାଇଥିବା ଇସ୍ତଫାପତ୍ରରେ କଂଗ୍ରେସ 'ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦର୍ଶାଇ ରାହୁଲ ଗାନ୍ଧୀଙ୍କୁ ଏକ 'ରିମୋଟ୍ କଣ୍ଟ୍ରୋଲ ମଡେଲ' ଭାବେ ଅଭିହିତ କରିଥିଲେ। ଜି-୨୩ ଗୋଷ୍ଠୀର ୭୩ ବର୍ଷୀୟ ସଦସ୍ୟ ଆଜାଦଙ୍କ ଦଳତ୍ୟାଗ କଂଗ୍ରେସ ପାଇଁ ଥିଲା ଏକ ଶକ୍ତ ଝଟ୍‌କା। ଇସ୍ତଫା ଦେବାର ଠିକ୍ ମାସକ ପରେ ସେ ଡେମୋକ୍ରାଟିକ୍ ଆଜାଦ ପାର୍ଟି ନାମରେ ନୂଆ ରାଜନୈତିକ ଦଳ ଗଠନ କରିଥିଲେ।

## ଜାତୀୟ ରାଜନୀତିରେ କେସିଆର୍



ଟିଆର୍‌ଏସ୍ ହେଲା ବିଆର୍‌ଏସ୍

୨୦୨୪ ସାଧାରଣ ନିର୍ବାଚନରେ ଜାତୀୟ ସ୍ତରରେ ବଡ଼ ଭୂମିକା ନେବାକୁ ଲକ୍ଷ୍ୟ ରଖିଥିବା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଅକ୍ଟୋବର ୫ରେ ତାଙ୍କ ଦଳ ତେଲଙ୍ଗାନା ରାଷ୍ଟ୍ର ସିମିତି (ଟିଆର୍‌ଏସ୍) ନାଁ ବଦଳାଇ ଏହାକୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଭାବେ ନାମିତ କରିଛନ୍ତି। ୨୦୨୩ରେ ହେବାକୁ ଥିବା ତେଲଙ୍ଗାନା ବିଧାନସଭା ନିର୍ବାଚନରେ ବିଜୟୀ ହେବା ପାଇଁ ଉଦ୍ୟମ ଜାରି ରଖିଥିବା ଭାଜପା ଜୁଲାଇ ୨ରେ ହାଇଦ୍ରାବାଦରେ ଜାତୀୟ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିଥିଲା। ଗୈରିକ ଦଳ ଏହାକୁ ମୋଦିଙ୍କ ମିଶନ ସାଉଥ୍ ଆଖ୍ୟା ଦେଇଥିବାବେଳେ କେସିଆର୍ କହିଥିଲେ, ତୁମେ ମୋ ସରକାର ଭାଙ୍ଗିଲେ ମୁଁ ମୁକ୍ତ ହୋଇଯିବି ଏବଂ ଦିଲ୍ଲୀରେ ତୁମ ସରକାର ଭାଙ୍ଗିଦେବି।



## ମହାରାଷ୍ଟ୍ରରେ ମହାନାଟକ

**ମ**ହାରାଷ୍ଟ୍ରରେ କ୍ଷମତାସୀନ ଶିବସେନାରେ କ୍ୟାବିନେଟ୍ ମନ୍ତ୍ରୀ ଏକନାଥ ଶିନ୍ଦେ ବିଦ୍ରୋହ ଘଟାଇ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ହାତରୁ କ୍ଷମତା ଛଡ଼ାଇନେବା ଥିଲା ବିଦାୟୀ ବର୍ଷରେ ସର୍ବାଧିକ ଚର୍ଚ୍ଚିତ ରାଜନୈତିକ ଘଟଣାକ୍ରମ। ଜୁନ୍ ୨୧ରେ ଶିନ୍ଦେ ୩୦ ବିଧାୟକଙ୍କୁ ଧରି ଗୁଜରାଟର ସୁରଟସ୍ଥିତ ଏକ ହୋଟେଲରେ ଥିବା ଜଣାପଡ଼ିଥିଲା। ଉଦ୍ଧବ ଶିନ୍ଦେଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ଶିନ୍ଦେ ଗୁଆହାଟୀର ଏକ ହୋଟେଲରେ ଶିବସେନାର ବହୁ ବିଧାୟକଙ୍କ ସହ ଅବସ୍ଥାନ କରିଥିଲେ। ଶିନ୍ଦେ ଗୋଷ୍ଠୀ ମୁମ୍ବାଇ ଫେରିବା ପରେ ଭାଜପାର ବିଧାୟକମାନଙ୍କୁ ମିଶାଇ ମୋଟ ୧୭୦ ଏମ୍‌ଏଲ୍‌ଏଙ୍କ ସମର୍ଥନ ସମ୍ବଳିତ ପତ୍ର ରାଜ୍ୟପାଳଙ୍କୁ ଦେଇଥିଲେ। ଶିବସେନାରେ ବିଦ୍ରୋହ କରି ଅଢ଼େଇ ବର୍ଷିଆ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରର ପତନ ଘଟାଇଥିବା କୋପ୍‌ରି-ପଚପାଖଡ଼ି ବିଧାୟକ ଶିନ୍ଦେ ୩୦ ତାରିଖରେ ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ।



## ୭ ରାଜ୍ୟରେ ବିଧାନସଭା ନିର୍ବାଚନ



ପଞ୍ଜାବରେ ନୂଆ ଧାରା, ହିମାଚଳରେ ସୁଖୁ ସରକାର

**ଫେ**ବୃୟାରୀ ୧୪ରୁ ମାର୍ଚ୍ଚ ୭ ମଧ୍ୟରେ ଗୋଆ, ଉତ୍ତରାଖଣ୍ଡ, ପଞ୍ଜାବ, ମଣିପୁର ଓ ଉତ୍ତରପ୍ରଦେଶ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ନଭେମ୍ବର ୧୨ରେ ହିମାଚଳ ପ୍ରଦେଶ ଏବଂ ଡିସେମ୍ବର ୧ ଓ ୫ ତାରିଖରେ ଗୁଜରାଟ ବିଧାନସଭା ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ଦିଲ୍ଲୀରେ କ୍ଷମତାସୀନ ଏଏପି ପଞ୍ଜାବ ବିଧାନସଭା ଦଖଲ କରିବା ସହ ଭଗୱନ୍ତ ମାନ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ଅନ୍ୟପକ୍ଷେ ୟୁପି, ଉତ୍ତରାଖଣ୍ଡ, ମଣିପୁର, ଗୋଆ ଓ ଗୁଜରାଟରେ ଶାସକ ଭାଜପା ପୁନର୍ବାର କ୍ଷମତାକୁ ଫେରିଥିଲା। କିନ୍ତୁ ହିମାଚଳ ଭୋଟର ମୋଦି-ଶାହା ଯୋଡ଼ିଙ୍କ ବିଜୟ ରଥକୁ ଅଟକାଇ କଂଗ୍ରେସ ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ସୁଖବିନ୍ଦର ସିଂ ସୁଖୁଙ୍କୁ ରାଜ୍ୟ ଶାସନର ସୁଯୋଗ ଦେଇଥିଲେ।



ବିଶ୍ୱକପ୍ ହକି ପାଇଁ ନିମନ୍ତ୍ରଣ

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ନିରଞ୍ଜନ ପୂଜାରୀ।



ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ।



ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ।



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ନିକଟରେ ଅଛନ୍ତି ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ।



ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ଅଶ୍ୱିନୀ ପାତ୍ର।



ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ।



ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା।

# ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କଲେ ଓଡ଼ିଶା ମନ୍ତ୍ରୀ

## ବିଶ୍ୱକପ୍ ହକି

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଓଡ଼ିଶାରେ ଆୟୋଜିତ ହେଉଥିବା ପୁରୁଷ ହକି ବିଶ୍ୱକପ୍ ଦେଖିବା ପାଇଁ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ନିମନ୍ତ୍ରଣ କରିଥିବା ବେଳେ ବୁଧବାର ଆଉ ୮ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ନୂଆଦିଲ୍ଲୀଠାରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କୁ ସାକ୍ଷାତ କରି ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ରୁପାର ଅଶୋକଚକ୍ର ଓ ବିଶ୍ୱକପ୍ ହକିର ଜର୍ସି ପ୍ରଦାନ କରିଛନ୍ତି। ସେହିପରି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ନିମନ୍ତ୍ରଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଏସ୍‌ସି, ଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ରାଞ୍ଚିଠାରେ ସୋରେନଙ୍କୁ ଭେଟି ନିମନ୍ତ୍ରଣପତ୍ର ଦେଇଛନ୍ତି। ନିମନ୍ତ୍ରଣପତ୍ର ସହ ହକି ଜର୍ସି ଓ ରୁପାର ଅଶୋକଚକ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ସାଦରରେ ଗ୍ରହଣ କରିବା ସହ ନିମନ୍ତ୍ରଣ ପାଇଁ ସୋରେନ ଧନ୍ୟବାଦ ଜଣାଇଛନ୍ତି। ଯଥାସମ୍ଭବ ଓଡ଼ିଶା ଆସି ହକି ମହାକୁମ୍ଭରେ ସାମିଲ ହେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଚେନ୍ନାଇଠାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନଙ୍କୁ ସାକ୍ଷାତ କରି ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ସେ ପୁଡୁଚେରି ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀଙ୍କୁ ମଧ୍ୟ ହକି ବିଶ୍ୱକପ୍‌କୁ ଆସିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିମନ୍ତ୍ରଣପତ୍ର ଦେଇଛନ୍ତି। ସେ ତାମିଲନାଡୁର କ୍ରୀଡ଼ାମନ୍ତ୍ରୀ ଉଦୟନାଥ ଷ୍ଟାଲିନଙ୍କୁ ମଧ୍ୟ ନିମନ୍ତ୍ରଣ କରିଛନ୍ତି। ସେହିପରି ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପାଟନାଠାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟି ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣ କରିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ହକି ବିଶ୍ୱକପ୍ ପାଇଁ ଆମନ୍ତ୍ରଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଦିତ୍ୟନାଥଙ୍କୁ ଲକ୍ଷ୍ନୌଠାରେ ସାକ୍ଷାତ କରି ନିମନ୍ତ୍ରଣପତ୍ର ସହ ବିଶ୍ୱକପ୍ ଜର୍ସି ପ୍ରଦାନ କରିଛନ୍ତି। ସେହିପରି ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ଡେରାଡୁନଠାରେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣପତ୍ର ଓ ଜର୍ସି ପ୍ରଦାନ କରିଛନ୍ତି। ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଜୟପୁରଠାରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ତରଫରୁ ନିମନ୍ତ୍ରଣପତ୍ର ଓ ହକି ଜର୍ସି ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ହକି ବିଶ୍ୱକପ୍ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଓଡ଼ିଶାକୁ ନିମନ୍ତ୍ରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୧୯ ଜଣ ମନ୍ତ୍ରୀ ବିଭିନ୍ନ ରାଜ୍ୟକୁ ଯାଇ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣପତ୍ର ପ୍ରଦାନ କରୁଛନ୍ତି।







# କ୍ୟାଲେଣ୍ଡର 'ନୟା ବର୍ଷ, ନୟା ସଂକଳ୍ପ' ଉନ୍ମୋଚିତ

**ନୂଆଦିଲ୍ଲୀ,୨୮।୧୨**

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ବୁଧବାର ଭାରତ ସରକାରଙ୍କ ଅଫିସିଆଲ କ୍ୟାଲେଣ୍ଡର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଅନୁରାଗ କହିଛନ୍ତି, ସରକାରୀ କ୍ୟାଲେଣ୍ଡର ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍‌କା ସାଥ୍ ସବ୍‌କା ବିକାଶ, ସବ୍‌କା ବିଶ୍ୱାସ'ର ଏକ ପ୍ରତିଫଳନ। ବିକାଶଶୀଳ ଭାରତକୁ ଦର୍ଶାଉଥିବା ୧୨ଟି ଛବିର ଏହା ଏକ ଆକର୍ଷଣୀୟ ସଙ୍କଳନ। ୧୨ ମାସ ପାଇଁ ଏହି ୧୨ ଥିମ୍ ବା ବିଷୟବସ୍ତୁ କେନ୍ଦ୍ର ସରକାରଙ୍କ ଜନମଙ୍ଗଳକାରୀ ଉଦ୍ୟମଗୁଡ଼ିକୁ ପ୍ରତିପାଦନ କରୁଛି। ନୂଆବର୍ଷର ଥିମ୍ 'ନୟା ବର୍ଷ, ନୟା ସଂକଳ୍ପ' ସରକାରଙ୍କ ସଫଳତା ଓ ଭବିଷ୍ୟତ ପ୍ରତିଶ୍ରୁତିବଦ୍ଧତାକୁ ସୂଚାଉଛି। ଏହି କ୍ୟାଲେଣ୍ଡରର ୧୧ ଲକ୍ଷ କପି ଛପାଯିବ। ସେଥିରୁ ୨.୫ କପି ଆଞ୍ଚଳିକ ଭାଷାରେ ଆସିବ। ୧୩ଟି ଭାଷାରେ ମୁଦ୍ରିତ ଏହି କ୍ୟାଲେଣ୍ଡରଗୁଡ଼ିକୁ ଦେଶର ସମସ୍ତ ସରକାରୀ ଅଫିସ ଓ ପଞ୍ଚାୟତରେ ବିତରଣ କରାଯିବ ବୋଲି ଅନୁରାଗ ସୂଚନା ଦେଇଛନ୍ତି।




କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଓ ଅଧିକାରୀମାନେ କ୍ୟାଲେଣ୍ଡରକୁ ଉନ୍ମୋଚନ କରୁଛନ୍ତି।

## ୨ ରୁଷୀୟ ପର୍ଯ୍ୟଟକ ମୃତ୍ୟୁ ମାମଲା

# ଗାଇଡ୍, ଇନୋଭା ଡ୍ରାଇଭରଙ୍କୁ କ୍ରାଇମ୍‌ବ୍ରାଞ୍ଚର ପଚରାଉଚରା

**କଟକ ଅଫିସ,୨୮।୧୨**

ରାୟଗଡ଼ାରେ ୨ ରୁଷୀୟ ପର୍ଯ୍ୟଟକଙ୍କ ଅପମୃତ୍ୟୁ ମାମଲାର ତଦନ୍ତ ଭାର ରାଜ୍ୟ କ୍ରାଇମବ୍ରାଞ୍ଚ ହାତକୁ ନେଇଛି। ଏ ନେଇ କ୍ରାଇମବ୍ରାଞ୍ଚ ଦ୍ୱାରା ଦୁଇଟି ମାମଲା ରୁଜୁ ହୋଇଛି। ମୃତ ପର୍ଯ୍ୟଟକଙ୍କ ସହ ଜଡ଼ିତ ଥିବା ଗାଇଡ୍ ଓ ସେମାନେ ବ୍ୟବହାର କରୁଥିବା ଇନୋଭା ଗାଡ଼ିର ଡ୍ରାଇଭରଙ୍କୁ କ୍ରାଇମବ୍ରାଞ୍ଚ ପଚରାଉଚୁରା କରୁଥିବା ସୂଚନା ମିଳିଛି।

ରାୟଗଡ଼ାରେ ୨ ରୁଷୀୟ ପର୍ଯ୍ୟଟକ ଭ୍ଲାଡିମିର ବିଦାନୋଭ ଓ ତାଙ୍କ ସାଥୀ ଆଣ୍ଟୋଭ ପାଭେଲଙ୍କ ଅପମୃତ୍ୟୁ ମାମଲାର ତଦନ୍ତ କରିବା ପାଇଁ ଡିଜିପି ସୁନୀଲ ବଂଶଲ କ୍ରାଇମବ୍ରାଞ୍ଚକୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚର ଏକ ଦଳ ରାୟଗଡ଼ାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁଇ ବିଦେଶୀ ପର୍ଯ୍ୟଟକଙ୍କ ଅପମୃତ୍ୟୁକୁ ନେଇ ରାୟଗଡ଼ା ଥାନାରେ ରୁଜୁ ହୋଇଥିବା ୨ ପୃଥକ ମାମଲା(ନଂ. ୩୪,୩୫/୨୦୨୨)ର ତଦନ୍ତ ଭାର ରାଜ୍ୟ କ୍ରାଇମବ୍ରାଞ୍ଚ ହାତକୁ ନେଇ ମାମଲା (ନଂ.୨,୩/୨୦୨୨) ରୁଜୁ କରିଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ତପନ କୁମାର ଦାଶଙ୍କ ନେତୃତ୍ୱରେ ୫ ଜଣିଆ ତଦନ୍ତକାରୀ ଦଳ ଗଠନ ହୋଇଛି। ଏଥିରେ ୨ ଜଣ ଇନ୍ସପେକ୍ଟର ଓ ଜଣେ ଏଏସ୍‌ଆଇ ସାମିଲ ଅଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଦଳ ରାୟଗଡ଼ା ଜିଲା ପୋଲିସ ସହ ନିୟମିତ ସମ୍ପର୍କରେ ରହି ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ସମ୍ପର୍କିତ ମେଡିକାଲ ଓ ପୋଲିସଠାରୁ ସମସ୍ତ କାଗଜପତ୍ର ଓ ଫଟୋଗ୍ରାଫ ସଂଗ୍ରହ କରୁଛି। ଦୁଇ ପର୍ଯ୍ୟଟକଙ୍କ ସହ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଟୁର୍‌ରେ ଯାଉଥିବା ଗାଇଡ୍ ଜିତେନ୍ଦ୍ର ସିଂହ ଓ ସେମାନେ ବ୍ୟବହାର କରୁଥିବା ଇନୋଭା କାର୍‌ର ଡ୍ରାଇଭର ନଟବର ମହାନ୍ତିଙ୍କୁ ମଧ୍ୟ ପଚରାଉଚୁରା କରାଯାଉଛି। ଦୁଇ ପର୍ଯ୍ୟଟକଙ୍କ ପାସ୍‌ପୋର୍ଟ ସମେତ ଭାରତ ଭ୍ରମଣ ସମ୍ପର୍କିତ ସମସ୍ତ କାଗଜପତ୍ରକୁ କ୍ରାଇମବ୍ରାଞ୍ଚ ସଂଗ୍ରହ କରୁଛି। ଏଥିସହ ଅନ୍ୟ ୨ ରୁଷୀୟ ପର୍ଯ୍ୟଟକ ତୁରଭ ମିଖାଇଲ ଓ ପାନାସାଙ୍କୋ ନାତାଲିଆଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ପଚରାଉଚରା କରାଯାଉଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।



**ଆଜିର ମନ୍ତବ୍ୟ**

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀଙ୍କ ଅଭିଯାନକୁ ପ୍ରଶ୍ରୟ ଦେଉଥିବା ବ୍ୟବସ୍ଥା ସ୍ଥାନୀୟ ଲୋକଙ୍କ କ୍ଷତି କରୁଛି। ଏହାକୁ ଦୃଢ଼ହସ୍ତରେ ଦମନ କରାଯିବା ସମୟ ଉପନୀତ। -**ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

## ଟିଡିପି ରାଲିରେ ଦଳା ଚକଟା: ୮ ମୃତ

ନେଲ୍ଲୁର,୨୮।୧୨: ଆନ୍ଧ୍ରପ୍ରଦେଶ ନେଲ୍ଲୁର ଜିଲା କାଣ୍ଡୁକୁରୁରେ ବୁଧବାର ତେଲୁଗୁ ଦେଶମ ପାର୍ଟି(ଟିଡିପି) ନେତା ଚନ୍ଦ୍ରବାବୁ ନାଇଡୁଙ୍କ ଏକ ରାଲି ବେଳେ ଦଳାଚକଟା ଘଟି ୮ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ସମସ୍ତେ ଟିଡିପି କର୍ମୀ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଶତାଧିକ ଆହତ ହୋଇଥିବାବେଳେ ଅନେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଗ ଶିମିଳି କପା କାଠ**
**ମୂର୍ଖ ସାଙ୍ଗରେ ନ ଚାଲିବ ବାଟ**
**ଯେବେ ମୂର୍ଖ ସାଙ୍ଗେ ଚାଲିବ ବାଟ**
**କହୁଣୀ ଖାଇବ ରଟ ରଟ ।**

ଶାଗ, ଶିମିଳି ଓ କପା କାଠ ନିଜ ନିଜ ସ୍ତରରେ ଅଯୋଗ୍ୟ ହେବା ଭଳି ମୂର୍ଖ ଲୋକ କୌଣସି ଗୁଣକୁ ସରି ହୋଇ ନ ଥାନ୍ତି। ସାଧାରଣତଃ ମୂର୍ଖ ବ୍ୟକ୍ତି ବିଚାର ବୁଦ୍ଧି ଶୂନ୍ୟ ହୋଇଥାନ୍ତି। ଭଲ ଓ ଖରାପ ମଧ୍ୟରେ ଥିବା ପ୍ରଭେଦକୁ ସେମାନେ ଠଉରେଇ ପାରି ନ ଥାନ୍ତି। ଏପରି ବ୍ୟକ୍ତିଙ୍କ ସହ ସମ୍ପର୍କ ଯୋଡ଼ିଲେ ଭବିଷ୍ୟତରେ ନାନା ଅସୁବିଧାରେ ପଡ଼ିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶୁଣ୍ଢୀ ଦୁଆରେ ଦୁଧ ପିଇଲେ**
**ସମସ୍ତେ କହିବେ ମଦ**
**ଗଉଡ଼ ଦୁଆରେ ମଦ ପିଇଲେ**
**ସମସ୍ତେ କହିବେ ଦୁଧ ।**

ସ୍ଥାନ କାଳ ପାତ୍ରର ବିଶେଷ ମହତ୍ତ୍ୱ ରହିଆସିଛି। ଭଲ ସ୍ଥାନରେ ମନ୍ଦ କାର୍ଯ୍ୟ କଲେ ତାହା ଆଖିକୁ ଖରାପ ଜଣା ଯାଇ ନ ଥାଏ। ସେହିପରି ମନ୍ଦ ସ୍ଥାନରେ ଯେତେ ଭଲ କର୍ମ କଲେ ମଧ୍ୟ ତାହା ଆଖିକୁ ସୁନ୍ଦର ଲାଗି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ମାର୍ଚ୍ଚ ସୁଦ୍ଧା କୃଷି ବିଭାଗ ମୂଳ ପଦବୀ ପୂରଣ ହେବ

## ଜାନୁୟାରୀ ୧୫ ସୁଦ୍ଧା ଅର୍ଥ ବିଭାଗର ଅନୁମୋଦନ ପାଇଁ ପଠାଯିବ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

କୃଷି ବିଭାଗର ବିଭିନ୍ନ ନିର୍ଦ୍ଦେଶାଳୟରେ ଖାଲିଥିବା ମୂଳ ପଦବୀ ଯଥା ସହକାରୀ କୃଷି ଅଧିକାରୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ, ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମଚାରୀ,ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ, ସହକାରୀ କୃଷି ଯନ୍ତ୍ରୀ ଇତ୍ୟାଦି ପଦବୀ ଶୀଘ୍ର ପୂରଣ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କୃଷି ଭବନଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗରେ ଖାଲିଥିବା ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରି ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ କରାଯାଉଛି ବୋଲି କହିଛନ୍ତି ।

ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅନ୍ତର୍ଗତ କୃଷି ଓ ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟରେ ବିଭିନ୍ନ ପଦବୀଗୁଡ଼ିକର କ୍ୟାଡର ପୁନର୍ଗଠନ ଏବଂ ଖାଲିଥିବା ମୂଳ ପଦବୀରେ ନିଯୁକ୍ତି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ଖାଲି ପଦବୀ ନିଯୁକ୍ତି ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗ ସଚିବ, ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ସଚିବ ଏବଂ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ସଚିବଙ୍କ ସହ ଆଲୋଚନା କରାଯାଇଛି । ସମସ୍ତ ନୂତନ ନିଯୁକ୍ତି ପ୍ରକ୍ରିୟାକୁ ଆସନ୍ତା ମାର୍ଚ୍ଚ ସୁଦ୍ଧା ଶେଷ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ସେହିପରି ଅଦ୍ୟାବଧି ଖାଲିଥିବା ସମସ୍ତ ପଦବୀ ପୂରଣ ନିମନ୍ତେ ଆସନ୍ତା ଜାନୁୟାରୀ ୧୫ ସୁଦ୍ଧା ଅର୍ଥ ବିଭାଗର ଅଧିକାରପ୍ରାପ୍ତ କମିଟିର ମଞ୍ଜୁର ପାଇଁ ପଠାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଓଡ଼ିଶା କୃଷି ସେବା ସଂଘର କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନଙ୍କ ସହ ବିଭିନ୍ନ ପଦବୀର କ୍ୟାଡର ପୁନର୍ଗଠନ ନିମନ୍ତେ ସଂଘଗୁଡ଼ିକ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକର ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି । ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଏବଂ କୃଷକମାନଙ୍କ ନିକଟରେ ସେସବୁକୁ ଠିକ୍ ଭାବରେ ପହଞ୍ଚାଇବା ନିମନ୍ତେ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଅଧିକ ଯତ୍ନବାନ ହେବା ନିମନ୍ତେ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଓଡ଼ିଶା ଉଦ୍ୟାନ କୃଷି ଅଧିକାରୀ ସଂଘ ଏବଂ ଗ୍ରାମ୍ୟ କୃଷି କର୍ମଚାରୀ(ଭିଏଡବ୍ଲ୍ୟୁ) ଏବଂ ଓଭରସିୟର ସଂଘର କର୍ମକର୍ତ୍ତାମାନେ ଯୋଗଦେବା ସହ କ୍ୟାଡର ପୁନର୍ଗଠନ ନିମନ୍ତେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ସଚିବ ସଞ୍ଜୀବ ଚଢ଼ା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଓଡ଼ିଶା ଲୋକସେବା ଆୟୋଗ ସଚିବ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ସଚିବ, ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ସଚିବ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ସମେତ ବିଭିନ୍ନ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅତି ପ୍ରିୟ ବ୍ୟକ୍ତିଙ୍କ ନିକଟ ଭବିଷ୍ୟତରେ ଅନୁପସ୍ଥିତିରେ କଳ୍ପନାକରି ମନ ବ୍ୟାକୁଳ ହୋଇପାରେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ଅଯାଚିତ ଭାବେ ପାଇବେ। ଉପରିସ୍ଥଙ୍କ ନିର୍ଦ୍ଦେଶରେ କର୍ମକ୍ଷେତ୍ରରେ ବହୁତ ଦାୟିତ୍ୱ ହାତକୁ ନେବାକୁ ପଡ଼ିବ। ଅବଶ୍ୟ ମନେ ମନେ ଚିନ୍ତା କରିଥିବା କାମ ହାସଲ କରିବେ ଓ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ବୃଷ** ସାଧାରଣ କଥାକୁ କେନ୍ଦ୍ରକରି ହଠାତ୍ କୌଣସି ଆତ୍ମୀୟଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଜୋରଦାର ଉଦ୍ୟମ କରି ସଫଳ ମଧ୍ୟ ହେବେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥକେନ୍ଦ୍ରିକ ହୋଇପଡ଼ିବ। ପରିବାର ଭିତରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** ମଧୁର ବ୍ୟବହାର ଦ୍ୱାରା ଅନ୍ୟକୁ ସହଜରେ ଆକର୍ଷିତ କରିପାରିବେ। ଅତି ନିକଟତର ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପାରିବାରିକ ଅଶାନ୍ତି କ୍ରମଶଃ ବଢୁଥିବାରୁ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**କର୍କଟ** ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। ଅତ୍ୟାବଶ୍ୟକ ଜିନିଷଟି ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା ହେତୁ କାମଗୁଡ଼ିକ ସକାଶେ ସାମୟିକ ବାଧା ସୃଷ୍ଟି ହୋଇପାରେ।

**ସିଂହ** ଆଜି କୌଣସି ଦୁଃଖଦ ଖବର ମନକୁ ସାମୟିକ ବିଚଳିତ କରିପାରେ। ଆଲୋଚନା କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସତ କଥା କହିବାରୁ କେତେକ କ୍ଷେତ୍ରରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କର୍ମକ୍ଷେତ୍ରରେ କର୍ମଚାରୀ ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା** ନୂତନ କର୍ମାରମ୍ଭ ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ଆନୁଷ୍ଠାନିକ କାମରେ ଅନ୍ୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ କିନ୍ତୁ କେବଳ କଥାରେହିଁ ତାହା ସୀମିତ ରହିବ।

**ତୁଳା** ଆଜିର କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ମତଭେଦ ଘଟିବାର ସମ୍ଭାବନା ରହିଛି। ପ୍ରିୟବନ୍ଧୁଙ୍କ ସୌହାର୍ଦ୍ଦ୍ୟରୁ ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ ହେବେ। ଦୀର୍ଘ ଦିନରୁ ଆଶା କରିଥିବା କୌଣସି ଖବର ଆଜି ଅପରାହ୍ନେ ପାଇ ଖୁସି ହୋଇପାରନ୍ତି। ଆର୍ଥିକ ସଂକଟ କାର୍ଯ୍ୟସାଧନରେ କେତେକ ବ୍ୟତିକ୍ରମ ସୃଷ୍ଟି କରିବ।

**ବିଛା** କାହାର ସମର୍ଥନ ନ ପାଇ କେତେକ କାମରେ ଦୂରେଇ ରହିବାକୁ ବାଧ୍ୟ ହେବେ । ଗାଡ଼ି, ପୁରୁଣା ଘର ମରାମତି ସକାଶେ ନୂତନ ଯୋଜନା ପ୍ରଣୟନ କରିପାରନ୍ତି। ଅଟକି ରହିଥିବା କାମ ଯଥାବିଧି ସମ୍ପନ୍ନ ହେବ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଅପ୍ରିୟ ସତ କହି ବିରୋଧୀ ହୋଇପାରନ୍ତି।

**ଧନୁ** କାମର ଚାପ ହେତୁ କ୍ଲାନ୍ତି ଅନୁଭବ କରିବେ। ବ୍ୟବସାୟ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ ନ କଲେ ମନସ୍ତାପ କରିବାକୁ ପଡ଼ିପାରେ। କେତେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ, ମାତ୍ର ଇଚ୍ଛା କରୁଥିବା ଜିନିଷଟି ନିଶ୍ଚିତ ପାଇପାରିବେ। କର୍ମକ୍ଷେତ୍ରରେ ନିଜର ଅନଚ୍ଛାଜନିତ ପ୍ରତିକ୍ରିୟାକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ମକର** ସମୟର ପ୍ରତିକୂଳତା ହେତୁ ଘରେ ଓ ବାହାରେ ସବୁଠି ଅଶାନ୍ତିର ଝଲକ ଅନୁଭବ କରିବେ। ନିଜ ଲୋକଙ୍କୁ ଛାଡ଼ି ପାରିବେ ନାହିଁ କିମ୍ବା ସେମାନଙ୍କ ଉପରେ ଭରସା କରିପାରିବେ ନାହିଁ। ସଭାସମିତି, ପରିବହନ, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିବା ସକାଶେ ବିଭିନ୍ନ ଯୋଜନା କରିବେ।

**କୁମ୍ଭ** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା କିମ୍ବା ବିଶୃଙ୍ଖଳାକୁ ନେଇ ମନ ଭାରାକ୍ରାନ୍ତ ରହିପାରେ। ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ ସମସ୍ୟା ପ୍ରତି ବୀତସ୍ପୃହ ରହିପାରନ୍ତି। କେତେକ କ୍ଷେତ୍ରରେ ସ୍ୱକୀୟ ମତ ପୋଷଣ କରି ସମାଲୋଚିତ ହେବାକୁ ପଡିବ। ପିଲାଙ୍କ ବିବାହ ସମ୍ପର୍କୀୟ ପ୍ରସ୍ତୁତି ସକାଶେ ବନ୍ଧୁଙ୍କ ସହ ଆଲୋଚନା ଆରମ୍ଭ କରିବେ।

**ମୀନ** କାମରେ ଅଗ୍ରଗତି ଓ ଜମିଜମା କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିବ। ପୂର୍ବରୁ କଳହ ଲାଗିଥିବା ନିକଟ ସମ୍ପର୍କୀୟ ବନ୍ଧୁ ପ୍ରତି ସତର୍କ ରୁହନ୍ତୁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରିବେ ନାହିଁ। ପର କଥାରେ ମୁଣ୍ଡ ପୂରାଇଲେ ଅଯଥା ଟେନ୍‌ସନ ବଢ଼ିବ।

ଆଜି ଡିସେମ୍ବର ୨୯ ତାରିଖ, ଦଶମ ଶିଖଗୁରୁ ଗୋବିନ୍ଦ ସିଂହଙ୍କ ଜୟନ୍ତୀ, ପୌଷ ଶୁକ୍ଳ ସପ୍ତମୀ, ଗୁରୁବାର, ରାଶି ନକ୍ଷତ୍ର-ପୂର୍ବଭାଦ୍ରବ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୪ ମି. ଗତେ ଘ.୦୭।୫୦ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୦୯ମି. ଗତେ ଘ.୦୨।୩୦ମି. ମଧ୍ୟେ ରାହୁକାଳ ।।

## ପାଭେଲ: ଆତ୍ମହତ୍ୟା ...

ସର୍ତ୍ତରେ କହିଛନ୍ତି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିବା ପରେ ଏହି ଘଟଣା ଅଧିକ ସନ୍ଦେହ ବଢ଼ାଇ ଦେଇଛି। ବୁଧବାର ସକାଳ ୧୦ଟା ସମୟରେ ପ୍ରଥମେ ଆମେ ସାଇ ଇଣ୍ଟରନ୍ୟାଶନାଲ ହୋଟେଲରେ ପହଞ୍ଚି ପାଭେଲଙ୍କ ମୃତ୍ୟୁ ଘଟିଥିବା ସ୍ଥାନକୁ ଯାଇଥିଲୁ। ପାଭେଲଙ୍କ ମୃତ ଶରୀର ଯେଉଁଠି ପଡ଼ିଥିଲା ସେଠାରେ ବିନ୍ଦୁଟିଏ ମଧ୍ୟ ରକ୍ତ ଦେଖିବାକୁ ମିଳି ନ ଥିଲା। ଏମିତିକି ସେଠାରେ ବହୁ ବଡ଼ ଆକାରର ଲୁହା ଯନ୍ତ୍ରପାତି ପଡ଼ିଥିବା ସତ୍ତ୍ୱେ ପାଭେଲ ତାହା ଉପରେ ପଡ଼ି ନ ଥିଲେ ବୋଲି କୁହାଯାଉଛି। ହେଲେ ମୃତ୍ୟୁ ଘଟିଥିବା ସ୍ଥାନ ଦେଖିଲେ ଏହା ସେତେଟା ସମ୍ଭବପର ଲାଗୁନାହିଁ । ଅନ୍ୟପଟେ ପାଭେଲ ତାଙ୍କ ରୁମ୍‌ରୁ ମୃତ୍ୟୁ ସ୍ଥାନରେ ପଡ଼ିବା ସମ୍ଭବପର ନୁହେଁ । କାରଣ ରୁମ୍‌ର ସବୁ ଝରକାରେ ଗ୍ରୀଲ୍ ପୂର୍ବଭଳି ଥିଲା। ତେଣୁ ସେଠାରୁ ସେ ଡେଇଁବା ସମ୍ଭବପର ହୋଇ ନ ପାରେ। ଯଦି ଦୁଇ ମହଲା ଉପରୁ ପାଭେଲ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥାନ୍ତି ତେବେ ମୃତ୍ୟୁ ସ୍ଥାନକୁ ଦେଖିଲେ ସେହି କଥାକୁ କେହି ବିଶ୍ୱାସ କରିବେ ନାହିଁ। ତେବେ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପାଭେଲଙ୍କ ମରଶରୀର ଯେଉଁଠି ମିଳିଥିଲା ସେହି ସ୍ଥାନକୁ ଏ ପର୍ଯ୍ୟନ୍ତ ସିଲ୍ କରାଯାଇନାହିଁ। ତେବେ ସେଠାରେ ଆମେ ଥିବା ସମୟରେ ମଧ୍ୟ ପ୍ରଥମେ ଜଣେ ସିକ୍ୟୁରିଟି ଗାର୍ଡ ଜାଗା ଛାଡ଼ି ଚାଲିଯିବାକୁ କହିଥିଲେ। ଏହାପରେ ହୋଟେଲ ମ୍ୟାନେଜର କୌଶିକ ଠାକେର୍ ପହଞ୍ଚି ସେଠାରୁ ଚାଲିଯିବାକୁ ନିବେଦନ କରିଥିଲେ। ତେବେ ପାଭେଲଙ୍କ ମୃତ୍ୟୁ ବିଷୟରେ ତାଙ୍କଠାରୁ ଜାଣିବାକୁ ଚାହିଁଥିଲୁ। ପାଭେଲଙ୍କ ମୃତ୍ୟୁ ସମୟରେ ସେ କାର୍ଯ୍ୟରେ ନ ଥିଲେ ଏବଂ ତାଙ୍କ କର୍ମଚାରୀମାନେ ମଧ୍ୟ କିଛି ଦେଖିନାହାନ୍ତି ବୋଲି କହି ସେ କଥାରୁ ଦୂରେଇଯିବାକୁ ଚେଷ୍ଟା କରିଥିଲେ।

ସେଠାରୁ ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ଲାଗି ଏସ୍‌ପିଙ୍କ କାର୍ଯ୍ୟାଳୟରେ ପ୍ରାୟ ୧୨ଟା ୧୫ ମିନିଟ୍ ସମୟରେ ପହଞ୍ଚିଥିଲୁ। ଭିଡିଓ କନ୍‌ଫରେନ୍ସରେ ବ୍ୟସ୍ତ ଥିବାବେଳେ ଦିନ ୧ଟା ବେଳକୁ ଏସ୍‌ପି ବିବେକାନନ୍ଦ ଶର୍ମା ଭେଟିବା ପାଇଁ ଡାକିଥିଲେ । ତେବେ ଫରେନ୍ ରେଜିଷ୍ଟ୍ରେଶନ ଆକ୍ଟ ଅନୁଯାୟୀ ଏସ୍‌ପି ହେଉଛନ୍ତି ବିଦେଶୀ ପର୍ଯ୍ୟଟକଙ୍କ ରିପୋର୍ଟିଂ ଅଫିସର । ଏହି ନିୟମ ବିଷୟରେ ଏସ୍‌ପି ମଧ୍ୟ ଅବଗତ ଥିବା କହିଥିଲେ। ତେବେ ଏହି ନିୟମ ଅନୁଯାୟୀ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ୨୪ ଘଣ୍ଟା ମଧ୍ୟରେ ଏସ୍‌ପିଙ୍କ ହସ୍ତଗତ ହେବା କଥା । ଜିଲା ଗୋଇନ୍ଦା ବିଭାଗ କେଉଁ ବିଦେଶୀ ପର୍ଯ୍ୟଟକ ତାଙ୍କ ଜିଲାରେ ଅଛନ୍ତି ତା'ର ରିପୋର୍ଟ ରଖିବା କଥା । ତେବେ ଏ ନେଇ ସେ ତଥ୍ୟ ରଖିଛନ୍ତି ନା ନାହିଁ ବୋଲି ପଚାରିବାରୁ ଏସ୍‌ପି କହିଛନ୍ତି, ବିଦେଶୀ ପର୍ଯ୍ୟଟକମାନେ ଭାରତରେ ପ୍ରବେଶ କରିବା ପୂର୍ବରୁ ତାଙ୍କ ତଥ୍ୟ ଦେଇଥାନ୍ତି । ପାଭେଲ ଯେତେବେଳେ ଆସିଥିଲେ ପ୍ରଥମେ ଦାରିଙ୍ଗବାଡ଼ିରେ ଥିଲେ। ତେଣୁ ସେଠାକାର ଏସ୍‌ପିଙ୍କୁ କିଛି ଚିଠି ଆସିଥାଇପାରେ। ଜଣେ ପର୍ଯ୍ୟଟକ ବୁଲିବା ଉଦ୍ଦେଶ୍ୟରେ ଆସି କାହିଁକି ଏତେ ରିପୋର୍ଟ ଦେବେ। ତେବେ ଜିଲା ଗୋଇନ୍ଦା ଡେସ୍କ ଦାୟିତ୍ୱରେ ଥିବା ସୁଦାମ ମଲିକଙ୍କୁ ଏସ୍‌ପି ଡକାଇ ପର୍ଯ୍ୟଟକଙ୍କ ରିପୋର୍ଟ ଆସିଛି ନା ନାହିଁ ପଚାରିଥିଲେ। ଏହି ସମୟରେ ମଲିକ କହିଥିଲେ, ଯେଉଁ ଥାନା ଅଧୀନରେ ହୋଟେଲ ସାଇ ଇଣ୍ଟରନ୍ୟାଶନାଲ ରହିଛି ସେମାନେ ବିଦେଶୀ ପର୍ଯ୍ୟଟକଙ୍କ ଆସିବା ଓ ଯିବା ସମୟ ଏବଂ କେଉଁଆଡ଼େ ଯିବେ ତାହାର ତଥ୍ୟ ଦେବା କଥା, ହେଲେ ସେମାନେ ଦେଇନାହାନ୍ତି । ଏଥିରୁ ବୁଝାପଡୁଛି ଯେ, ପୋଲିସ ନିଜର କାର୍ଯ୍ୟରେ ପ୍ରବଳ ହେଳା କରିଛି। ତେବେ ଏସ୍‌ପି ସଙ୍ଗେ ସଙ୍ଗେ ସେ କଥାକୁ ଅଲଗା ଆଡ଼କୁ ନେଇଯାଇଥିଲେ ଏବଂ ସେହି ରିପୋର୍ଟର ଗୁରୁତ୍ୱ ନ ଥିବା ଭଳି ମତ ରଖିଥିଲେ। ତେବେ ପାଭେଲଙ୍କ ସହିତ ଆସିଥିବା ଅନ୍ୟ ଦୁଇ ପର୍ଯ୍ୟଟକ ତୁରଭ ମିଖାଇଲ ଏବଂ ପାନାସାଙ୍କୋ ନାତାଲିଆ(ଦମ୍ପତି) ସେମାନଙ୍କୁ କାହିଁକି ଏଠାରୁ ପଠାଇଦିଆଗଲା ବୋଲି ପଚାରିବାରୁ ଏସ୍‌ପି କହିଛନ୍ତି ସେମାନଙ୍କୁ କାହିଁକି ଜବରଦସ୍ତି ରଖାଯାଇଥାନ୍ତା। ସେମାନେ ଯିବାକୁ ଚାହିଁଲେ, ତେଣୁ ଛାଡ଼ି ଦିଆଗଲା। ସେମାନେ ପୋଲିସକୁ ପ୍ରଶଂସା କରିବା ସହିତ ସାହାଯ୍ୟ ମଧ୍ୟ କରିଛନ୍ତି ବୋଲି ଏସ୍‌ପି କହିଛନ୍ତି। ଅନ୍ୟପଟେ ଏସ୍‌ପି ଯିବାପରେ ଏହି ଘଟଣାରେ କେଉଁ ସବୁ ତଥ୍ୟ ସଂଗ୍ରହ ହୋଇଛି ସେ ନେଇ ଡିଆଇବି ଅଧିକାରୀ ସୁଦାମ ମଲିକଙ୍କୁ ପଚାରିଥିଲୁ । ତେବେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଗୃହ ବିଭାଗ ଯାହା ତଥ୍ୟ ମାଗୁଛି କେବଳ ତାହା ଦିଆଯାଉଛି ବୋଲି ସେ କହିଛନ୍ତି। ତେବେ ଜିଲା ପ୍ରଶାସନ କେତେ ଖାମଖିଆଲ ଭାବେ ସବୁ ଘଟଣାକୁ ଦେଖୁଥିବ ତାହା ଏହି ଘଟଣାକୁ ତର୍ଜମା କଲେ ଜଣାପଡୁଛି। ଘଟଣା ବିଷୟରେ ଅଧିକ ଜାଣିବାକୁ ରାୟଗଡ଼ା ଟାଉନ ଥାନାରେ ପହଞ୍ଚିବା ସହ ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କ ସହିତ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଧରାଛୁଆଁ ଦେଇ ନ ଥିଲେ। ସେହିପରି ବୁଧବାର ରାତି ୯ଟା ସୁଦ୍ଧା ରାୟଗଡ଼ାରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ନ ଥିଲେ। ଏଭଳି ସ୍ଥିତିରେ ଦ୍ୱିପ୍ରହର ସମୟରେ ପାଭେଲଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିସାରିଛି। ହେଲେ ରିପୋର୍ଟରେ କ'ଣ ଆସିଛି ତାହା ଆଉ ଜିଲା ପ୍ରଶାସନ ବାହାରକୁ ଜଣାଉନାହିଁ। ବିଦାନୋଭଙ୍କ ମୃତ୍ୟୁର ଅଧିକ ତଦନ୍ତ ପାଇଁ ଭିସେରା ଟେଷ୍ଟ ନିମନ୍ତେ ଭୁବନେଶ୍ୱର ପଠାଯାଇଥିବା ବେଳେ ପାଭେଲଙ୍କ ମୃତ୍ୟୁର ଅଧିକ ତଦନ୍ତ ପାଇଁ ଭିସେରା ରଖାଯାଇ ନ ଥିବା ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ କହିଛନ୍ତି । ଏହା ଅତ୍ୟନ୍ତ ସନ୍ଦେହଜନକ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ପାଭେଲଙ୍କ ମୃତ୍ୟୁର ଅଧିକ ତଦନ୍ତ ହେବା ପୂର୍ବରୁ ଏପରି ତରବରିଆ ଭାବେ ସବୁକିଛି ଲୁଚାଇବାକୁ ଚେଷ୍ଟା କରାଯାଉଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବିଦେଶରୁ ଆସିଥିବା ଜଣେ ଏମ୍‌ପିଙ୍କ ଏଭଳି ଅସ୍ୱାଭାବିକ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁର କାରଣ ଠିକ୍ ଢଙ୍ଗରେ ଖୋଜିବା ଦିଗରେ ଏତେ ଖାମଖିଆଲ କରାଯିବା ନେଇ ମଧ୍ୟ ରାୟଗଡ଼ା ସହରର ସବୁଠି ଆଲୋଚନା ହେଉଛି। ଜଣେ ଖ୍ରୀଷ୍ଟିଆନଙ୍କ ମରଶରୀରକୁ କବର ଦେବା ପରିବର୍ତ୍ତେ କାହିଁକି ତରବରିଆ ଭାବେ ପୋଡ଼ିଦିଆଗଲା ସେ କଥା ତଦନ୍ତ ସାପେକ୍ଷ। ଶେଷରେ ଏହା କୁହାଯାଇପାରେ ଯେ, ପାଭେଲଙ୍କ ମୃତ୍ୟୁ ହୁଏତ ଆତ୍ମହତ୍ୟା ନ ହୋଇ ହତ୍ୟା ହୋଇଥାଇପାରେ। ଏଥିରେ ଅନ୍ତର୍ଜାତୀୟ ରାଜନୀତିର ସମ୍ପୃକ୍ତି ଥିବାର ସମ୍ଭାବନା ରହିଛି। ଓଡ଼ିଶା ପୋଲିସର ତଦନ୍ତରେ ଇଚ୍ଛାଶକ୍ତିର ଅଭାବ ସ୍ପଷ୍ଟ ବୁଝାପଡୁଛି।

## ପୁଟିନ୍ ସମାଲୋଚକଙ୍କ ମୃତ୍ୟୁ ....

ଆଣ୍ଟୋଭଙ୍କ ଭଳି ଖସିପଡ଼ି ପ୍ରାଣ ହରାଇଥିବାର ଅନେକ ନଜିର ରହିଛି। ଗତ ସେପ୍ଟେମ୍ବରରେ ୭୨ ବର୍ଷୀୟ ବୈଜ୍ଞାନିକ ଆନାଟୋଲି ଗେରାଶଚେଙ୍କୋଙ୍କ ମୃତ୍ୟୁ ଏପରି ରହସ୍ୟଜନକ ମାମଲା ମଧ୍ୟରୁ ଅନ୍ୟତମ। ଗେରାଶଚେଙ୍କୋ ୨୦୦୭ରୁ ୨୦୦୧୫ ପର୍ଯ୍ୟନ୍ତ ମସ୍କୋ ଆଭିଏଶନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଘଟିଥିବା ନେଇ ସେପ୍ଟେମ୍ବର ୨୧ରେ ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ରିପୋର୍ଟ କରାଯାଇଥିଲା। ତେବେ ସେ ଏକ ଅତ୍ୟୁଚ୍ଚ ସ୍ଥାନରୁ ଖସିପଡ଼ିଥିବା ନେଇ ପ୍ରକାଶ କରିବା ବ୍ୟତୀତ ଘଟଣା ସମ୍ପର୍କରେ ଅଧିକାରୀମାନେ ଅଧିକ ସୂଚନା ଦେଇ ନ ଥିଲେ। ସେହିପରି ରୁଷିଆର ଦ୍ୱିତୀୟ ବୃହତ୍ ତୈଳ ଉତ୍ପାଦନକାରୀ ତଥା ସର୍ବବୃହତ୍ ଘରୋଇ ଅଏଲ୍ କମ୍ପାନୀ 'ଲୁକୋଇଲ୍'ର ୬୭ ବର୍ଷୀୟ ଅଧ୍ୟକ୍ଷ ରାଭିଲ୍ ମାଗାନୋଭ୍‌ଙ୍କ ମୃତ୍ୟୁ ମଧ୍ୟ ଆଉ ଏକ ରହସ୍ୟମୟ ମାମଲା। ମସ୍କୋର ଏକ ହସ୍ପିଟାଲ ଝରକାରୁ ଖସିପଡ଼ିବା ପରେ ସେପ୍ଟେମ୍ବର ୧ରେ ରାଭିଲ୍‌ଙ୍କ ମୃତଦେହ ମିଳିଥିଲା ସେତେବେଳେ ଗଣମାଧ୍ୟମଗୁଡ଼ିକରେ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ, ମାଗାନୋଭ୍‌ଙ୍କ ସମେତ ଲୁକୋଇଲ୍‌ର ବୋର୍ଡ ଅଫ୍ ଡାଇରେକ୍ଟର୍ସ ରୁଷିଆର ୟୁକ୍ରେନ୍ ଆକ୍ରମଣ ବିରୋଧୀ ଆଭିମୁଖ୍ୟ ପ୍ରକାଶ କରିବା ସହ ଆଲୋଚନା ଜରିଆରେ ଯଥାଶୀଘ୍ର ସମ୍ଭବ ସଶସ୍ତ୍ର ଯୁଦ୍ଧ ବନ୍ଦ କରିବା ସକାଶେ ଏକ ବିବୃତି ଜାରି କରିଥିଲେ। ମାଗାନୋଭ୍‌ଙ୍କ ମୃତ୍ୟୁ ସହ ରାୟଗଡ଼ା ହୋଟେଲ ରୁମ୍‌ର ଝରକାରୁ ଖସିପଡ଼ିଥିବା ଆଣ୍ଟୋଭ୍‌ଙ୍କ ମୃତ୍ୟୁର ଅନେକ ସାମଞ୍ଜସ୍ୟ ରହିଛି। ମାଗାନୋଭ୍ ଆତ୍ମହତ୍ୟା କରି ନ ଥିବେ ବୋଲି ତାଙ୍କର ୨ ଜଣ ଘନିଷ୍ଠ ବ୍ୟକ୍ତି ଏକ ନ୍ୟୁଜ୍ ଏଜେନ୍ସିକୁ କହିଛନ୍ତି। ଗତ ଏପ୍ରିଲରେ ମାତ୍ର ୨୪ ଘଣ୍ଟାର ବ୍ୟବଧାନରେ ୨ ରୁଷୀୟ ସମ୍ଭ୍ରାନ୍ତ ସେରେଗି ପ୍ରୋଟୋସେନ୍ୟା ଏବଂ ଭ୍ଲାଡିସ୍ଲାଭ୍ ଆଭାଏଭ୍‌ଙ୍କ ମୃତ୍ୟୁ ସାରା ବିଶ୍ୱକୁ ଚକିତ କରିଦେଇଥିଲା। ପ୍ରୋଟୋସେନ୍ୟାଙ୍କ ଝୁଲନ୍ତା ମୃତଦେହ ଏପ୍ରିଲ ୧୮ରେ ସ୍ପେନ୍‌ରେ ଥିବା ତାଙ୍କ ବଗିଚାରେ ଠାବ ହୋଇଥିଲା। ତାଙ୍କ ସ୍ତ୍ରୀ ଓ ଝିଅଙ୍କ ଦେହରେ ଅନେକ ଥର ଛୁରାମାଡ଼ କରାଯାଇଥିବା ଏକ ରୁମ୍‌ରୁ ମିଳିଥିବା ଦୁହିଁଙ୍କ ମରଶରୀରରେ ଥିବା କ୍ଷତରୁ ଜଣାପଡ଼ିଥିଲା। ଏହାର ଦିନକ ପୂର୍ବରୁ ମଲ୍ଟି-ମିଲିୟନେୟାର ଆଭାଏଭ୍‌ଙ୍କ ସହ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ମୃତଦେହ ମସ୍କୋସ୍ଥିତ ପ୍ରୋସ୍ପେକ୍ଟ ୟୁନିଭର୍ସିଟିରେ ଥିବା ତାଙ୍କ ବାସଭବନରୁ ମିଳିଥିଲା। ଉଭୟେ ୟୁକ୍ରେନ୍ ଆକ୍ରମଣକୁ ସମାଲୋଚନା କରୁଥିଲେ। ତେବେ ରୁଷିଆର ଶୀର୍ଷ ଟାଇକୁନମାନଙ୍କ ରହସ୍ୟଜନକ ମୃତ୍ୟୁର ତାଲିକା ଏତିକିରେ ସୀମିତ ହୋଇ ରହିନାହିଁ। ଗତ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ଆକ୍ରମଣ ପରଠାରୁ ଆଲେକ୍‌ଜାଣ୍ଡାର ତିଉଲିକୋଭ୍ ଏବଂ ମିଖାଇଲ ୱାଟଫୋର୍ଡଙ୍କ ଭଳି ବହୁ ଧନୀ ରୁଷୀୟ ଅତି ରହସ୍ୟଜନକ ସ୍ଥିତିରେ ପ୍ରାଣ ହରାଇଥିଲେ।

## 'ଓଡ଼ିଶାରେ ସରକାର...

ଏବଂ ଏହି ମାଟିର । କରୋନା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୮୦ କୋଟି ଲୋକଙ୍କୁ ଖାଦ୍ୟ ଶସ୍ୟରେ ପରିପୂର୍ଣ୍ଣ କରି ରଖିଥିଲେ। କିନ୍ତୁ ଓଡିଶାରେ ଜଗନ୍ନାଥଙ୍କ ରତ୍ନଭଣ୍ଡାରକୁ ସୁରକ୍ଷିତ ରଖାଯାଇ ପାରୁନି । ରତ୍ନଭଣ୍ଡାର ଚାବି କୁଆଡ଼େ ଗଲା। ସେନେଇ ନବୀନ ବାବୁଙ୍କୁ ଜବାବ ଦେବାକୁ ହେବ। ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଇତିମଧ୍ୟରେ ନବୀନ ବାବୁ କହିଥିଲେ। ୪ ବର୍ଷ ପରେ ବି ବିଶ୍ୱବିଦ୍ୟାଳୟ କୁଆଡ଼େ ଗଲା ବୋଲି ନଡ୍ଡା ପ୍ରଶ୍ନ କରିଥିଲେ। ପ୍ରଦେଶ ହିତ କଥା କହୁଥିବା ନବୀନ ବାବୁ ୭୦ ଲକ୍ଷ ଲୋକଙ୍କୁ ଆୟୁଷ୍ମାନ ଭାରତ ଯୋଜନାରୁ ବଞ୍ଚିତ କରୁଛନ୍ତି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ମହିଳା ନିର୍ଯାତନା ଓଡ଼ିଶାରେ ଦ୍ୱିଗୁଣ, ଅଧିକ ମହିଳା ଓ ମାନବ ଚାଲାଣ ଓଡ଼ିଶାରୁ ହେଉଛି । ମହିଳା ଚାଲାଣରେ ଓଡ଼ିଶା ଦେଶରେ ସବୁଠାରୁ ଆଗରେ ରହିଛି । ତେଣୁ ଏଭଳି ସରକାରକୁ ଏଠାରୁ ହଟାଇ ଠିକ୍ ସମୟରେ ପଦ୍ମଫୁଲ ବଟନ୍ ଦବାଇ ରାଜ୍ୟରେ ଭାଜପା ଶାସନ ଆଣିବାକୁ ନଡ୍ଡା ଆହ୍ୱାନ ଦେଇଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ବିଭିନ୍ନ ପ୍ରସଙ୍ଗ ଉଠାଇ ବିଜେଡି ସରକାରଙ୍କ ଉପରେ ବର୍ଷିଥିଲେ। ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ଲାଗି କନ୍ଧମାଳ ଜିଲାରେ ୮ଟି ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ମୋଦି ସରକାର ମଞ୍ଜୁରୀ ଦେଇଛନ୍ତି ବୋଲି ଧର୍ମେନ୍ଦ୍ର କହିଥିଲେ।

ପ୍ରଥମ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ପ୍ରମୁଖ ଏକ ହେଲିକପ୍ଟରରେ ଆସି ତୁମୁଡିବନ୍ଧସ୍ଥିତ ହାଇସ୍କୁଲ ପଡିଆରେ ଓହ୍ଲାଇଥିଲେ। ସେଠାରୁ ଷ୍ଟାଡିୟମ ଯାଇ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଠାରେ କାର୍ଯ୍ୟକ୍ରମ ସରିବା ପରେ ଜଲେଶପଟ୍ଟାସ୍ଥିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଶ୍ରମକୁ ଯାଇଥିଲେ। ସେଠାରେ ସ୍ୱାମୀଜୀଙ୍କ ଦର୍ଶନ ପରେ ଏକ ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ୍‌ପ୍ରକାଶ ମିଶ୍ର, ସଂଯୋଜକ ନାରାୟଣ କର୍ମୀ, ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ପୂର୍ବତନ ବିଧାୟକ କରେନ୍ଦ୍ର ମାଝି, ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ, ଉପ ସଭାପତି ରମେଶ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ଲିଙ୍ଗରାଜ ଦଳବେହେରା, ଜିଲା ଯୁବ ମୋର୍ଚ୍ଚା ସଭାପତି ଗୋଲକ ବିହାରୀ କହଁର, ସମ୍ପାଦକ ଜଗନ୍ନାଥ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହା ପରେ ନଡ୍ଡା ଏବଂ ଅନ୍ୟ ନେତୃମଣ୍ଡଳୀ ପୁରୀ ଲୋକ ସଭା ମଣ୍ଡଳୀ ଅନ୍ତର୍ଗତ ବାଣପୁର ପଲ୍‌ଟନ ପଡ଼ିଆରେ ଅନୁଷ୍ଠିତ ଦଳୀୟ ସମାବେଶରେ ଯୋଗ ଦେଇଥିଲେ। ବାଣପୁରରେ ମଧ୍ୟ ନଡ୍ଡା ସମାନ ଢଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ସହ କେନ୍ଦ୍ରର ବିଭିନ୍ନ ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ସମାବେଶରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ରାଜ୍ୟ ପ୍ରଭାରୀ ବି. ପୁରନ୍ଦେଶ୍ୱରୀ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ବିଭୂତି ହରିଚନ୍ଦନ, ପୃଥ୍ୱୀରାଜ ହରିଚନ୍ଦନ, ସୁରମା ପାଢ଼ୀ, ଉପାସନା ମହାପାତ୍ର, ଇରାନୀ ରାୟ, ଦୁଷ୍ମନ୍ତ ହରିଚନ୍ଦନ, ଶଙ୍କର ପରିଡ଼ା, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା ଓ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପରେ ସେଠାରୁ ବାଣପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ଦର୍ଶନ ଆଶୀର୍ବାଦ ନେଇଥିଲେ। ପୁରୀ ଲୋକ ସଭା ଅଧୀନ ୭ଗୋଟି ନିର୍ବାଚନମଣ୍ଡଳୀରୁ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ ସମାବେଶରେ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ୍ ମୁତୟନ କରାଯାଇଥିଲା। ପରେ ନାରୁଣୀରେ ପହଞ୍ଚି ସେଠାରେ ଆୟୋଜିତ ଏକ ବୈଠକରେ ପୁରୀ ଲୋକ ସଭାର ଭାଜପାର ସମସ୍ତ ନିର୍ବାଚିତ ସଦସ୍ୟ ତଥା ଜିଲା ପରିଷଦ, ସମିତି ସଭ୍ୟ ଓ ସରପଞ୍ଚ ପ୍ରମୁଖ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାରେ ଚିନ୍ତାଜନକ...

ବୈଠକରେ ସର୍ଭେଲାନ୍ସ ଓ ଟେଷ୍ଟିଂ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟରେ ଏବେ ଦୈନିକ ୬ହଜାର ନମୁନା ପରୀକ୍ଷା କରାଯାଉଛି। ମାତ୍ର ୩ରୁ ୯ ଭିତରେ ପଜିଟିଭ୍ କେସ୍ ବାହାରୁଛି। ସେସବୁର ଜେନମ୍ ସିକ୍ୱେନ୍ସିଂ କରାଯାଉଛି। ଓଡ଼ିଶାରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ମାତ୍ର ୦.୦୪% ରହୁଥିବାବେଳେ ସମଗ୍ର ଦେଶରେ ଏହା ୦.୩% ରହିଛି। ତେଣୁ ଗତ ୪ସପ୍ତାହର ସ୍ଥିତିକୁ ଅନୁଧ୍ୟାନ କରିବା ପରେ ସରକାର ରାଜ୍ୟରେ କୋଭିଡ୍ ସଂକ୍ରାନ୍ତ କୌଣସି କଟକଣା ବା ନିୟମ ଲାଗୁ କରିବାକୁ ଚାହୁଁନାହାନ୍ତି। ତେବେ କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ନିଜ ତରଫରୁ ସମସ୍ତ ଜିଲାରେ ପର୍ଯ୍ୟାପ୍ତ ପରିମାଣ ଔଷଧ, କିଟ୍, ଅକ୍ସିଜେନ ବେଡ୍ ଆଦି ପ୍ରସ୍ତୁତ ରଖିଛନ୍ତି। ତା'ଛଡ଼ା ରାଜ୍ୟରେ ଏବେ ଦୈନିକ କୋଭିଡ୍ ଟେଷ୍ଟର ୫୦% ଆର୍‌ଟିପିସିଆର୍ କରାଯାଉଛି। ସବୁ ଜିଲାରେ ଏହି ଟେଷ୍ଟ ସୁବିଧା ରହିଛି। କିନ୍ତୁ ରାଜ୍ୟରେ କୋଭିଡ୍ ଟିକା ମହଜୁଦ ନ ଥିବାରୁ ଏ ସମ୍ପର୍କରେ ସ୍ୱାସ୍ଥ୍ୟ ସଚିବ ପୂର୍ବରୁ ଚିଠି ଲେଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଜଣାଇ ସାରିଛନ୍ତି। ଏଥିସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିଜେ ଚିଠି ଲେଖି ଓଡ଼ିଶାକୁ କୋଭିଡ୍ ଟିକା ପଠାଇବାକୁ ଅନୁରୋଧ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି। ବର୍ତ୍ତମାନ ଘରୋଇ ହସ୍ପିଟାଲରେ ଟିକା ମହଜୁଦ ଅଛି, କିନ୍ତୁ ସରକାରୀ ହସ୍ପିଟାଲରେ କୋଭିଡ୍ ଟିକା ବ୍ୟବସ୍ଥା କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସେହିଭଳି ଆଗାମୀ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଯେଭଳି କୋଭିଡ୍ ସଂକ୍ରମଣ ନ ହୁଏ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଛି। ରାଉରକେଲାରୁ ହକି ମ୍ୟାଚ୍ ସ୍ଥଳରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍‌କୁ ନିୟୋଜିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ମସ୍ତିଷ୍କ ପଢ଼ିବାରେ...

ପୁରୁଷ ଏ କ୍ଷେତ୍ରରେ ଆଗୁଆ ଆସି ନ ଥିବାବେଳେ ୧୭ରୁ ୭୦ ବର୍ଷ ବୟସବର୍ଗଙ୍କୁ ଏଥିରେ ସାମିଲ କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତିଙ୍କ ହାବଭାବକୁ ଦେଖି ସେମାନଙ୍କ ଉଦ୍ଦେଶ୍ୟ ଓ ସ୍ୱଭାବକୁ ମହିଳାମାନେ ସହଜରେ ଜାଣିପାରୁ ଥିବାରୁ ଆଇ ଟେଷ୍ଟ କ୍ଷେତ୍ରରେ ମହିଳାମାନେ ଭଲ ପର୍ଫମ୍ କରିଥିବା ସ୍ପଷ୍ଟ ହୋଇଛି। ସେହିପରି ଅନେକେ ଅଛନ୍ତି ଯେଉଁମାନେ ଲୋକଙ୍କ ମୁହଁ ଦେଖି ସେମାନଙ୍କ ଚିନ୍ତାଧାରା କିମ୍ବା ଭାବନାକୁ ଜାଣିବାରେ ବିଫଳ ହୁଅନ୍ତି ବୋଲି ସିମୋନ କହିଛନ୍ତି।

## ଭାସି ଯାଉଥିବା ୨ ଛାତ୍ରଙ୍କୁ ...

ସ୍ଥାନୀୟ ଫାଣ୍ଡି ନିକଟ ମାଘମେଳା ପଡ଼ିଆରେ ଗାଡ଼ି ପାର୍କିଂ କରି ନିକଟସ୍ଥ ମହିମା ଆଶ୍ରମ ସମ୍ମୁଖ ମହାନଦୀ ଘାଟକୁ ସ୍ନାନ କରିବାକୁ ସମସ୍ତେ ଯାଇଥିଲେ। ଏଥିରେ ପିଲାମାନଙ୍କ ସହ ଶିକ୍ଷକମାନେ ବି ସାମିଲ ଥିଲେ। ଏହି ସମୟରେ ୨ଜଣ ଛାତ୍ର ହଠାତ୍ ମହାନଦୀର ପ୍ରଖରସ୍ରୋତରେ ଭାସିଯାଇଥିଲେ । ଏହା ଦେଖି ସ୍ଥାନୀୟ ଯୁବକ ହୁଲ୍ଲାସ ଦଳେଇ ଓ ସୀମା ଖଟୁଆ ସେହି ଛାତ୍ରଦ୍ୱୟଙ୍କୁ ଉଦ୍ଧାର କରିବାକୁ ଲାଗି ପଡିଥିଲେ। ସରୋଜ ବି ଛାତ୍ରମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ହେଲେ ଛାତ୍ରଙ୍କୁ ଉଦ୍ଧାର କରିବା ପୂର୍ବରୁ ସେ ମହାନଦୀର ଗଭୀର ଗଣ୍ଡକୁ ଭାସି ଯାଇଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀ ସୁରେଶ ଚନ୍ଦ୍ର ଦଳେଇ, ରଞ୍ଜନ ପରିଡା, ପଦ୍ମନାଭ ଦଳେଇ, ପ୍ରମୋଦ ବେହେରା, ମାନସ, ସୀମା ଖଟୁଆ, ରଜନୀ ବେହେରା ପ୍ରମୁଖ ନଦୀ ମଧ୍ୟକୁ ଡେଁଇ ଉଭୟ ଛାତ୍ର ଓ ସରୋଜଙ୍କୁ ଉଦ୍ଧାର କରିଥିଲେ। ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପ୍ରଥମେ ସେମାନଙ୍କୁ କଣ୍ଟିଲୋ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ପରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ମୃତ ସରୋଜଙ୍କ ବାପା ରଞ୍ଜନ ଦାସ ନୟାଗଡ଼ ଜିଲା ଖଣ୍ଡପଡ଼ାରେ ପହଞ୍ଚିଛନ୍ତି। ଖଣ୍ଡପଡ଼ା ପୋଲିସ ତଦନ୍ତ ଆରମ୍ଭ କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୫/୨୨) ରୁଜୁ ହୋଇଛି । ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

## ଦିନରେ ୩୪, ...

୧୫ରୁ ୨୪ ଡିଗ୍ରୀ ଉପରେ ରହୁଛି। ଏଥିସହିତ ଦିନର ସର୍ବୋଚ୍ଚ ତାପମାତ୍ରା ମଧ୍ୟ ୩୩ ଡିଗ୍ରୀ ଟପିଯାଇଛି। ଗତ ୨ମାସ ହେବ ରାଜ୍ୟକୁ ପଶ୍ଚିମା ବାୟୁ ପ୍ରବାହ ହେଉନାହିଁ। ଫଳରେ ରାଜ୍ୟରେ ଟୋପାଏ ବର୍ଷା ନାହିଁ। ବର୍ଷା ନ ହେବାରୁ ପରିବେଶ ଉତ୍ତପ୍ତ ରହୁଛି। ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଥଣ୍ଡାବାୟୁ ପ୍ରବାହ ମଧ୍ୟ ନାହିଁ। ଚଳିତ ବର୍ଷ ଶୀତ ଲହରି ଏ ପର୍ଯ୍ୟନ୍ତ ରାଜ୍ୟରେ ଅନୁଭୂତ ହୋଇନାହିଁ। ଗୁରୁବାରଠାରୁ ଜାନୁୟାରୀ ୧ ତାରିଖ ଯାଏ ତାପମାତ୍ରା ୨ରୁ ୪ଡିଗ୍ରୀ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ତେବେ ପୁଣି ୨ରୁ ପାରଦ ବଢ଼ିବା ଆରମ୍ଭ ହେବ । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୩.୫ ଓ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଦିନରେ ମଧ୍ୟ ପ୍ରବଳ ଗରମ ଅନୁଭୂତ ହେଉଛି। ଦିନର ସର୍ବୋଚ୍ଚ ତାପମାତ୍ରା ବୌଦ୍ଧରେ ୩୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରିରେ ୩୩ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଭଦ୍ରକ, କଳାହାଣ୍ଡି, ରାୟଗଡ଼ା, ଗଜପତି ଓ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା କୁହୁଡ଼ି ହେବା ସମ୍ଭାବନା ରହିଛି।

# Business Power List 2022

ଗତ ୨ ବର୍ଷର କୋଭିଡ୍‌ଜନିତ ଆର୍ଥିକ ଦୁଃସ୍ଥିତିକୁ ସାମ୍ନା କରିଥିବା ଉଦ୍ୟୋଗଜଗତ ବିଦାୟୀ ବର୍ଷ ୨୦୨୨ରେ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା। ରାଜ୍ୟର ଅର୍ଥନୀତି ଓ ନିଯୁକ୍ତି କ୍ଷେତ୍ରକୁ ସୁଦୃଢ଼ କରିବାରେ ଉଦୀୟମାନ ଉଦ୍ୟୋଗୀମାନଙ୍କଠାରୁ ଆରମ୍ଭକରି ପ୍ରତିଷ୍ଠିତ ଶିଳ୍ପୋଦ୍ୟୋଗୀଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ସେହିମାନଙ୍କୁ ନେଇ ଧରିତ୍ରୀ ପକ୍ଷରୁ ବିନା କୌଣସି କ୍ରମରେ ପ୍ରସ୍ତୁତ କରାଯାଇଥିବା ବିଜ୍‌ନେସ୍ ପାୱାର ଲିଷ୍ଟକୁ ଏଠାରେ ସ୍ଥାନିତ କରାଯାଇଛି...


ଶୁଭ୍ରକାନ୍ତ ପଣ୍ଡା
ଇମ୍ପା


ସଞ୍ଜୀବ ମହାନ୍ତି
ଏକ୍ସପୋଜ୍ ଆଡଭାଟାଇଜମେଣ୍ଟ


ପ୍ରଦୀପ୍ତ ବଡ଼ଜେନା
ମଡର୍ନ ଆଗ୍ରୋ ମୋଟର୍ସ ଆଣ୍ଡ ଟ୍ରାକ୍ଟର୍ସ ପ୍ରା.ଲି.


ସୋମଦତ୍ତ ବେହୁରା
କେ.ଟି. ଗ୍ଲୋବାଲ ସ୍କୁଲ


ଡ. ତେଜରାଜ ପାତ୍ର
ନ୍ୟୁଟନ ହାୟର ସେକେଣ୍ଡାରି ସ୍କୁଲ ଅଫ ସାଇନ୍ସ


ଇଂ ବାବୁରାମ ସ୍ୱାଇଁ
ଜୟଦୁର୍ଗା କେମିକାଲ୍ସ


ଡ. ପଦ୍ମିନୀ ପାଣିଗ୍ରାହୀ
କୋଶଳା ଅଟୋମୋବାଇଲ୍ସ


ତାରିଣୀ ପ୍ରସାଦ ମହାନ୍ତି
ମେସର୍ସ ଟି.ପି. ମହାନ୍ତି


ହର୍ଷବର୍ଦ୍ଧନ ସିଂହଦେଓ
ସୋମ୍ ଅଟୋ


ରୁଚି ଜଲାନ
ଓଡିଶୀ ମୋଟର୍ସ ପ୍ରାଇଭେଟ ପ୍ରା. ଲି.


ମନୋଜ କୁମାର ଦାସ
ଓଡ଼ିଶା ଆୟୁର୍ବେଦ ଭବନ


ମନୀଷ ଅଗ୍ରୱାଲ
ଅଜନ୍ତା ଆଡଭାଟାଇଜର୍ସ


ପୀୟୂଷ ମହାନ୍ତି
ନେକ୍ସସ ଇଞ୍ଜିନିୟରିଂ


ରାଜକୁମାର ଅଗ୍ରୱାଲା
ସିଦ୍ଧିଲକ୍ଷ୍ମୀ ମୋଟର୍ସ


ଗିରିଜାଶଙ୍କର ଅଗ୍ରୱାଲ
ଯମୁନା ବଜାଜ


ଡ. ଶାରଦା ପ୍ରସାଦ ମିଶ୍ର
ଟାଇମ୍ସ ସ୍କଲାର ଗୁରୁକୁଳ


ସୁନୀଲ ଗୁପ୍ତା
ଏସ୍‌ଜିବିଏଲ୍ ଅଟୋମୋବାଇଲ


ସ୍ୱପ୍ନା ଦାସ
ସ୍ୱପ୍ନା ଅଟୋମୋବାଇଲ୍ସ


ନଭପ୍ରୀତ୍ ସିଂ
ଇନ୍ଦିରା ଜୁଏଲର୍ସ ପ୍ରା.ଲି.


ଜ୍ୟୋତି ସ୍ୱରୂପ ନାୟାର
ୟୁନିକ୍ ରିସୋର୍ସେସ ପ୍ରା.ଲି.


ସୁରେଶ କୁମାର ସୁରେକା
ସୁରେକା ଗ୍ରୁପ୍ ଅଫ୍ କମ୍ପାନିଜ୍


ଆକାଶ କୁମାର ଅଗ୍ରୱାଲ
ଆକାଶ ମୋଟର୍ସ ପ୍ରା.ଲି.


ବ୍ରଜେନ୍ଦ୍ର କୁମାର ରାୟ
ଭାରତ ପ୍ଲାଏ


ରମଣକୁମାର ବାଗାରିଆ
ବାଗାରିଆଜ୍ ପ୍ରା.ଲି.

" ଭଗବାନ ବଳବାନ ମଣିଷ ଚାହାନ୍ତି- ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା- ଦୃଢ଼ତା ଓ ବୀରତ୍ୱ- ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। -ଶ୍ରୀଅରବିନ୍ଦ



# ପ୍ଲାଷ୍ଟିକ ପ୍ରଦୂଷଣ ଓ ବୈଶ୍ୱିକ ବୁଝାମଣା




ଓଲଗା ସ୍ପିରାନସ୍କାୟା
ଆଲେକଜାଣ୍ଡ୍ରା କ୍ୟାଟରବୋ
ହେଲ୍‌ଥ ଆଣ୍ଡ୍ ଏନ୍‌ଭାଇରନମେଣ୍ଟ ଜଷ୍ଟିସ ସପୋର୍ଟର ସହ- ନିର୍ଦ୍ଦେଶିକା

ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ପାଇଁ ନଭେମ୍ବର ଶେଷାର୍ଦ୍ଧରେ ପ୍ରଥମ ଥର ଲାଗି ଜାତିସଂଘର ଇଣ୍ଟରଗଭର୍ନମେଣ୍ଟାଲ ନେଗୋସିଏଟିଂ କମିଟି (ଆଇଏନ୍‌ସି)ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବା ଉପରେ ଏକ ବୈଧ ତଥା ବାଧ୍ୟତାମୂଳକ ବୈଶ୍ୱିକ ବୁଝାମଣାର ସ୍ପଷ୍ଟ ଲକ୍ଷ୍ୟ ନେଇ ଜାତିସଂଘ ଏନ୍‌ଭାଇରନମେଣ୍ଟ ଆସେମ୍ବ୍ଲି ଆଇଏନ୍‌ସି ଗଠନ କରିଥିଲା। ବାସ୍ତବତା ଏହା ଯେ, ଶେଷରେ ଏହି ବୈଠକରେ ଏକାଠି ହୋଇଥିବା ବିଭିନ୍ନ ଦେଶର ପ୍ରତିନିଧି ଏବଂ ପର୍ଯ୍ୟବେକ୍ଷକମାନଙ୍କର ପ୍ଲାଷ୍ଟିକ ପ୍ରଦୂଷଣ ସମ୍ପର୍କିତ ଆଲୋଚନା ସ୍ୱାଗତଯୋଗ୍ୟ। କିନ୍ତୁ ବୈଠକର ପରିଣାମ କେବଳ ସମସ୍ୟା ସମାଧାନ କରିବାର ସୁଯୋଗ କିମ୍ବା ଦକ୍ଷତା ପ୍ରତିପାଦନର ଅୟମାରମ୍ଭ ବୋଲି କୁହାଯାଇପାରେ । ମନେରଖିବାକୁ ହେବ, ପ୍ଲାଷ୍ଟିକ୍ ପ୍ରଦୂଷଣ ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ପ୍ରତି ବିପଦ। ପ୍ଲାଷ୍ଟିକ୍ ତିଆରି ହେବାଠାରୁ ଆରମ୍ଭ କରି ଏହାର ସମ୍ପୂର୍ଣ୍ଣ ଲାଇଫ୍‌ସାଇକେଲ ମଧ୍ୟରେ ଏପରିକି ବାହାରେ ପିଙ୍ଗିଦିଆଯିବା ପର୍ଯ୍ୟନ୍ତ ଏହା ପରିବେଶର କ୍ଷତିକରିଚାଲିଥାଏ। ପ୍ଲାଷ୍ଟିକ୍‌ରେ ୧୦,୦୦୦ କେମିକାଲ ବା ରାସାୟନିକ ପଦାର୍ଥ ରହିଛି । ଏହାର ଏକ ଚତୁର୍ଥାଂଶ ବିଷାକ୍ତ କେମିକାଲ ମଣିଷ ଓ ପ୍ରାଣୀମାନଙ୍କ ପ୍ରତି ହାନିକାରକ। କେଉଁ ପ୍ଲାଷ୍ଟିକ୍‌ରେ ଓ ଏହାଦ୍ୱାରା ନିର୍ମିତ ଜିନିଷରେ କେଉଁ ପ୍ରକାର କେମିକାଲ ଅଛି ତାହା କମ୍ପାନୀଗୁଡ଼ିକୁ ଅବଗତ କରାଇବା ଜରୁରୀ। କିନ୍ତୁ ବିଶ୍ୱ ସ୍ତରରେ ଏହା କରାଯାଉନାହିଁ। ଆମ ଜୀବନରେ ପ୍ଲାଷ୍ଟିକ୍ ସମ୍ପର୍କରେ ଆମେ ଯାହା କିଛି ଜାଣୁ ତାହା ଉତ୍ପାଦକଙ୍କ ବ୍ୟକ୍ତିଗତ ଇଚ୍ଛାଶକ୍ତି ଓ ଜାତୀୟ ନିୟମଗୁଡ଼ିକ ଦ୍ୱାରା ସମ୍ଭବ ହୋଇଛି। ଫଳସ୍ୱରୂପ ଆମେ ସମ୍ପୂର୍ଣ୍ଣ ସମସ୍ୟା ସମ୍ପର୍କରେ ଅଜ୍ଞ ରହିଛୁ। ବୃତ୍ତିଗତ କ୍ଷେତ୍ରରେ ବିପଦକୁ ସାମ୍ନା କରୁଥିବା ଶ୍ରମିକଙ୍କଠାରୁ ଆରମ୍ଭ କରି ପିଲାମାନଙ୍କ ସୁସ୍ଥ ଜୀବନ ଚାହୁଁଥିବା ଅଭିଭାବକମାନଙ୍କ ପାଖରେ ପ୍ଲାଷ୍ଟିକ୍‌ର ସମସ୍ତ କ୍ଷତିକାରକ ତତ୍ତ୍ୱର ତଥ୍ୟ ରହିବା ଉଚିତ, କିନ୍ତୁ ଏହା ସେମାନେ ପାଇପାରୁନାହାନ୍ତି।

ପ୍ଲାଷ୍ଟିକ୍ ସମସ୍ତଙ୍କୁ ସମାନ ଭାବେ ପ୍ରଭାବିତ କରି ନ ଥାଏ। ବିଶେଷକରି ଗରିବ ପରିବାର, ଆଦିବାସୀ ସମୁଦାୟ ଏବଂ ଅଣଶ୍ୱେତାଙ୍ଗମାନେ ବିପଦରେ ରହିଛନ୍ତି। ଉଦାହରଣ ସ୍ୱରୂପ, ବିପଦରେ ଥିବା ଏବଂ ଅନଗ୍ରସର ଲୋକେ ପେଟ୍ରୋକେମିକାଲ ଉତ୍ପାଦନ କମ୍ପାନୀ ଏବଂ ବିଶୋଧନାଗାରଗୁଡ଼ିକ ନିକଟରେ ବାସ କରନ୍ତି କିମ୍ବା କାମ କରିଥାନ୍ତି। ପ୍ଲାଷ୍ଟିକ୍ ଉତ୍ପାଦନରେ ବ୍ୟବହୃତ ବିଷାକ୍ତ କେମିକାଲଗୁଡ଼ିକ ଦ୍ୱାରା ପ୍ରଦୂଷିତ ସେଠାକାର ପାଣି, ପବନ ଓ ମାଟି ସଂସ୍ପର୍ଶରେ ସେମାନେ ଆସିଥାନ୍ତି। ଅନେକାଂଶରେ ପ୍ଲାଷ୍ଟିକ୍ ଉତ୍ପାଦଗୁଡ଼ିକ ବିକାଶଶୀଳ ଦେଶଗୁଡ଼ିକରେ ପ୍ରସ୍ତୁତ କରାଯାଇ ବିକଶିତ ଦେଶଗୁଡ଼ିକୁ ପଠାଯାଇଥାଏ। ପରେ ପୁନର୍ବାର ସେଗୁଡ଼ିକ ବର୍ଜ୍ୟ ଆକାରରେ ବିକଶିତ ଦେଶଗୁଡ଼ିକୁ ପୁଣି ଫେରି ଆସେ। ପ୍ରଦୂଷଣ ତଥା ମାନବ ସମୁଦାୟ ପ୍ରତି ବିପଦ ସୃଷ୍ଟି କରୁଥିବା ବର୍ଜ୍ୟ ପ୍ଲାଷ୍ଟିକ୍ ଲାଇଫ୍‌ସାଇକେଲର ଶେଷ ସ୍ତର ନୁହେଁ, ବରଂ ପ୍ଲାଷ୍ଟିକ ଉତ୍ପାଦନ ପ୍ରକ୍ରିୟା ମଧ୍ୟ କ୍ଷତିକାରକ। ତେବେ ପ୍ଲାଷ୍ଟିକ ପ୍ରଦୂଷଣ ଅସମାନତା ଦେଶ ମଧ୍ୟରେ ଏବଂ ଦେଶ ଦେଶ ଭିତରେ ରହିଥିବା ଲକ୍ଷ୍ୟ କରାଯାଏ।



ଟେକ୍ସଟାଇଲ ସେକ୍ଟର କଥା ବିଚାରକୁ ନିଆଯାଉ। ଏଠାରେ ଶ୍ରମିକମାନେ ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ ସିନ୍ଥେଟିକ ସୂତାରେ ଲୁଗା କିମ୍ବା କନା ପ୍ରସ୍ତୁତ କରିଥାନ୍ତି। ଶାର୍ଟ ଓ ସ୍କର୍ଟ ତିଆରି କରିବାରେ ନିଯୁକ୍ତ ଅତ୍ୟଧିକ ଲୋକ ବ୍ୟବହାର କରୁଥିବା ସିନ୍ଥେଟିକର ବିଷାକ୍ତ କେମିକାଲ ସମ୍ପର୍କରେ ଜାଣି ନ ଥାନ୍ତି। ବାସ୍ତବରେ ସେମାନେ କାର୍ଯ୍ୟରେ ସମ୍ମୁଖୀନ ହେଉଥିବା ବିପଦ ସମ୍ପର୍କରେ ବୁଝିବା ଦରକାର। ହେଲେ ସେମାନଙ୍କ ପାଖରେ ଏ ବିଷୟରେ ସମସ୍ତ ତଥ୍ୟ ନାହିଁ। ଅର୍ଥାତ୍ ସେମାନଙ୍କୁ ଏହା ଅବଗତ କରାଯାଉନାହିଁ। ଏ କ୍ଷେତ୍ରରେ ମଧ୍ୟ ଲିଙ୍ଗଗତ ପ୍ରଭେଦକୁ ବିଚାରକୁ ନେଲେ ଜଣାପଡ଼େ ଯେ, ବିକାଶଶୀଳ ଦେଶଗୁଡ଼ିକର ଟେକ୍ସଟାଇଲ ସେକ୍ଟରରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା କାର୍ଯ୍ୟ କରୁଛନ୍ତି। ଅନୁଚିତ ଓ ଅସମାନ ଭାବେ ଲୋକେ ପ୍ଲାଷ୍ଟିକ୍ ଦ୍ୱାରା ପ୍ରଭାବିତ ହେଉଥିବାବେଳେ ଏହାର କ୍ଷତିକାରକ ଦିଗକୁ ଗୁରୁତ୍ୱର ସହ କେହି ବିଚାର କରୁନାହାନ୍ତି କି ଏହାକୁ ଏକ ଯନ୍ତ୍ରଣା ଭାବେ ବିଚାର କରୁନାହାନ୍ତି। ପ୍ଲାଷ୍ଟିକ୍ ପ୍ରଦୂଷଣ କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୀମିତ ରହିନାହିଁ, ଏହାର ପ୍ରଭାବ ବ୍ୟାପକ। ମହିଳାମାନେ ବ୍ୟବହାର କରୁଥିବା ପ୍ୟାଡ୍‌ରେ ବି କେମିକାଲଯୁକ୍ତ ପ୍ଲାଷ୍ଟିକ୍ ଅଛି; ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସିଧାସଳଖ ଭାବେ ବିପଦ ସୃଷ୍ଟି କରୁଛି। ଧନୀ ଦେଶଗୁଡ଼ିକ ସମେତ ବିଶ୍ୱର ସବୁଆଡେ ପିଲାମାନେ ବ୍ୟବହାର କରୁଥିବା ଶସ୍ତା ପ୍ଲାଷ୍ଟିକ୍ ଖେଳନାରେ ମଧ୍ୟ ବହୁ ଅଜଣା କେମିକାଲ ରହିଛି।

ପ୍ରଥମ ଆଇଏନ୍‌ସି ବୈଠକରେ ପ୍ରତିନିଧିମାନେ ପ୍ଲାଷ୍ଟିକ୍ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦ୍ଧତି ଓ ପ୍ରକ୍ରିୟା ଗ୍ରହଣ କରିବାରେ ସକ୍ଷମ ହେଲେ ନାହିଁ। ଫଳରେ ବାସ୍ତବତା ଆଧାରରେ ଅଧିକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ବା ଚୁକ୍ତି ଯେ ପର୍ଯ୍ୟନ୍ତ ସେମାନେ ନ କରିଛନ୍ତି ସେ ଯାଏ ପ୍ରଦୂଷଣ ରୋକିବାରେ ବିଳମ୍ବ ହେବ । ତେବେ ପ୍ରଥମ ବୈଠକରେ ସାମାନ୍ୟ ସଫଳତା ମିଳିଥିଲା। ଏଥିରେ ଉପସ୍ଥିତ ପର୍ଯ୍ୟବେକ୍ଷକମାନେ ଅନୌପଚାରିକ ଆଲୋଚନା ଲାଗି କ୍ଷେତ୍ର ପ୍ରସ୍ତୁତ କରିଥିଲେ। ଫଳରେ ଉକ୍ତ ଆଲୋଚନା ପ୍ରତିନିଧିମାନଙ୍କୁ ପ୍ଲାଷ୍ଟିକ୍, କେମିକାଲ ଏବଂ ସ୍ୱାସ୍ଥ୍ୟ ମଧ୍ୟରେ ରହିଥିବା ସମ୍ପର୍କକୁ ଭଲ ଭାବେ ହୃଦୟଙ୍ଗମ କରିବା ଲାଗି ସାହାଯ୍ୟ କରିପାରିଥିଲା; ଯାହା କେତେଜଣ ପ୍ରତିନିଧିଙ୍କ ବକ୍ତବ୍ୟରେ ପ୍ରତିଫଳିତ ହୋଇଥିଲା। ଉକ୍ତ ଆଲୋଚନା ପ୍ଲାଷ୍ଟିକ୍‌ରେ ଥିବା କେମିକାଲଗୁଡ଼ିକ ଉପରେ ସ୍ପଷ୍ଟ ତଥ୍ୟର ଆବଶ୍ୟକତାକୁ ପ୍ରକାଶ କରିଥିଲା। ତେବେ ଏହା ସ୍ପଷ୍ଟ ଯେ, ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ଲାଗି ଅନେକ କିଛି କରିବାକୁ ଥିବାବେଳେ ବୈଠକରେ ଯାହା କରାଗଲା ତାହା ପର୍ଯ୍ୟାପ୍ତ ନୁହେଁ।

ମେ ୨୦୨୩ରେ ପୁନର୍ବାର ପ୍ରତିନିଧିମାନଙ୍କ ପାଇଁ ଏକ ସୁଯୋଗ ଜୁଟିବ। ବିଶ୍ୱର ବିଭିନ୍ନ ଦେଶର ପ୍ରତିନିଧିମାନେ ପ୍ୟାରିସ୍‌ରେ ଆୟୋଜିତ ଆଇଏନ୍‌ସିର ଦ୍ୱିତୀୟ ବୈଠକରେ ଏକାଠି ହେବେ। ପ୍ଲାଷ୍ଟିକ୍ ପ୍ରଦୂଷଣକୁ ନେଇ ଏକ ବୈଧ ତଥା ବାଧ୍ୟତାମୂଳକ ବୁଝାମଣା ଦିଗରେ ସେମାନଙ୍କୁ ପୁଣି କାର୍ଯ୍ୟ କରିବାକୁ ହେବ। ଚଳିତ ବର୍ଷ ନଭେମ୍ବର ବୈଠକରେ ପ୍ରତିନିଧିମାନେ ଯେମିତି କିଛି ନୂଆ ବିଚାର ଯୋଡ଼ିପାରିଲେ ନାହିଁ ପ୍ୟାରିସରେ ସେମିତି କରିବା ଠିକ୍ ହେବନାହିଁ। ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ କରିବା ପାଇଁ ପ୍ରତିନିଧିମାନେ ସେମାନଙ୍କ ସରକାରଙ୍କ ପ୍ରତିବଦ୍ଧତା ଦର୍ଶାଇବାକୁ ପଡ଼ିବ। ପ୍ଲାଷ୍ଟିକ୍‌ର ପୂରା ଲାଇଫ୍‌ସାଇକେଲ ଏବଂ ମାନବ ସମୁଦାୟ ଓ ପରିବେଶ ପ୍ରତି ଏହାର ବିପଜ୍ଜନକ ପ୍ରଭାବ ଉପରେ ସେମାନଙ୍କୁ ବିଚାର କରିବାକୁ ପଡ଼ିବ। ସମ୍ଭବତଃ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏବଂ ସେମାନଙ୍କୁ ଏହା ମନେରଖିବାକୁ ହେବ ଯେ, ଏହି ବୈଠକଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ବିଶ୍ୱସ୍ତରରେ ଏକ ବୈଧ ବାଧ୍ୟତାମୂଳକ ଉପାୟ ବାହାର କରିବା। ଏଥିରେ ଆଗକୁ ଆସି ଅନାଗ୍ରହ ପ୍ରକାଶ କରିବା କିମ୍ବା ପଛକୁ ହଟିବା କିମ୍ବା ବିଳାପ କରିବା ଉଚିତ ନୁହେଁ। ଆସନ୍ତା ବର୍ଷ ପ୍ୟାରିସରେ ପ୍ଲାଷ୍ଟିକ୍ ପ୍ରଦୂଷଣ ଉପରେ ବିଶ୍ୱସ୍ତରରେ ଏକ ବୁଝାମଣା ପାଇଁ ହେବାକୁଥିବା ଆଲୋଚନା ଅଧିକ ପ୍ରଭାବୀ ଓ ମହତ୍ତ୍ୱାକାଂକ୍ଷୀ ହେବା ଦରକାର। ପ୍ରତିନିଧିମାନେ ପୃଥିବୀକୁ ରକ୍ଷା କରିବା ଭଳି କାର୍ଯ୍ୟ କରିବା ଉଚିତ। ଯଦି ସେମାନେ ଅଧିକାର ପାଇବେ ତେବେ ଏହା ନିଶ୍ଚୟ କରିପାରିବେ।

## ଅବସର ପରେ ଭଲ ଲାଗୁନି



ଡ. ଗଣେଶ ଚନ୍ଦ୍ର କୁଣ୍ଡ

ଦିନେ ସନ୍ଧ୍ୟାବେଳେ ମୁଁ ଓ ମୋର ବନ୍ଧୁ ଏକ ପାର୍କ ପାଖରେ ବୁଲୁଥିବାବେଳେ ଜଣେ ବାବୁଙ୍କ ସହିତ ଦେଖାହେଲା। ବାବୁଙ୍କୁ ପଚାରିଲି ଆପଣ କେମିତି ଅଛନ୍ତି ? ବାବୁ କହିଲେ, ଅବସର ପରେ କିଛି ଭଲ ଲାଗୁନି। ମୁଁ କହିଲି ଏତେ ବର୍ଷ କାମ କଲେ, ଟିକେ ବିଶ୍ରାମ ନିଅନ୍ତୁ, ପରିବାର ସହିତ ସମୟ କାଟନ୍ତୁ । ବାବୁ କହିଲେ, ଆଗରୁ କେତେ ଲୋକ ମୋ ପାଖକୁ ଆସୁଥିଲେ, କିନ୍ତୁ ଏବେ କେହି ଆସୁନାହାନ୍ତି। ଚେଷ୍ଟା କରୁଛି ଯଦି କୌଣସି ସଂସ୍ଥାରେ କିଛି ନିଯୁକ୍ତି ମିଳିଯାଆନ୍ତା ତେବେ ଭଲ ଲାଗନ୍ତା। ତା'ପରେ ବାବୁଙ୍କ ପାଖରୁ ବିଦାୟ ନେଇ ମୁଁ ଓ ମୋର ବନ୍ଧୁ ଘରକୁ ଆସିବା ସମୟରେ ବନ୍ଧୁ ପଚାରିଲେ, ବାବୁ ଜଣକ ଅବସର ପରେ ପୁଣି ଚାକିରି କରିବାକୁ ଆଗ୍ରହୀ ଅଛନ୍ତି। ଶିକ୍ଷିତ ଯୁବତୀଯୁବକମାନେ ଚାକିରିକୁ ଅନେଇ ବସିଛନ୍ତି କିନ୍ତୁ କେତେକ କ୍ଷେତ୍ରରେ ଦେଖିବାକୁ ମିଳେ ଅବସର ପରେ କିଛି ଲୋକ ପୁଣି ନିଯୁକ୍ତି ପାଉଛନ୍ତି। ଏହା କେତେଦୂର ଠିକ୍। ମୁଁ କହିଲି, ତୋ' ପ୍ରଶ୍ନ ଶୁଣି ମୋର ଗୋଟେ କଥା ମନେପଡୁଛି। ଥରେ ଆଖୁ ରସ ପିଇବାକୁ ମୁଁ ଛିଡ଼ା ହୋଇଥାଏ, ଆଖୁରସ ବିକୁଥିବା ବ୍ୟକ୍ତିଟି କେତେ ଖଣ୍ଡ ନିର୍ଦ୍ଦିଷ୍ଟ ଆଖୁକୁ ଏକାଧିକ ଥର ମେଶିନରେ ପୂରାଉଥାଏ। ମୁଁ ତାଙ୍କୁ କହିଲି, ସେହି ଆଖୁଖଣ୍ଡକୁ ବାରମ୍ବାର ମେଶିନରେ ପୂରାଉଛ, ଆଉ କ'ଣ ତା' ଭିତରେ ରସ ଅଛି ? ସେ କହିଲେ, ଆଖୁର କେତେ ରସ ଅଛି ମୁଁ ଜାଣିଛି। ସେଥିପାଇଁ ବାରମ୍ବାର ମେଶିନରେ ପୂରାଇ ରସ କାଢୁଛି। ଆଖୁ ବିକୁଥିବା ଲୋକର କଥାକୁ ଉଦାହରଣ ଦେଇ ବନ୍ଧୁଙ୍କୁ କହିଲି, ଆମକୁ ବୁଝିବାକୁ ପଡ଼ିବ ଯେ ଯେଉଁ ସଂସ୍ଥା ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଚାକିରି ଦେଉଛନ୍ତି ସେମାନେ ଜାଣିଥିବେ, ଏହାର କାରଣ କ'ଣ ଓ କେତେ ଦୂର ଠିକ୍।

ଆମେ ଯେମିତି ବ୍ୟବହାର କରିବା, ସେହି ପ୍ରକାର ଆମକୁ ମିଳିବ। କିନ୍ତୁ ସେ ବାବୁ ଜଣକ ଯାହା କହିଲେ, ତାଙ୍କ କଥାକୁ ନେଇ କିଛି ଲେଖିବାକୁ ଚେଷ୍ଟା କରିଛି। ସେ କହିଲେ, ଅବସର ପରେ ଭଲ ଲାଗୁନିର ମୁଖ୍ୟ କାରଣ ହେଉଛି କେହି କଥା ହେବାକୁ ଆସୁନାହାନ୍ତି । ଆଗ ଭଳି କେହି ଆଉ ବାବୁଙ୍କ କଥାକୁ ସମ୍ମାନ ଦେଉ ନାହାନ୍ତି। ବାବୁ ଚାକିରି କରିଥିଲେ ବୋଲି ଅବସର କଥା କହୁଛନ୍ତି କିନ୍ତୁ ଯେଉଁମାନେ ଚାଷୀ, ବ୍ୟବସାୟୀ କିମ୍ବା ଚାକିରି କରିନାହାନ୍ତି ସେମାନଙ୍କର ଅବସର ଅଛି କି? ଯେତେବେଳେ ପଦବୀ ଥିଲା କାହାରି ସହିତ ଭଲ ସମ୍ପର୍କ ରଖିପାରିଲେ ନାହିଁ। ସମ୍ପର୍କୀୟ, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ଗାଁ ଲୋକଙ୍କ ପାଖରୁ ଦୂରେଇ ରହିଲେ, କାଳେ କିଏ ସାହାଯ୍ୟ ମାଗିବେ, କିଏ ଟଙ୍କା ମାଗିବେ। ଗାଁରେ କୌଣସି ସାମୂହିକ କାର୍ଯ୍ୟକ୍ରମ କିମ୍ବା ମନ୍ଦିର କିମ୍ବା କୌଣସି ଅନୁଷ୍ଠାନକୁ ସାହାଯ୍ୟ କରି ନ ଥିଲେ। କାହାରି ଦୁଃଖରେ ଛିଡ଼ା ହେବାକୁ ସମୟ ନ ଥିଲା, ସବୁବେଳେ ନିଜ ଚିନ୍ତା କରୁଥିଲେ କେମିତି ଭଲରେ ରହିବେ। ବାବୁ ଅବସର ପରେ ଜାଣିଲେ ଯେ ଭାବର ଆଦାନପ୍ରଦାନ ନିହାତି ଦରକାର। ଚାକିରି କରିଥିବା ବେଳେ ଏମିତି ଭାବିଥିଲେ ଭଲ ହୋଇଥାନ୍ତା। ସେ ସମୟ ଏବେ ଆଉ ନାହିଁ। ଏବେ ସମୟ ଅତିବାହିତ କରିବା ପାଇଁ ଅନ୍ୟମାନଙ୍କୁ ଖୋଜିଲେ ଆଉ କିଏ ଦେଖାଦେବେ। ଶାସ୍ତ୍ର କହିଥାଏ ''ଏବେ କରିବା କର୍ମ ମାନ ଆଗକୁ ହୁଅ ସାବଧାନ''।

ଆମେ ଏମିତି ଅଭ୍ୟାସରେ ପଡ଼ିଗଲେଣି ଯେ ସବୁବେଳେ ଅନ୍ୟକୁ ଦେଖୁ କିନ୍ତୁ ନିଜକୁ ଦେଖୁନା। ଅନ୍ୟମାନେ ପରିବର୍ତ୍ତନ ହୁଅନ୍ତୁ କିନ୍ତୁ ନିଜକୁ ବଦଳାଇବା କଥା ଚିନ୍ତା କରୁନା। ସର୍ବଦା ନିଜ ଦୋଷ ଦେଖି ନିଜଠାରେ ପରିବର୍ତ୍ତନ ଆଣିପାରିଲେ ଶାନ୍ତିରେ ରହିବା ସମ୍ଭବ ହୋଇପାରିବ। ବାବୁ ଜଣକ ଅତୀତରେ ନିଜକୁ ପରିବର୍ତ୍ତନ କରିପାରିଲେ ନାହିଁ କିନ୍ତୁ ଏବେ ଅନ୍ୟମାନେ କେମିତି ପରିବର୍ତ୍ତନ ହେବେ ଆଶା କରୁଛନ୍ତି।

କିଛି ବ୍ୟକ୍ତି ଯେତେବେଳେ କୌଣସି ପଦପଦବୀରେ ଥାଆନ୍ତି ସେମାନେ କ୍ଷମତାର ନିଶାରେ ନିଜର ଶକ୍ତି ଦେଖାଇ ଥାଆନ୍ତି । କିନ୍ତୁ ବେଙ୍ଗ କହେ ବେଙ୍ଗୁଲି ଲୋ ପୃଥିବୀ କ୍ଷଣ କ୍ଷଣକେ ଆନ । ସମୟ ଓ ପରିସ୍ଥିତିକୁ ନେଇ ସବୁ କିଛି ପରିବର୍ତ୍ତନ ହୋଇଯାଏ । ଏହି ସମୟ ଚାଲିଯିବ, ଯାହାର ଅର୍ଥ ସଂସାରରେ କିଛି ସ୍ଥାୟୀ ନୁହେଁ । ଯେଉଁମାନେ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଭଲ କାର୍ଯ୍ୟରେ ଉପଯୋଗ କରିଥାନ୍ତି ସେମାନଙ୍କ ଜୀବନ ଧନ୍ୟ ହୁଏ । ସୁନ୍ଦର ଭାବରେ ବଞ୍ଚିବାକୁ ହେଲେ ଆବଶ୍ୟକତା ଅଛି ଏକ ସୁନ୍ଦର ସମ୍ପର୍କର । ନିଜର ମୂଲ୍ୟ ବୁଝିବା ସହିତ ଅନ୍ୟର ମଧ୍ୟ ମୂଲ୍ୟ ଅଛି ବୋଲି ଭାବିବା ମାନବିକତାର ପରିଚୟ।

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ : ୯୯୩୮୦୬୦୮୮୬

## ଏଇ ଭାରତରେ

ବଗିଚା କହିଲେ ଘର ଅଗଣା, କିନ୍ତୁ ଫଳୁଛି ବ୍ରାଜିଲର ୨୫୦ ପ୍ରକାର ଫଳ। ଅଗଣାରେ ଏଭଳି ଚାଷକରି ଅନ୍ୟମାନଙ୍କୁ ବାଟ ଦେଖାଇଛନ୍ତି କେରଳର ପରେଶ ଜନାନ୍। ପରେଶ ରହୁଛନ୍ତି ଥ୍ରିଶୂରରେ। ସେ ଫେସ୍‌ବୁକ୍ ଭିଡିଓ ପ୍ରେରିତ ହୋଇ ଏହି ବିଦେଶୀ ଫଳ ଚାଷକରି ସଫଳ ହୋଇପାରିଛନ୍ତି। ଏ କ୍ଷେତ୍ରରେ ଉଲ୍ଲେଖ କରାଯାଇଥିବା 'ଫ୍ରୁଟାସ ନୋ ବ୍ରାଜିଲ' ପୁସ୍ତକରୁ ବ୍ରାଜିଲର ୯୫୦ ପ୍ରକାର ଫଳ ସମ୍ପର୍କରେ ପଢ଼ିବା ପରେ ୨୦୧୪ରେ ସେ ଏହି ଚାଷ ଆରମ୍ଭ କରିଥିଲେ। ପରେଶ ପ୍ରଥମେ ବ୍ରାଜିଲିଆନ ଗ୍ରେପ୍ ଟ୍ରି ଲଗାଇବା ପରେ ଅନ୍ୟ କିସମ ସଂଗ୍ରହ କରିଥିଲେ। ଗଛରେ ପାଣି ଦେବାଠାରୁ ଆରମ୍ଭକରି ଅନ୍ୟାନ୍ୟ କାର୍ଯ୍ୟରେ ପରେଶଙ୍କ ମା' ତାଙ୍କୁ ସାହାଯ୍ୟ କରୁଛନ୍ତି। ଏହି ଫଳଗୁଡ଼ିକରୁ ସେ ୨୦ ପ୍ରକାର ଜାମ୍ ପ୍ରସ୍ତୁତ କରୁଛନ୍ତି ଓ ଏଥିରୁ ଭଲ ଲାଭ ମଧ୍ୟ ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୯ ଡିସେମ୍ବର ୧୯୯୭

- ଗୁପ୍ତଚର ବୃତ୍ତିର ଅଭିଯୋଗରେ ଭାରତୀୟ କୁଟନୈତିକ କର୍ମଚାରୀ ଭୋଳାନାଥ ଦତ୍ତ ପାକିସ୍ତାନରୁ ବହିଷ୍କୃତ।
- କଂଗ୍ରେସର ଦୁଇ ବରିଷ୍ଠ ନେତା ଅଜିତ କୁମାର ପାଞ୍ଜା ଓ କ୍ରିଷ୍ଣା ବୋଷ ଦଳରୁ ଇସ୍ତଫା ଦେଇ ବିଦ୍ରୋହୀ ନେତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସରେ ଯୋଗାଦାନ।
- ଚାନ୍ଦିପୁରସ୍ଥିତ ମଧ୍ୟମ କ୍ଷେପଣାସ୍ତ୍ର ଘାଟିରୁ ବହୁମୁଖୀ ରକେଟ ଉତ୍କ୍ଷେପଣକାରୀ 'ପିନାକା'ର ସଫଳ ପରୀକ୍ଷଣ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | | 1 | | | | |
| | | | 2 | | 7 | | 9 | |
| | | | | | | | 5 | |
| | | | | | | 8 | 2 | 7 |
| 2 | | | 8 | | 6 | | | |
| | | | 9 | 3 | | | | |
| | 6 | | | | | 9 | | 3 |
| 1 | | 9 | | | | | | |
| | | | 6 | | | 5 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 9 | 1 | 2 | 3 | 4 | 7 | 5 |
| 3 | 4 | 2 | 7 | 8 | 5 | 9 | 1 | 6 |
| 7 | 5 | 1 | 9 | 4 | 6 | 3 | 8 | 2 |
| 5 | 9 | 7 | 2 | 3 | 8 | 1 | 6 | 4 |
| 2 | 6 | 3 | 4 | 5 | 1 | 7 | 9 | 8 |
| 4 | 1 | 8 | 6 | 9 | 7 | 2 | 5 | 3 |
| 1 | 2 | 5 | 3 | 6 | 9 | 8 | 4 | 7 |
| 8 | 7 | 4 | 5 | 1 | 2 | 6 | 3 | 9 |
| 9 | 3 | 6 | 8 | 7 | 4 | 5 | 2 | 1 |

ଗତକାଲିର ଉତ୍ତର

# ଅବାଞ୍ଛିତ ଆହ୍ୱାନ



ଡ. ଭାରତ ଭୂଷଣ ରଥ

ପଦ୍ମଭୂଷଣ ଉପାଧି ବିଭୂଷିତ ବିଶିଷ୍ଟ ଲେଖକ ରସ୍କିନ୍ ବଣ୍ଡ୍ ବିଶ୍ୱ ସାହିତ୍ୟ ଜଗତର ଜଣେ ଅସାଧାରଣ ପ୍ରତିଭା। ତାଙ୍କର ଆତ୍ମଜୀବନୀ ''ଦ ସିନ୍ସ ଫ୍ରମ୍ ଏ ରାଇଟର୍ସ ଲାଇଫ୍''ରେ ଭାରତ ରହଣି ସମୟରେ ଇଂରେଜମାନଙ୍କର ସମସ୍ୟା, ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ତଥା ଭାରତ ବିଭାଜନ ପରବର୍ତ୍ତୀ ସମସ୍ୟାର ବର୍ଣ୍ଣନ ଅତ୍ୟନ୍ତ ମର୍ମସ୍ପର୍ଶୀ। ରସ୍କିନ୍‌ଙ୍କ ବାପା ଆବ୍ରେ ବଣ୍ଡ୍ ଥିଲେ ଇଂଲଣ୍ଡର ରୟାଲ ଏୟାରଫୋର୍ସର ଜଣେ ସେନା ଅଧିକାରୀ। ସେତେବେଳକୁ ଭାରତ ଇଂରେଜ ଶାସକମାନଙ୍କ ଅଧୀନରେ ଥିଲା। ତେଣୁ ବଣ୍ଡ୍ ଭାରତରେ ରହି ଇଂରେଜ ସରକାରଙ୍କର କାମ କରୁଥିଲେ। ସେନାରେ ଥିବାରୁ ଅନେକ ସମୟରେ ପରିବାର ବାହାରେ ତାଙ୍କୁ ସମୟ ଅତିବାହିତ କରିବାକୁ ପଡ଼େ। ସେନା କର୍ମଚାରୀଙ୍କ ପିଲାମାନେ ସିମ୍‌ଲା, ମସୌରୀ ପ୍ରଭୃତି ସହରର ସ୍କୁଲ୍‌ରେ ଇଂଲଣ୍ଡ ସେନା ଦ୍ୱାରା ଛାତ୍ରବୃତ୍ତି ପାଇ ପାଠ ପଢ଼ନ୍ତି। ତନ୍ମଧ୍ୟରେ ଜଣେ କୋମଳମତି ବାଳକ ଥିଲେ ରସ୍କିନ୍ ବଣ୍ଡ୍ । ବାପାଙ୍କର ସୈନ୍ୟବାହିନୀ କାର୍ଯ୍ୟରେ ବ୍ୟସ୍ତତା ଭିତରେ ତାଙ୍କ ମା' ଅନ୍ୟ ଜଣେ ପୁରୁଷ ବନ୍ଧୁଙ୍କୁ ବାଛିନେଇଥିଲେ। କାଳକ୍ରମେ ବାପା ଶାରୀରିକ ଅସୁସ୍ଥତା କାରଣରୁ ଦେହତ୍ୟାଗ କଲେ। ଏପଟେ ମା'ଙ୍କର ରସ୍କିନ୍‌ଙ୍କ ପ୍ରତି ବିଶେଷ ସମବେଦନା ନ ଥିଲା। ରସ୍କିନ୍ ନିଜକୁ ଏକା ମନେକରୁଥିଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଂରେଜ ସେନା ଭାରତର ଏୟାର ବେସ୍‌ଗୁଡ଼ିକୁ ବ୍ୟବହାର କରେ। ବିଶ୍ୱଯୁଦ୍ଧ ସରିଆସୁଥାଏ, ଭାରତରୁ ବ୍ରିଟିଶ୍ ସୈନିକମାନେ ଚାଲିଯିବାକୁ ପ୍ରସ୍ତୁତ ହେଉଥାଆନ୍ତି। ଇଂଲଣ୍ଡ ସୈନିକମାନଙ୍କର ତାଙ୍କ ଦେଶରେ କୌଣସି ଭବିଷ୍ୟତ ନ ଥିଲା, ପୁନଃ ସେଠାରେ ଖର୍ଚ୍ଚ ଅଧିକ। ତେଣୁ ସେମାନେ ଭାରତ ଛାଡ଼ିବାକୁ ଏତେଟା ଆଗ୍ରହୀ ନ ଥିଲେ। କିନ୍ତୁ ଇଂଲଣ୍ଡରୁ ଆସିଥିବା ଅନେକ ପରିବାର ବଡ଼ ହନ୍ତସନ୍ତ ହେଲେ। ବିଶେଷକରି ଭାରତ ସ୍ୱାଧୀନ ହେବାବେଳକୁ ଭାରତରେ ରହିଯାଇଥିବା ଇଂରେଜମାନଙ୍କର ଅବସ୍ଥା ଆହୁରି ଶୋଚନୀୟ ହେଲା। ଏଥିପାଇଁ ଇଂରେଜମାନେ ନିଜେ ହିଁ ଦାୟୀ କାରଣ ସେମାନେ ନିଜେ ହିଁ ତାଙ୍କର ସାମାଜିକ ଚଳଣିକୁ ଖରାପ କରିଦେଇଥିଲେ। ସିମ୍‌ଲା, ମସୌରୀ, ଡେରାଡୁନ୍ ପ୍ରଭୃତିର ଥଣ୍ଡା ଏବଂ ମନୋରମ ପରିବେଶକୁ ଇଂରେଜମାନେ ନିଜର ବାସସ୍ଥଳୀ ଭାବରେ ବାଛିଥିଲେ। ରସ୍କିନ୍ କୁହନ୍ତି; 'ସେହିସବୁ ସ୍ଥାନମାନଙ୍କରେ ରେସ୍ତୋରାଁ, କ୍ୟାସିନୋ, ନାଇଟ୍ କ୍ଲବ ଇତ୍ୟାଦି ଖୋଲିଥିଲା। ଡେରାଡୁନ୍ ପ୍ରଭୃତି ସ୍ଥାନରେ ଦଳ ଦଳ ହୋଇ ସୈନିକ ସନ୍ଧ୍ୟା ପ୍ରହରୁ ଆରମ୍ଭକରି ବିଳମ୍ବିତ ରାତ୍ର ଯାଏ ଆସର ଜମାଉଥିଲେ।' ଭାରତରେ ଏହିସବୁ ପାଶ୍ଚାତ୍ୟ ପରମ୍ପରା ଇଂରେଜମାନଙ୍କ ସମୟରେ ଆରମ୍ଭ ହୋଇଗଲା। ଆଜି ଦେଶର ପ୍ରତ୍ୟେକ ଛୋଟ ବଡ଼ ସହରରେ ଏହାର ପ୍ରଭାବ ଦୃଷ୍ଟିଗୋଚର ହୁଏ । ଏପଟେ ରସ୍କିନ୍‌ଙ୍କ ମା' ଏବଂ ତାଙ୍କର ସାବତ ବାପା ପ୍ରତ୍ୟେକ ଦିନ ବାହାରକୁ ବୁଲିଯାଉଥିଲେ ଏବଂ ବିଳମ୍ବିତ ରାତିରେ ଫେରୁଥିଲେ। ସରଳ ଏବଂ ନିରୀହ ରସ୍କିନ୍ ହୋଇଯାଉଥିଲେ ବ୍ୟତିବ୍ୟସ୍ତ। ସ୍କୁଲରେ ଥିବା ତାଙ୍କର ପ୍ରାୟ ସମସ୍ତ ସାଙ୍ଗ ପାଶ୍ଚାତ୍ୟ ପ୍ରଭାବରେ ପ୍ରଭାବିତ; ଯାହା ରସ୍କିନ୍‌ଙ୍କୁ ଆଦୌ ଭଲ ଲାଗୁ ନ ଥାଏ। ହଠାତ୍ ସ୍କୁଲ୍‌ରେ ଓମାର ନାମକ ଏକ ଧୀରସ୍ଥିର ପିଲାକୁ ସେ ଲକ୍ଷ୍ୟ କଲେ। ଦିନେ ରସ୍କିନ୍ ଏବଂ ଓମାରଙ୍କ ମଧ୍ୟରେ ବାର୍ତ୍ତାଳାପ ହେଲା। କିନ୍ତୁ ଦୁଃଖର କଥା, ଉଭୟ ଏକା ଶ୍ରେଣୀର ହୋଇଥିଲେ ମଧ୍ୟ ସେକ୍ସନ ଅଲଗା ଥିବାରୁ ଉଭୟଙ୍କ ଭିତରେ ଭାବର ଆଦାନପ୍ରଦାନରେ ସମସ୍ୟା ଥିଲା। ତେବେ ଖେଳପଡ଼ିଆରେ ଉଭୟ ନିଜର ଭାବକୁ ବିନିମୟ କରିପାରୁଥିଲେ। ଏହା ଭିତରେ ଜଣାପଡ଼ିଲା ଓମାର ହେଉଛନ୍ତି ପେଶ୍ୱାର ନିବାସୀ। ତାଙ୍କ ବାପା ଜଣେ ସୈନିକ ଥିଲେ ଏବଂ ସୀମାରେ ଲଢ଼େଇ କରୁଥିବା ସମୟରେ ପ୍ରାଣତ୍ୟାଗ କରିଥିଲେ। ଦୁଇ ସାଙ୍ଗ ନିରୋଳାରେ ବସି କଥାବାର୍ତ୍ତା ହେବା ପାଇଁ ଏକ ସ୍ଥାନ ଅନ୍ୱେଷଣ କରୁଥିଲେ। ଦିନେ ଏକ ପରିତ୍ୟକ୍ତ କୋଠାର ଅବ୍ୟବହୃତ ଅନ୍ଧକାର ଡ୍ରେନେଜ୍ ଭିତରେ ପଶୁ ପଶୁ ସେମାନେ ନିଜ ସ୍କୁଲ ସମୀପସ୍ଥ ଘାସବୁଦା ନିକଟ ପାହାଡ଼ ପାଖରେ ବାହାରିଲେ। ସେହିଦିନଠାରୁ ଉଭୟ କିଛି ସମୟ ସୁଡ଼ଙ୍ଗରେ କଥାବାର୍ତ୍ତା ହୁଅନ୍ତି ଏବଂ ବାହାରିଯାଆନ୍ତି ସ୍କୁଲ୍ ପାଖରେ।



ଦିନେ ଓମାର ରସ୍କିନ୍‌ଙ୍କୁ ପଚାରିଲେ; ଭାରତ ସ୍ୱାଧୀନ ପରେ ବ୍ରିଟିଶ୍ ସରକାର ଭାରତ ଛାଡ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ତୁ ବି କ'ଣ ଏ ଦେଶ ଛାଡ଼ି ଚାଲିଯିବୁ? ରସ୍କିନ୍ ଉତ୍ତର ଦେଲେ ବୋଧହୁଏ ମୁଁ ଭାରତରେ ରହିବି କାରଣ ମୋର ସାବତ ବାପା ଜଣେ ଭାରତୀୟ। ପୁନଃ ଓମାର କହିଲେ, ଜନସାଧାରଣ କୁହାକୁହି ହେଉଛନ୍ତି; ବ୍ରିଟିଶ୍ ସରକାର ଭାରତକୁ ଭାଗ ଭାଗ କରିଦେବେ। ସିମ୍‌ଲା ଭାରତରେ ରହିବ ଏବଂ ପେଶ୍ୱାର୍ ପାକିସ୍ତାନର ଅଂଶ ହେବ। ଏହାକୁ ରସ୍କିନ୍ ଆଦୌ ବିଶ୍ୱାସ ନ କରି ଏଡ଼େଇଗଲେ ।

ହଠାତ୍ ଦିନେ ସକାଳେ ପ୍ରଧାନ ଶିକ୍ଷକ ସୂଚନା ଦେଲେ, ଯେଉଁ ଛାତ୍ରମାନଙ୍କର ଘର ପାକିସ୍ତାନ ଚିହ୍ନିତ ଅଞ୍ଚଳରେ ସେହି ଛାତ୍ରମାନଙ୍କୁ ତାଙ୍କ ନିଜ ଘରକୁ ପଠାଇ ଦିଆଯିବ। ତାହା ହିଁ ହେଲା; ସଶସ୍ତ୍ର ସୈନିକଙ୍କ ସହିତ ପାକିସ୍ତାନର ଛାତ୍ରମାନଙ୍କୁ ତାଙ୍କ ଘରକୁ ପଠାଇ ଦିଆଗଲା। ତନ୍ମଧ୍ୟରେ ଓମାର ମଧ୍ୟ ଜଣେ ଛାତ୍ର ଥିଲେ। କାନ୍ଦି କାନ୍ଦି କୋମଳମତି ଛାତ୍ରୀଛାତ୍ରମାନେ ନିଜର ସାଙ୍ଗମାନଙ୍କୁ ବିଦାୟ ଦେଲେ।

କିଛିଦିନ ପରେ ଓମାରଠାରୁ ରସ୍କିନ୍ ଏକ ଚିଠି ପାଇଲେ। ସିମ୍‌ଲାର ସୌନ୍ଦର୍ଯ୍ୟ, ଉଭୟଙ୍କର ବନ୍ଧୁତା ଏବଂ ବିଶେଷ ଭାବରେ ଉଭୟଙ୍କ ମିଳିତ ପ୍ରୟାସରେ ଆବିଷ୍କୃତ ହୋଇଥିବା ସୁଡ଼ଙ୍ଗଟିର କଥା ସେହି ଚିଠିରେ ଲେଖାଥିଲା। ବନ୍ଧୁତ୍ୱର ସ୍ନେହରେ ବାନ୍ଧିହୋଇଯାଇଥିବା ରସ୍କିନ୍ ପ୍ରତ୍ୟୁତ୍ତରପୂର୍ବକ ନିଜର ଘର ଠିକଣା ଦେଇ ଚିଠିଟିଏ ଲେଖିଲେ। ମାତ୍ର ଓମାରଠାରୁ ଦୀର୍ଘଦିନ ଧରି କୌଣସି ଚିଠି ମିଳି ନ ଥିଲା। ଦୀର୍ଘ ସତର ଅଠର ବର୍ଷ ପରେ ରସ୍କିନ୍ ଏକ ଖବର ପାଇଲେ। ଭାରତ ପାକିସ୍ତାନ ଭିତରେ ଯୁଦ୍ଧ ହୋଇଥାଏ। ସିମ୍‌ଲାର ସମୀପବର୍ତ୍ତୀ ଆମ୍ବାଲା ଉପରେ ବୋମା ପକାଇବାକୁ ଚାହୁଁଥିବା ଏକ ପାକିସ୍ତାନୀ ଯୁଦ୍ଧ ବିମାନକୁ ଭାରତୀୟ ସେନା ଗୁଳିକରି ଖସାଇ ଦେଇଥିଲା। ସେହି ଗୁଳିକାଣ୍ଡରେ ପାକିସ୍ତାନର ସମସ୍ତ ପାଇଲଟଙ୍କର ମୃତ୍ୟୁ ହୋଇଥିଲା, ଯେଉଁ ପାଇଲଟ୍‌ମାନଙ୍କ ମଧ୍ୟରେ ଜଣେ ଥିଲେ ଓମାର।

ଏହି ସମସ୍ତ ତଥ୍ୟ ଜାଣିଲା ପରେ ମନରେ ଏକ ପ୍ରଶ୍ନ ଉଠେ, ରସ୍କିନ୍‌ଙ୍କ ଭଳି କୋମଳମତି ବାଳକର ସମସ୍ୟା, ସୈନ୍ୟମାନଙ୍କର ମାନସିକ ବେଦନା ତଥା ଓମାରଙ୍କର ଭାରତ ବିପକ୍ଷରେ ଯୁଦ୍ଧ ଅବାଞ୍ଛିତ ଆହ୍ୱାନ ନୁହେଁ କି?

**ଉପନିର୍ଦ୍ଦେଶକ, ଦୂର ଶିକ୍ଷା ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି, ଆନ୍ଧ୍ରପ୍ରଦେଶ**
ମୋ:୮୮୯୭୪୨୬୨୪୩

## ପାଠକ ଶ୍ରେଷ୍ଠ ବିଚାରକ

### ହାତୀ ମୃତ୍ୟୁସଂଖ୍ୟା ବଢ଼ୁଛି

ମହାଶୟ,

ଉଦ୍‌ବେଗଜନକ ବିଷୟ ହେଲା ଦିନକୁ ଦିନ ହାତୀ ମୃତ୍ୟୁସଂଖ୍ୟା ବଢ଼ୁଛି। ସରକାର ଏ ବିଷୟରେ କେତେଦୂର ସଚେତନ ଅଛନ୍ତି ଜାଣି ହେଉନି। କେଉଁଠି ବିଦ୍ୟୁତ୍ ତାର ଲାଗି, କେଉଁଠି ଶିକାରୀମାନଙ୍କର ଆକ୍ରମଣ ଦ୍ୱାରା ଅନେକ ହାତୀ ବଡ଼ ଦୟନୀୟ ଭାବେ ମରୁଛନ୍ତି। ଖବରକାଗଜରୁ ପଢ଼ିଲେ ମନରେ ଗଭୀର କ୍ଷୋଭ ସୃଷ୍ଟି ହେଉଛି। ଯାହା ଜଣାପଡୁଛି ଈଶ୍ୱରଙ୍କ ସୃଷ୍ଟିରେ ଏ ଦୁର୍ଲ୍ଲଭ ପ୍ରାଣୀ ରାଜ୍ୟରୁ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯିବ। ସାଂଘାତିକ ଭାବେ ଜଙ୍ଗଲ କ୍ଷୟ ଦ୍ୱାରା ହାତୀମାନେ ଜନବସତିକୁ ପଶି ଆସି ବ୍ୟାପକ କ୍ଷତି କରୁଛନ୍ତି। ଲୋକମାନେ ଆତଙ୍କିତ ଅବସ୍ଥାରେ କାଳ କାଟୁଛନ୍ତି। ପରିଶ୍ରମ କରି ଫସଲ ଉତ୍ପାଦନ କରୁଥିବା କ୍ଷେତକୁ ହାତୀମାନେ ଯେପରି ଭାବେ ନଷ୍ଟ କରୁଛନ୍ତି ଲୋକମାନେ କ୍ରୋଧାନ୍ୱିତ ହୋଇ ବିଷ ଦେଇ କିମ୍ବା ଗୁଳି ଫୁଟାଇ ହାତୀମାନଙ୍କୁ ମାରି ଦେଉଛନ୍ତି। ସରକାର ଏ ବିଷୟରେ ସଚେତନ ହୋଇ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବା ଉଚିତ।

**-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚକିତ ହରିଣୀ-ନୟନ ଚାହିଁଛି
ମୋହରି ମିଳନ ଆଶେ,
କୁସୁମ କଳିକା ମଉନେ ରହିଛି
ମୋହରି ବିରହ ପ୍ରାସେ।

-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ସନତ


@ ଭେଙ୍କଟରମଣ



@ ଉତ୍ତମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜେଡି ପକ୍ଷରୁ ବିକ୍ଷୋଭ, ଗଣଧାରଣା

- ୧୬୦ରୁ ଉର୍ଦ୍ଧ୍ୱ ଜନଜାତି ସମ୍ପ୍ରଦାୟଙ୍କୁ ରାଜ୍ୟ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ କରାଯାଉ
- କେନ୍ଦ୍ର ସରକାରଙ୍କ ଅବହେଳାର ପ୍ରତିବାଦ କଲା ବିଜେଡି

ସୁନ୍ଦରଗଡ଼,୨୮।୧୨(ଡି.ଏନ୍.ଏ.)


ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଗଣଧାରଣା ଦିଆଯାଇଥିଲା।

ଓଡ଼ିଶାର ୧୬୦ରୁ ଉର୍ଦ୍ଧ୍ୱ ଜନଜାତି ସମ୍ପ୍ରଦାୟଙ୍କୁ ରାଜ୍ୟ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବାରେ କେନ୍ଦ୍ର ସରକାରଙ୍କ ଅବହେଳାର ପ୍ରତିବାଦ କରିଛି ବିଜେଡି। ବୁଧବାର ସୁନ୍ଦରଗଡ଼ ବିଜେଡି (ବିଜୁ ଜନତା ଦଳ) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଡିଆରଡିଏ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦିଆଯାଇଥିଲା। ଆୟୋଜିତ ଗଣଧାରଣା ସଭାରେ ଜିଲା ବିଜେଡି ସଭାପତି ତଥା ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଉପାଧ୍ୟକ୍ଷ କମଲ ଲାକ୍ରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ସୁଶୀଲା ଟପ୍ପୋ, ପୂର୍ବତନ ନଗରପାଳ ବେଦ୍ୟୁଧର ତାଣ୍ଡିଆ, ଉପନଗରପାଳ ଲଲାଟେନ୍ଦୁ ପରିଡ଼ା, ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, କାଉନସିଲର ସୁମନ୍ତ ସାହୁ, ଶିବାଜୀ ନାଏକ, ଜିଲା ପରିଷଦ ସଭ୍ୟ ଜଲନୀ କେର୍କେଟା, ମନୋଜ ବରୁଆ, ମଞ୍ଜୁଲତା ନାଏକ ପ୍ରମୁଖ ଦଳୀୟ ନେତୃବୃନ୍ଦ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଅବହେଳା ନୀତିକୁ ସମାଲୋଚନା କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ୧୬୦ ଜନଜାତିଙ୍କୁ ରାଜ୍ୟ ଜନଜାତି ତାଲିକାରେ ସାମିଲ ଦାବିନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

# କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା ଅଫିସ,୨୮।୧୨

ରାଉରକେଲା ଜିଲା କଂଗ୍ରେସ କମିଟି ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସର ୧୩୮ତମ ପ୍ରତିଷ୍ଠା ଦିବସ ବୁଧବାର ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଦଳର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସି ସଭ୍ୟ ସବୀର ହୁସେନ, ରଶ୍ମିରଞ୍ଜନ ପାଢୀ ଓ ରାଜେଶ ଟପ୍ପୋ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ଓ ସାହିର ହୁସେନ ପ୍ରମୁଖ ବକ୍ତବ୍ୟ ରଖି କଂଗ୍ରେସ ପ୍ରତିଷ୍ଠାର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ।

# ୯ଟି ମୋବାଇଲ ଜବତ: ୩ ଗିରଫ

ରାଉରକେଲା ଅଫିସ,୨୮।୧୨

ମଝି ରାସ୍ତାରୁ ଜଣେ କଲେଜ ଛାତ୍ରୀଙ୍କୁ ଠାରୁ ମୋବାଇଲ ଛିନତାଇ କରି କରି ଫେରାର ଥିବା ଅଭିଯୋଗରେ ସେକ୍ଟର-୭ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନାଲାରୋଡ ଅଞ୍ଚଳର ଏମ୍‌ଡି ଖୁର୍ସିଦ, ଏମ୍‌ଡି ମହତାବ ଓ ଏମ୍‌ଡି ଇରସାଦ। ପୋଲିସ ୩ ଜଣ ଅଭିଯୁକ୍ତଙ୍କ ଠାରୁ ନଅଟି ସ୍ମାର୍ଟଫୋନ ସହ ଗୋଟିଏ ବାଇକକୁ ଜବତ କରିଛି। ସୂଚନାଯୋଗ୍ୟ, ଛେଣ୍ଡ କଲୋନୀ ଅଞ୍ଚଳରେ ମହିମା ଟୋପୋ ବାସ କରନ୍ତି। ମହିମା ସେକ୍ଟର-୩ ସ୍ଥିତ ଶୁସୀଲାବତୀ ମହିଳା କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ଭାବେ ପାଠ ପଢନ୍ତି। ସବୁଦିନ ପରି ମହିମା ସାଇକେଲ ଯୋଗେ ମଙ୍ଗଳବାର କଲେଜରୁ ଘରକୁ ଫେରୁଥିବାବେଳେ ସେକ୍ଟର-୫ ସ୍ଥିତ ଭଞ୍ଜଭବନ ସମ୍ମୁଖରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ପଛପଟୁ ଧକ୍କା ଦେଇ ତାଙ୍କ ବ୍ୟାଗ ଛିନତାଇ କରି ଫେରାର ହୋଇ ଯାଇଥିଲେ। ଏନେଇ ଯୁବତୀ ଜଣଙ୍କ ଚିତ୍କାର କରିବାରୁ ସେଠାରେ ପାଟ୍ରୋଲିଂ କରୁଥିବା ପୋଲିସ ପିସିଆର ଭ୍ୟାନ ଘଟଣା ସ୍ଥଳରେ ପହଞ୍ଚି ଫେରାର ଥିବା ଦୁର୍ବୃତ୍ତଙ୍କ ପିଛା କରି ଜଣଙ୍କୁ କାବୁ କରି ନେଇଥିଲା। ବୁଧବାର ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୨ଜଣଙ୍କୁ ନାଲାରୋଡରୁ ଗିରଫ କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

# ଗଡ଼ିଲା ମାଣ୍ଡିଆ ମଣ୍ଡିର ସଚେତନତା ରଥ


ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ସୁନ୍ଦରଗଡ଼,୨୮।୧୨(ଡି.ଏନ୍.ଏ.)

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଚାଲୁଥିବା ମିଲେଟ ମିଶନ କାର୍ଯ୍ୟକ୍ରମ ଦ୍ୱାରା ପୁଷ୍ଟିଶସ୍ୟର ବହୁଳ ବ୍ୟବହାର ତଥା ଘରେ ଘରେ ପ୍ରତ୍ୟେକ ଖାଦ୍ୟଥାଳିରେ ପହଞ୍ଚାଇବା ପାଇଁ ବ୍ୟାପକ ପ୍ରୟାସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗରପାଲି ବ୍ଲକରେ ମାଣ୍ଡିଆ ମଣ୍ଡି ନିମନ୍ତେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଟାଙ୍ଗରପାଲି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟ ଭୂୟାଁ ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦମୟନ୍ତୀ ପଟେଲ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଞ୍ଜନା ଭୋଇ,ବିପିସି ଲଳିତା ସୁକାନ୍ତି ଲାକ୍ରା ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ରଙ୍ଗିଆମୁଣ୍ଡାସ୍ଥିତ ସେବକ ଅନୁଷ୍ଠାନ ସହଯୋଗୀ ଅନୁଷ୍ଠାନ ଭାବେ ରଥର ପରିକ୍ରମା ଦାୟିତ୍ୱ ନେଇଛନ୍ତି। ଏହି ରଥ ଟାଙ୍ଗରପାଲି ବ୍ଲକର ୧୩ଟି ପଞ୍ଚାୟତରେ ୪ଦିନ ଧରି ପରିକ୍ରମା କରିବ। ଚଳିତବର୍ଷ ଖରିଫ ଋତୁ ୨୦୨୨ -୨୩ ପାଇଁ ମାଣ୍ଡିଆ କୁଇଣ୍ଟାଲ ପ୍ରତି ୩୫୭୮ ଟଙ୍କା ସରକାର ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ଚାଷୀମାନେ ନିଜର ମାଣ୍ଡିଆକୁ ନିକଟସ୍ଥ ମଣ୍ଡିରେ ବିକ୍ରି କରିପାରିବେ। ଏହି ମଣ୍ଡି ଜାନୁୟାରୀ ୬ରୁ ଆରମ୍ଭ ହେବ ବୋଲି ସେବକ ଅନୁଷ୍ଠାନ ତରଫରୁ ସ୍ଥିର କରାଯାଇଛି। ସରକାରଙ୍କ କୃଷକ ଓ କୃଷି କଲ୍ୟାଣ ବିଭାଗ ତରଫରୁ ୨୦୧୭ ମସିହାରୁ ଓ ଆଦିବାସୀ ଅଞ୍ଚଳରେ ପୁଷ୍ଟିଶସ୍ୟର ବିକାଶ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ପୁଷ୍ଟିଶସ୍ୟ ମିଶନ ଚାଲୁଛି। ଏହି କାର୍ଯ୍ୟକ୍ରମକୁ ସେବକ ଅନୁଷ୍ଠାନର ମିଲେଟ ମିଶନର କର୍ମକର୍ତ୍ତା ଠଣସୁନ୍ଦର ଗନ୍ଧା, ଅମିୟରଞ୍ଜନ ଲେଙ୍କା, ଯଶୋବନ୍ତ ରାଉତ, ସଞ୍ଜୟ ସିଂ, ଆକାଶ ଚୌଧୁରୀ, ଝିନା ବଡେକ, ଦମୟନ୍ତୀ ନାୟକ, ସରିତା ବୁଡା ଓ ଚନ୍ଦ୍ରପଟେଲ ପ୍ରମୁଖ ପରିଚାଳନା କରିଥିଲେ।

# ରାଜଗାଙ୍ଗପୁରରେ କଂଗ୍ରେସର ପ୍ରତିଷ୍ଠା ଦିବସ



ରାଜଗାଙ୍ଗପୁରରେ କଂଗ୍ରେସର ପ୍ରତିଷ୍ଠା ଦିବସରେ ଉପସ୍ଥିତ ନେତା, କର୍ମୀ।

ରାଜଗାଙ୍ଗପୁର, ୨୮।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଟାଉନ କଂଗ୍ରେସ ସଭାପତି ଦିପୁ ବିନୋଦଙ୍କ ନେତୃତ୍ୱରେ ରାଜଗାଙ୍ଗପୁର କଂଗ୍ରେସ କମିଟି କାର୍ଯ୍ୟାଳୟରେ ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀସ୍ତରୀୟ ଜାତୀୟ କଂଗ୍ରେସର ୧୩୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରାଜଗାଙ୍ଗପୁର ବିଧାୟକ ଡାକ୍ତର ସି.ଏସ୍. ରାଜନ ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଉପସ୍ଥିତ ନେତୃବୃନ୍ଦ ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଘରକୁ ଘର ଯାଇ କଂଗ୍ରେସର ହାତ ମେ ହାତ ଯୋଡୋ କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ବିଧାୟକ କହିବା ସହ କଂଗ୍ରେସକୁ ଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା କଂଗ୍ରେସ ସଂଖ୍ୟାଲଘୁ ସମ୍ପ୍ରଦାୟର ସଭାପତି ଫାରୁକ ଅଖତର, ସୁନ୍ଦରଗଡ଼ ଜିଲା ଯୁବ କଂଗ୍ରେସ ସଭାପତି ଆଇନଜୀବୀ ଆଲବର୍ଟ କିଣ୍ଡୋ, ପିସିସି ସଦସ୍ୟ ସୁରେଶ ବାରିକ, ପିଏମ୍ ଚତୁର୍ବେଦି ପୂର୍ବତନ ଲାଠିକଟା ବ୍ଲକ ଚେୟାରମ୍ୟାନ, ଚମରୁ ତିର୍କୀ ଲାଠିକଟା ବ୍ଲକ କଂଗ୍ରେସ ସଭାପତି, ଦମନିକ ମିଞ୍ଜ ରାଜଗାଙ୍ଗପୁର ବ୍ଲକ କଂଗ୍ରେସ ସଭାପତି, ଅବଜାଲ ଅହମ୍ମଦ, ହୃଦୟା ସିଂ ପ୍ରମୁଖଙ୍କ ସହ ବିଭିନ୍ନ ସରପଞ୍ଚ ଓ ସମିତି ସଭ୍ୟ ତଥା କଂଗ୍ରେସର ବହୁ ନେତୃବୃନ୍ଦ ଓ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ରାଜଗାଙ୍ଗପୁରରେ ଏକ ଛକକୁ ପୂର୍ବତନ ନଗରପାଳ ମଇନୁଦ୍ଦିନଙ୍କ ନାମରେ ରଖି ଉଦ୍‌ଘାଟନ କରିଥିଲେ।

# ରାଉରକେଲା କିଡ୍ସ ଫେଷ୍ଟିଭାଲ ଉଦ୍‌ଘାଟିତ



କିଡ୍ସ ଫେଷ୍ଟିଭାଲରେ ଅଂଶଗ୍ରହଣ କରିଥିବା ପିଲା, ଅଭିଭାବକ।

ରାଉରକେଲା ଅଫିସ, ୨୮।୧୨

ସେକ୍ଟର-୫ସ୍ଥିତ ଦୀପିକା ଇଂରାଜୀ ବିଦ୍ୟାଳୟର ଲାଇବ୍ରେରୀ ହଲ ପରିସରରେ ହାପି ମୁମେଣ୍ଟସ୍ ଅନୁଷ୍ଠାନ ପକ୍ଷରୁ ରାଉରକେଲା କିଡ୍ସ ଫେଷ୍ଟିଭାଲ ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୁଧବାର ଉଦ୍‌ଘାଟିତ ହୋଇଛି। ଏଥିରେ ଦୀପିକା ଇଂରାଜୀ ସ୍କୁଲର ପ୍ରଧାନଶିକ୍ଷକ ପ୍ରବୀଣ କୁମାର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ତିନିଦିନିଆ କିଡ୍ସ ଫେଷ୍ଟିଭାଲର ପ୍ରଥମ ଦିନରେ ସହରରେ ଥିବା ବିଭିନ୍ନ ସ୍କୁଲରୁ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଚିତ୍ରାଙ୍କନ, ଡିବେଟ, ଡ୍ୟାନ୍ସ, ମଡଲିଙ୍ଗ, ବାଦ୍ୟଯନ୍ତ୍ର ପରିବେଷଣ ଭଳି ବିଭିନ୍ନ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ସାର୍ଟିଫିକେଟ୍ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରେସି ଟେବିଟ୍, ଲିତାଞ୍ଜଳି ପତି, କଲ୍ୟାଣୀ ଦାସ, ଦିବାକର ଦାସ, ମୁରଲୀ ମୋହନ ପଟ୍ଟନାୟକ, ସଲିତ ପତି, ଫତିମା ଫିରୋଜ ଘଡିଆଳିଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ,ଭୁବନେଶ୍ୱର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(ସରଫେଶୀ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ସାକିଲୁର ରହେମାନ, ୨) ସବେରା ରହେମାନ, ୩) ଅନିଷା ରହେମାନ,** ସମସ୍ତଙ୍କ ଠିକଣା- ସା: ୧୫୧, ଆଜାଦ ନଗର, ସୁନ୍ଦରପଦା, ମ୍ୟୁନିସପାଲ ହାଇସ୍କୁଲ ପଛପାର୍ଶ୍ୱ, କପିଳ ପ୍ରସାଦ, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୨/ **ଗ୍ୟାରେଣ୍ଟିଦାତା: ଫକେହା ଏହେସାନ,** ସ୍ୱାମୀ: ସୟେଦ ମହମ୍ମଦ ଏହେସାନ, ସା: ପ୍ଲଟ୍ ନଂ.: ୩୧୮, ଆଜାଦ ନଗର, କପିଳ ପ୍ରସାଦ, ସୁନ୍ଦରପଦା, ଭୁବେନଶ୍ୱର-୭୫୧୦୦୨ | ଟ.୨୩,୫୫,୯୫୬/- +ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୨.୦୮.୨୦୨୧ / ୨୬.୧୨.୨୦୨୨ | **ସବେରା ରହେମାନ ଓରଫ୍ ସବେରା ବିବି,** ସ୍ୱାମୀ: ସ୍ୱ ସେକ୍ ଲତିଫୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଷ୍ଟ୍ରକଚର୍ସ/ ଇନ୍‌ଷ୍ଟାଲେସନ (ସ୍ଥାପନା) ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୮୪/୧୨୪, ପ୍ଲଟ୍ ନଂ.: ୫୨, କ୍ଷେତ୍ର: ଏକର୦.୨୨୮ଡିସିମିଲି, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୨୩ କପିଳ ପ୍ରସାଦ, ଥାନା/ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୨, ବିକ୍ରୟ ଦଲିଲ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ମୋଫିରାନ ବିବି, ପୂର୍ବ: ଅବଜୁନ୍ ବିବି, ପଶ୍ଚିମ: ସରକାରୀ ଜମି, ପ୍ରକୃତ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ୨୦ ଫୁଟିଆ ଚଉଡା ରାସ୍ତା, ଦକ୍ଷିଣ: ମୋଫିରାନ ବିବି, ପୂର୍ବ: ଅବଜୁନ୍ ବିବି, ପଶ୍ଚିମ: ସରକାରୀ ଜମି |

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୯.୧୨.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**ODISHA PUBLIC SERVICE COMMISSION**
**ADVERTISEMENT NO. 15 OF 2022-23**
**Recruitment to the posts of Assistant Professor (Super Speciality) of Government MCHs in the rank of Group- A, under Health & Family Welfare Department, Odisha.**
**WEBSITE - http://opsc.gov.in**

**No.D-267:**Online applications are invited from the prospective candidates through the Proforma application to be made available on the Website of the Commission (http//:www.opsc.gov.in.) for recruitment to **09 (Nine)** posts of **Assistant Professor (Super Speciality) in Group- A for Government MCHs, under Health & Family Welfare Department, Odisha** in the Academic Level- 12 of ORSP (MCT) Rules, 2019 with usual Dearness and other Allowances as may be sanctioned by the Government of Odisha from time to time.

2. **VACANCY POSITION:**
As per requisition filed by the Health & Family Welfare Department, Government of Odisha, all the 09 (Nine) vacancies are for UR category. There are no vacancies reserved for candidates belonging to SC, ST, SEBC, PWD, Sports Person, Ex-Serviceman and Women categories.

3. **AGE:**
A candidate must have attained the age of **21(twenty one)** years and must not be above the age of **45 (Forty five)** years on the **1st day of January 2022**, i.e. he/she must have been born **not earlier than 2nd January 1977 and not later than 1st January 2001.**

4. **EDUCATIONAL QUALIFICATION:**
The candidates must possess DM/M.Ch,/ Dr.NB/DNB-SS/ degree in the concerned Super Speciality or any other equivalent degree or qualification from a Medical College or Medical Institution recognized by the MCI/NMC.

5. **METHOD OF SELECTION:**
The selection of candidates for recruitment to the post of Assistant Professor in Super Speciality will be made on the basis of Written Test as per the guidelines as enumerated in Odisha Medical Education Service (Method of Recruitment and Conditions of Service) Rules, 2021.

**Online application shall be available in the website and can be submitted from 20.01.2023 to 15.02.2023 (11.59 P.M),**
The candidates are advised to visit the Website of the Commission at **http://opsc.gov.in for detailed information for applying to the above post.**

Cuttack
Date:28.12.2022
Sd./-Secretary
Odisha Public Service Commission
Cuttack
OIPR-12002/11/0237/2223

Government of Odisha — No. O-1534
**OFFICE OF THE SUPERINTENDING ENGINEER RURAL WORKS DIVISION, JHARSUGUDA**
Email: eerw_jharsuguda@yahoo.co.in, Tel.: 06645-271643
**Bid Identification No. Online - SEJSG - 09 of 2022-23**
**NOTICE INVITING TENDER FOR ROAD WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| 1. Name of the Work | : | Road works as per DTCN available in the **www.tendersorissa.gov.in** |
| 2. Total No. of Work | : | 02 (Two) Nos. |
| 3. Estimated Cost | : | Rs.10.90 lakhs to Rs.15.10 lakhs |
| 4. Period of Completion | : | 01 (One) Calendar Month |
| 5. Period and time of availability of bid document in the portal for bidding | : | Dt.04.01.2023 at 11.00 A.M. to 13.01.2023 upto 5.00 P.M. |
| 6. Date and time of bid opening | : | Dt.16.01.2023 at 11.00 A.M. |
| 7. Name and address of the Officer Inviting Bid | : | S.E., R.W. Division, Jharsuguda |

1) Other details can be seen from detailed notice inviting tenders, available in website **www.tendersorissa.gov .in**.
2) Corrigendum if any shall only be published in the above website.

Sd./- Superintending Engineer
R.W. Division, Jharsuguda
OIPR-25104/11/0018/2223

**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
Nayapalli, Bhubaneswar - 751012
Ph.: 2394336, 2395338, 2396072 (Hostel), Fax: 2391954
E-mail: sihfwodisha@nic.in & sihfwodisha@gmail.com
SIHFW-OE-OE-0020-2022/ No. 5040 — Dt.27.12.2022
(SIHFW-OPP-Pur-04/2022)

**NOTICE INVITING EXPRESSION OF INTEREST (EOI) FOR REPAIRING OF HMT BI-COLOUR MACHINE (SOM - 236) OF THE OFFSET PRINTING PRESS, DIRECTORATE OF S.I.H & F.W., ODISHA**

No. E-768: Directorate of S.I.H. & F.W., Odisha, Bhubaneswar invites Expression of Interest from the reputed firms/manufacturer/authorized service centres for repairing of **HMT Bi-Colour Machine (SOM - 236)** printing machine of the Offset Printing Machine. Service Provider will also be responsible to repair the machine including replacement of spare parts/functionality of machine. For inspection of machine, scope, pre-qualification criteria, bidding terms and conditions and suggested response formats, please visit our website **http://www.sihfwodisha.nic.in**. Interested Service Provider who meet the pre-qualification criteria may furnish their Expression of Interest with all the requisites documents in a sealed cover along with the covering letter duly signed by an authorized signatory and a non-refundable application fee of Rs.500/- (Rupees five hundred only) in the form of a Demand Draft or a Pay Order (drawn in favour of the Director, S.I.H & F.W., Odisha) on or before 16.01.2023 by 16.00 hours at the directorate address by Regd. Post/Speed Post. The undersigned reserves the right to reject any or all EOI and to alter/amend the terms and conditions without assigning any reason thereof. Disputes, if any, arises are subject to the Court of Bhubaneswar Jurisdiction.

Sd./- Director
State Institute of Health & Family Welfare, Odisha
OIPR-10003/11/0126/2223

**ZILLA SWASTHYA SAMITI, GANJAM**
**(UNDER NATIONAL HEALTH MISSION)**
Adv. No. 17934/2022 — Date: 28.12.2022
**Request for Proposal (RFP) for LED Video Show**

No. E-767: Sealed tenders/applications are invited from the reputed authorized **agencies/firms** having valid GSTIN/PAN Certificate for LED Video Show to office of the CDM & PHO, Ganjam on annual rate contract basis. The sealed quotation should reach at the O/o. CDM & PHO, Ganjam, Berhampur on or before any working day by **Dt.11.01.2023 till 5.00 P.M.** along with all required documents **by Speed Post/Regd. Post** only. The tender will be opened on **Dt.12.01.2023 at 5.00 P.M.** in the Office of the undersigned in presence of the Bidders/authorized representatives. Details regarding items and terms & conditions may be downloaded from the website: **(https://ganjam.nic.in)**. The undersigned reserves the right to accept or reject any or all the bids without assigning any reason thereof. No personal enquiry shall be entertained.

Sd./- CDM&PHO-cum-District Mission Director, Ganjam
OIPR-10041/11/0019/2223

**ZILLA SWASTHYA SAMITI, BARGARH**
**Dept. of Health & Family Welfare, Govt. of Odisha**
District Head Quarter Hospital, Bargarh - 768028
Phone/Fax: 06646-231763
Advt. No. 54/NHM, BARGARH/2022-23 — Date: 27.12.2022
**TENDER CALL NOTICE**

No. E-765: Sealed Bids are invited from registered firms/agencies for **selection of outsourcing agency for Bio-Medical Waste Management at Govt. Health Institutions of Bargarh district**. Details regarding eligibility criteria, terms & conditions and formats for submission of RFP (Technical & Price Bid) are mentioned in the tender document which may be downloaded from the website: **www.bargarh.nic.in**. Interested agency/firm has to submit their bids in a sealed envelope superscribing on the top of the sealed envelope as **"Tender for selection of outsourcing agency for Bio-Medical Waste Management at Govt. Health Institutions of Bargarh district"**. Bid documents should reach to the office of the undersigned on or before **Dt.17.01.2023, 4 P.M.** through Speed Post/Regd. Post/Courier only and will be opened on **Dt.18.01.2023 at 11.00 A.M.** Pre-Bid meeting will be held on Dt.03.01.2023, 11.00 A.M. in the Conference Hall of the undersigned. The undersigned reserves the right to reject any or all the bid documents without assigning any reason thereof. The authority is not responsible for any postal delay.

Sd./- Chief District Medical & Public Health Officer, Bargarh
OIPR-10124/11/0020/2223

## ପୁଷ୍ୟାଭିଷେକ ପାଇଁ କଳସ ଯାତ୍ରା



ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ନୂଆଁପଡ଼ା ଗ୍ରାମରେ ପୁଷ୍ୟାଭିଷେକ ମହୋତ୍ସବ ପାଇଁ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏକ ଶୋଭାଯାତ୍ରାରେ ସ୍ଥାନୀୟ ପୋଖରୀରୁ ମହିଳାମାନେ ପୂର୍ଣ୍ଣ ଜଳି କଳସ ଧରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ବେଣୁଧର ମେହେର ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା କର୍ତ୍ତାକର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ।

## ସଂକ୍ଷେପରେ

### ବ୍ଲକ କାର୍ଯ୍ୟାଳୟରେ ପଶି କର୍ମଚାରୀଙ୍କୁ ଆକ୍ରମଣ

ଲୋଇସିଂହା,୨୮।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ପଶି କେତେକ ବ୍ୟକ୍ତି ଆସବାବପତ୍ର ଓ କମ୍ପ୍ୟୁଟର ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଏଥିରେ ଏମ୍‌ଜିଏନ୍‌ଆରଇଜିଏସ୍ ବିଭାଗର ଜଣେ କର୍ମଚାରୀ ଆହତ ହୋଇଛନ୍ତି। ଆକ୍ରମଣର ଶିକାର କର୍ମଚାରୀ ବିଡିଓ ଶଙ୍କର କେରକେଟାଙ୍କ ନିକଟରେ ଲିଖିତ ଫେରାଦ ହୋଇଛନ୍ତି। ସୂଚନା ଅନୁଯାୟୀ, ଏପିଓ ଜଗତଜିତା ସେଠୀ, ସହଯୋଗୀ ହିମାଂଶୁ ପଟେଲ ଓ କେତେକ କର୍ମଚାରୀ ବ୍ଲକ ଅଫିସରେ କାମ କରୁଥିଲେ। ଏତିକି ବେଳେ ୩୦ରୁ ୪୦ଜଣ ବ୍ୟକ୍ତି କାର୍ଯ୍ୟାଳୟକୁ ଧସେଇ ପଶ ଏପିଓ ସେଠୀଙ୍କୁ ଗାଳିଗୁଲଜ କରିବା ସହ ସହଯୋଗୀଙ୍କୁ ମାଡ ମାରିଥିଲେ। ଏପରି ଗୋଷ୍ଠୀବଦ୍ଧ ଆକ୍ରମଣକୁ ନେଇ ବ୍ଲକ କର୍ମଚାରୀ କାର୍ଯ୍ୟାଳୟରେ କାମ କରିବାକୁ ଅସୁରକ୍ଷିତ ମଣୁଛନ୍ତି। ବିଡିଓଙ୍କ ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇନାହିଁ। ତାଙ୍କ ଉପରେ ଚାପ ପକାଇ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି।

### ଡଙ୍ଗରପଡ଼ା ସମିତି ସଭ୍ୟଙ୍କ ପରଲୋକ

ମୁରିବାହାଲ,୨୮।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଡଙ୍ଗରପଡା



ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ବୀରେନ୍ଦ୍ର ନାରାୟଣ ବହିଦାର (ମୁନା)ଙ୍କର ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୩ ବର୍ଷ ହୋଇଥିଲା। ପଞ୍ଚାୟତ ଅନ୍ତର୍ଗତ ଜାନିପଡାସ୍ଥିତ ଘରେ ମଙ୍ଗଳବାର ରାତ୍ରିଭୋଜନ ସାରି ବୀରେନ୍ଦ୍ର ଶୋଇଥଲେ। ବୁଧବାର ସକାଳେ ଦୀର୍ଘ ସମୟ ଯାଏ କବାଟ ନ ଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ସେ ଉଠି ନ ଥିଲେ। ସ୍ଥାନୀୟ ଜଣେ ଡାକ୍ତରଙ୍କୁ ଘଟଣାସ୍ଥଳକୁ ଅଣାଯାଇଥିଲା। ହେଲେ ସେ ବୀରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଅପରାହ୍ନରେ ଗାଁ ମଶାଣିରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବଡପୁଅ ଆୟୁଷ ମୁଖାଗ୍ନି ଦେଇଥିଲେ।

### ଜାନୁୟାରୀ ୮ରୁ ମଠଖାଇ ମହୋତ୍ସବ

ବଲାଙ୍ଗୀର ଅଫିସ, ୨୮।୧୨: ଆସନ୍ତା ଜାନୁୟାରୀ ୮ରୁ ୧୨ ତାରିଖ ପାଞ୍ଚଦିନ ଧରି ଜାତୀୟସ୍ତରର ସର୍ବଭାରତୀୟ ବହୁଭାଷୀ ନାଟକ ଉତ୍ସବ ମଠଖାଇ ମହୋତ୍ସବ ଆୟୋଜିତ ହେବ। ଏନେଇ ଚୂଡାନ୍ତ ପ୍ରସ୍ତୁତି ସରିଛି। ମଠଖାଇ ମହୋତ୍ସବ ଏବଂ ଭୂମିକା ପକ୍ଷରୁ ଆୟୋଜିତ ମହୋତ୍ସବ ଉଦ୍‌ଘାଟନୀ ଦିବସ ୮ ତାରିଖରେ ହିନ୍ଦୀ ନାଟକ କୋର୍ଟ ମାର୍ଶଲ, ୯ରେ ବଙ୍ଗାଳୀ ନାଟକ ତିସ୍ତା ଏକ୍‌ଟି ନଦୀର ନାମ୍, ୧୦ରେ ଓଡିଆ ନାଟକ ଫୁଲ ଟେନ୍‌ସନ୍, ୧୧ରେ କୋଶଲୀ ନାଟକ କିଛୁତ୍ ଭୋଗମ୍ ଏବଂ ୧୨ରେ ଛତିଶଗଡି ନାଟକ ଶକୁଭାଇ ମଞ୍ଚସ୍ଥ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଡାଲଖାଇ, କଳଙ୍ଗା ନୃତ୍ୟ, ଢ଼େମ୍‌ସା, ଢ଼ାପ୍ ଏବଂ ଘୁଡକା ପରିବେଷଣ କରାଯିବ। ଏହି ମହୋତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଯୁବ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ସ୍ଥାନୀୟ ଆଇନ ମହାବିଦ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦିଆଯାଇଥିଲା। ଏହି ସଭାରେ ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ର, ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଉପସ୍ଥିତ ରହି ନାଟକ ମାଧ୍ୟମରେ ସମାଜ ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ବ୍ୟାସଦେବ ନନ୍ଦ ପରିଚାଳନା କରିଥିଲେ।

### ନେତ୍ରଭାନୁ ହାଇସ୍କୁଲ ୧୯୬୮ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ଦେଓଗାଁ, ୨୮।୧୨(ଡି.ଏନ.ଏ.): ଦେଓଗାଁ ବ୍ଲକ ଜରାସିଂହା ନେତ୍ରଭାନୁ ହାଇସ୍କୁଲ ୧୯୬୮ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଟିଟିଲାଗଡ ଧବଳେଶ୍ୱର ବାବାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି।ଦିବଂଗତ ବନ୍ଧୁମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପର୍ଶୁରାମ ନାୟକ, ପ୍ରମୋଦ ସିଂନିନା, ଦେବରାଜ ରଣା, ସାଧୁଚରଣ ସାହୁ, କାର୍ତ୍ତିକ ଷଡଙ୍ଗୀ, ଶଙ୍କର୍ଷଣ ଭୋଇ, ଅବସ୍ଥା ମହାନନ୍ଦ, ଗଣନାଥ ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶିଶୁ ମୁହଁରୁ ହସ ହଜିବାକୁ ଦେବାନାହିଁ

ବଲାଙ୍ଗୀର ଅଫିସ, ୨୮।୧୨

ଆଜି ପର୍ଯ୍ୟନ୍ତ ପୃଥିବୀରେ କେବଳ ଦୁର୍ଗନ୍ଧ ବାହାରିଛି। ଗତ ୩ ହଜାର ବର୍ଷ ଭିତରେ ମଣିଷ ୫ ହଜାର ଥର ଯୁଦ୍ଧ କରିଛି। ଆମକୁ ଏଭଳି ଶିକ୍ଷାର ଆବଶ୍ୟକତା ନାହିଁ ଯାହା କେବଳ ପରସ୍ପର ଭିତରେ ନକରାତ୍ମକତା ଭରିଦେବ। ଗୋଟିଏ ଶିଶୁର ହୃଦୟକୁ ବୁଝିଗଲେ ସମଗ୍ର ପୃଥିବୀରେ ଐତିହାସିକ ପରିବର୍ତ୍ତନ ଆସିଯିବ। ଶିଶୁ ହୃଦୟ ଭିତରେ କେବଳ ଆଉ କେବଳ ଭଲ ପାଇବା ଭରି ରହିଛି। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଦେଶ, ପ୍ରଦେଶ ଉର୍ଦ୍ଧ୍ୱରେ ଏହି ଭଲ ପାଇବା ଗୁଣର ପରିପ୍ରକାଶ ହିଁ ଅସଲ ଶିକ୍ଷା। ଶିଶୁକୁ ବୁଝିବା ହିଁ ଅସଲ ଶିକ୍ଷା। ଶିକ୍ଷକ ଏବଂ ଅଭିଭାବକକୁ ନିବେଦନ ସେମାନେ ଶିଶୁ ମୁହଁରୁ ଯେଭଳି ହସ ହଜି ନ ଯିବ ସେଥିପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଡାନ୍ ମିଟ୍ ୨୦୨୨ ଅବସରରେ କହିଛନ୍ତି।

ବଲାଙ୍ଗୀର ଟାଉନ ବାଳକ ହାଇସ୍କୁଲ ପ୍ରାଙ୍ଗଣରେ ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ଆୟୋଜିତ ଉଡାନ୍ ମିଟ୍-୨୨ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଥିଲେ ଯେ, ନିଃସ୍ୱାର୍ଥପର ସେବା ହିଁ ମୋକ୍ଷପ୍ରାପ୍ତିର ବାଟ। ଦକ୍ଷତା ଏବଂ ଅସ୍ତିତ୍ୱବୋଧ ହିଁ ଧର୍ମ। ପାର୍ଥିବ ଜୀବନକୁ ଦିବ୍ୟ ଜୀବନରେ ରୂପାନ୍ତରିତ କରିବା ହିଁ ସେବା। ରୋଟାରୀ କ୍ଲବ୍ ଝିଅମାନଙ୍କୁ ଶିକ୍ଷାଦାନ କରି ଯେଉଁ ସେବା ଜାରି ରଖିଛି ତାକୁ ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଆଜି ଯେଉଁ ବୈଷୟିକ ଯନ୍ତ୍ରପାତି ଉପଲବ୍ଧ ହେଉଛି ସେଥିରେ ବସ୍ତୁବାଦୀ ଚିନ୍ତାଧାରା ବଢୁଛି। ଏହି ବୈଷୟିକ ଯନ୍ତ୍ରପାତିକୁ ପ୍ରଭୁ ଜଗନ୍ନାଥଙ୍କ ପାଦତଳେ ସମର୍ପି ଦେବାକୁ ପଡିବ ବୋଲି ସେ କହିଥିଲେ। ଯିଏ




ଉଡାନ୍ ମିଟ୍‌ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବିଧାୟକ ନରସିଂହ ମିଶ୍ର, ଜିଲାପାଳ ଚଞ୍ଚଳ ରାଣା, ପ୍ରଫେସର ମଧୁସୂଦନ ପତି ସ୍ମରଣିକା ଉନ୍ମୋଚନ କରୁଛନ୍ତି।

- **ଉଡାନ୍ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ବକ୍ତବ୍ୟ**
- **ଉଡାନ୍ ସ୍ମରଣିକା ଉନ୍ମୋଚନ କଲେ**

ନିଜକୁ ଭଲ ପାଏନାହିଁ ସେ ଅନ୍ୟକୁ କ'ଣ ଭଲ ପାଇବ ବୋଲି ପ୍ରଶ୍ନ କରିଥିଲେ। ଯେଉଁ ଶିକ୍ଷା ଦିଆଯାଉଛି ସେଥିରୁ କ'ଣ ମିଳିଛି। ବାସ୍ତବରେ ଏହି ଶିକ୍ଷା କିଛି କରିପାରିନାହିଁ। ଏଣୁ ଆଜି ନୂଆ ଶିକ୍ଷାନୀତି କଥା କୁହାଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ଓଡିଶାର ରଜ ଉତ୍ସବକୁ ପୃଥିବୀ ମାତାର ଉତ୍ସବ ଏବଂ ଧନୁଯାତ୍ରାର ଅସଲ ବାର୍ତ୍ତା କେହି କାହାର କ୍ରୀତଦାସ ହେବେନାହିଁ ବୋଲି କହିଥିଲେ। ଭାରତ ଯେଉଁ ବିଶ୍ୱଗୁରୁ ହେବାକୁ ସ୍ୱପ୍ନ ଦେଖୁଛି ସେଥିରେ ଓଡିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିଶୁମାନେ ଆଜି ବିପନ୍ନ ହେବା ପଛରେ ଶିକ୍ଷକ ଏବଂ ଅଭିଭାବକଙ୍କ ଅବହେଳା ରହିଛି। ଶିଶୁ ମୁହଁରୁ ଯେଭଳି ହସ ହଜି ନଯିବ ସେଦିଗରେ ପଦକ୍ଷେପ ନେବା ବୋଲି ରାଜ୍ୟପାଳ ଲାଲ ତାଙ୍କ ବକ୍ତବ୍ୟରେ କହିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି ଉଡାନ୍ କିଭଳି ସରକାରୀ ସ୍କୁଲର ଗରିବ ଏବଂ ବଞ୍ଚିତ ମେଧାବୀ ଝିଅଙ୍କୁ ଗୁଣାତ୍ମକ ଶିକ୍ଷା ଦେଇ ସେମାନଙ୍କ ଭିତରେ କିଭଳି ମନୋବଳ ଭରିଦେଇଛି ତାହା କହିଥିଲେ। ସମ୍ମାନିତ ଅତିଥି ବିଧାୟକ ନରସିଂହ ମିଶ୍ର ତାଙ୍କ ବକ୍ତବ୍ୟରେ ଶିକ୍ଷାକୁ ନେଇ ଭାରତବର୍ଷ ପୁଣି ଥରେ ଭାଗ ଭାଗ ହେବାକୁ ଯାଉଛି ବୋଲି କହିଥିଲେ। ଧନୀ ଲୋକମାନେ ଘରୋଇ ସ୍କୁଲରେ, ଗରିବ ଶ୍ରେଣୀର ଲୋକମାନେ ସରକାରୀ ସ୍କୁଲରେ ପଢୁଛନ୍ତି। ଉଡାନ୍ ସମଗ୍ର ଓଡିଶାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲାପାଳ ଚଞ୍ଚଳ ରାଣା ତାଙ୍କ ବକ୍ତବ୍ୟରେ ବଡ ସ୍ୱପ୍ନ ଦେଖିବା ଏବଂ ଲକ୍ଷ୍ୟ ଚୂଡାନ୍ତ କରି ଏହାକୁ ପୂରଣ କରିବାକୁ ଚେଷ୍ଟା କରିବା ଉଚିତ୍ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ରୋଟାରୀ କ୍ଲବ୍ ସଭାପତି ରିଙ୍କୁ ପାତ୍ର ପରିଚାଳନା କରିଥିଲେ। ସଭାରେ ସମ୍ପାଦକ ମମତା ପରମାର ମଞ୍ଚାସୀନ ଥିଲେ। ଏହି ଅବସରରେ ଉଡାନ୍ ସ୍ମରଣିକାକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ଉଡାନ୍‌ର ସମସ୍ତ କୃତି ପ୍ରତିଯୋଗୀଙ୍କୁ ରାଜ୍ୟପାଳ ଲାଲ ପୁରସ୍କୃତ କରିଥିଲେ। ଉଡାନ୍‌ର ସମସ୍ତ ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ରୋଟାରୀ କ୍ଲବ୍ ଅଫ୍ ଇଲିଟ ସଦସ୍ୟ, ସହରର ବୁଦ୍ଧିଜୀବୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

## 'ଆକାଂକ୍ଷୀ ଜିଲାକୁ ପ୍ରେରଣାଦାୟୀ ଜିଲାରେ ପରିଣତ କର'

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବୁଧବାର ବଲାଙ୍ଗୀର ଗସ୍ତରେ ଆସି ସର୍କିଟ ହାଉସରେ ପହଞ୍ଚିଥିଲେ। ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ , ଜିଲାପାଳ ଚଞ୍ଚଳ ରାଣା, ବଲାଙ୍ଗୀର ଦାୟିତ୍ୱରେ ଥିବା ବରଗଡ ଆରକ୍ଷୀ ଅଧିକ୍ଷକ ସ୍ମିଥ ପରମାର ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ସର୍କିଟ ହାଉସ ଠାରେ ବଲାଙ୍ଗୀର ଜିଲା ସ୍ତରୀୟ ଅଧିକାରୀମାନଙ୍କ ଏକ ବୈଠକରେ ରାଜ୍ୟପାଳ ଯୋଗଦେଇଥିଲେ। ଜିଲାପାଳ ଚଞ୍ଚଳ ରାଣା ଜିଲାରେ କାର୍ଯକାରୀ ହେଉଥିବା ବିଭିନ୍ନ ଉନ୍ନୟନ ଓ ଜନହିତକର କାର୍ଯକ୍ରମର ରୂପରେଖ ଓ ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ମାପଦଣ୍ଡରେ ଜିଲାର ସାମଗ୍ରିକ ଅଗ୍ରଗତି ସନ୍ତୋଷଜନକ ଥିବା କହିଥିଲେ। ଆକାଂକ୍ଷୀ ଜିଲାକୁ ପ୍ରେରଣାଦାୟୀ ଜିଲା ଭାବେ ପରିଣତ କରିବା ଦିଗରେ ନିଷ୍ଠାପର ଉଦ୍ୟମ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଗତି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବାକୁ କହିଥିଲେ। ନିରାପଦ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ମିଶନ ଶକ୍ତି, ଜୀବିକା ମିଶନ କାର୍ଯକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ଯୋଜନା ଗୁଡିକର ସଫଳ ରୂପାୟନ ଦିଗରେ ବିଭାଗୀୟ ଅଧିକାରୀମାନେ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ସାହୁ, ବଲାଙ୍ଗୀ ଦାୟିତ୍ୱରେ ଥିବା ବରଗଡ ଆରକ୍ଷୀ ଅଧିକ୍ଷକ ପରମାର, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଡିଏଫଓ ନୀତିଶ କୁମାରଙ୍କ ସହ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପରେ ରାଜ୍ୟପାଳ ସର୍କିଟ ହାଉସ ରୁ ବାହାରି ବଲାଙ୍ଗୀର ସହର ସ୍ଥିତ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆରେ ରୋଟାରୀ କ୍ଲବ ଅଫ ଇଲାଇଟ ବଲାଙ୍ଗୀର ଦାରା ଆୟାଜିତ ମିଟରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ସେଠାରୁ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ନିକଟରେ ଥିବା ମାରୱାଡି ସେବା ସଦନକୁ ଯାଇ ମାରୱାଡି ପଞ୍ଚାୟତ ଦ୍ୱାରା ପରିଚାଳିତ ସେବା ସଦନ କୋଠାର ଦ୍ୱିତୀୟ ମହଲାକୁ ଉଦ୍‌ଘାଟନ କରିଥିଲେ।

## ନରସିଂହଙ୍କ ଆତିଥ୍ୟ ଗ୍ରହଣ କଲେ ରାଜ୍ୟପାଳ



ବିଧାୟକ ନରସିଂହ ମିଶ୍ରଙ୍କ ବାସଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ମିଶ୍ର ପରିବାର ସଦସ୍ୟ।

ବଲାଙ୍ଗୀର ଅଫିସ, ୨୮।୧୨

ବଲାଙ୍ଗୀର ଗସ୍ତରେ ଆସିଥିବା ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବୁଧବାର ସନ୍ଧ୍ୟାରେ ବିଧାୟକ ନରସିଂହ ମିଶ୍ରଙ୍କ ଅନୁରୋଧକ୍ରମେ ତାଙ୍କ ବାସଭବନକୁ ଯାଇ ଆତିଥ୍ୟ ଗ୍ରହଣ କରିଥିଲେ। ମିଶ୍ର ପରିବାର ପକ୍ଷରୁ ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଧାୟକ ମିଶ୍ରଙ୍କ ବାସଭବନରେ ପ୍ରାୟ ଅଧଘଣ୍ଟା ସମୟ ଅତିବାହିତ କରି ପରିବାର ସଦସ୍ୟଙ୍କ ସହ ଭାବ ବିନିମୟ କରିଥିଲେ। ଏହାପରେ ପ୍ରସ୍ଥାନ ସମୟରେ ବିଧାୟକ ମିଶ୍ରଙ୍କ ବାସଭବନ ସମ୍ମୁଖରେ ଥିବା ସାଧାରଣ ଲୋକଙ୍କ ସହ ମଧ୍ୟ କଥାବାର୍ତ୍ତା କରି ସର୍କିଟ ହାଉସକୁ ଫେରିଥିଲେ।

## ରବିଚାଷ ତାଲିମ ଶିବିର

ଦେଓଗାଁ, ୨୮।୧୨(ଡି.ଏନ.ଏ.)

ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରରେ ବୁଧବାର ରବିଚାଷ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆତ୍ମା ଅଧକ୍ଷ ଗୋବିନ୍ଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ ଯୋଗଦେଇ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ ଓ ଜଳ ସଞ୍ଚଳନ ଦିଗରେ ସଚେତନ ହେବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଦେଓଗାଁ କୃଷି ସେବା ସମବାୟ ସମିତି ସଭାପତି ଶୈଳେନ୍ଦ୍ର କୁମାର ସାହୁ, ପୂର୍ବତନ ସରପଞ୍ଚ ତଥା ଅଗ୍ରଣୀ ଚାଷୀ ଅନ୍ତର୍ଯ୍ୟାମୀ ଭୋଇ ଯୋଗଦେଇଥିଲେ। ପ୍ରଶିକ୍ଷକଭାବେ ଅତିରିକ୍ତ ବ୍ଲକ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକ, ଏଫଇଏସର ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ରବିଚାଷ ପାଇଁ ସମୟ ସାରଣୀ, ଜମି ପ୍ରସ୍ତୁତ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ବିଜେପୁର ପାକ୍ସ ସମ୍ପାଦକ ନିଲମ୍ବିତ

ବଲାଙ୍ଗୀର ଅଫିସ, ୨୮।୧୨

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବିଜେପୁର ପାକ୍ସ ସମ୍ପାଦକ ବିଘ୍ନେଶର ଭୋଇ ନିଲମ୍ବିତ ହୋଇଛନ୍ତି। ଉପନିବନ୍ଧକ ସମବାୟ ସମିତି, ଟିଟିଲାଗଡ ତହସିଲଦାର, ଟିଟିଲାଗଡ ସହକାରୀ ନିବନ୍ଧକ ସମବାୟ ସମିତି ଓ ଟିଟିଲାଗଡ ଯୋଗାଣ ନିରୀକ୍ଷକ ବିଜେପୁର ପାକ୍ସ ପରିଦର୍ଶନ ବେଳେ ମଣ୍ଡିରେ ଅନଧିକୃତ ଗଚ୍ଛିତ ଥିବା ୬୦ବସ୍ତା ବେଆଇନ ଧାନ ଜବତ କରିଥିଲେ। ସେହିପରି ଦେଓଗାଁ-ଟିଟିଲାଗଡ ରାସ୍ତାରେ ଏକ ଟାଟା ଏସିଇ ଗାଡି ସହ ୧୫.୨୦ କୁଇଣ୍ଟାଲ ଧାନ ବଲାଙ୍ଗୀର ସବ୍‌ଡିଭିଜନ ସ୍କ୍ୱାଡ ଜବତ କରିଥିଲେ।

## ଆର୍ଯ୍ୟନ କପ୍ କ୍ରିକେଟ: ବୁକାଝୁଲା ଚାମ୍ପିୟନ

ଖପ୍ରାଖୋଲ,୨୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁରଠାରେ ଚାଲିଥିବା ଆର୍ଯ୍ୟନ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବୁକାଝୁଲା ଓ ବଡଉଡେନ ମଧ୍ୟରେ ହୋଇଥିଲା। ବୁକାଝୁଲା ପ୍ରଥମେ ବ୍ୟାଟିଂ କରି ୮୪ ରନ ସଂଗ୍ରହ କରିଥିଲା। ଜବାବରେ ବଡଉଡେନ ଦଳ ସମସ୍ତ ଉଇକେଟ ହରାଇ ୮୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ବୁକାଝୁଲା ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ତଥା ବିଧାନ ସଭା ଉପମୁଖ୍ୟ ସଚେତକ ସରୋଜ କୁମାର ମେହେର, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ନିରୁପମା ପଟେଲ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ସମିତି ସଭ୍ୟା ଯଶୋବନ୍ତି ତାଣ୍ଡି, ପାକ୍ସ ସଭାପତି ଫକିର ପ୍ରଧାନ, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଫୁଟ୍‌ବଲ, ଖୋ ଖୋ ଚୟନ ଶିବିର

ମୁରିବାହାଲ, ୨୮।୧୨( ଡି.ଏନ.ଏ.)

ମୁରିବାହାଲ ବ୍ଲକସ୍ତରୀୟ ଫୁଟବଲ ଓ ଖୋ ଖୋ ଚୟନ ଶିବିର ବୁଧବାର ସ୍ଥାନୀୟ ପଞ୍ଚାୟତ ହାଇସ୍କୁଲ ଖେଳପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହାରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଆକାଉଣ୍ଟ ଅଧିକାରୀ ଘିନୁରାମ ତାଣ୍ଡି, ରାଜ୍ୟ ସଭା ସଂସଦ ପ୍ରତିନିଧି ସିଦ୍ଧେଶ୍ୱର ଦାଶ, ଖବରଦାତା ଭଗବାନ ମହାନ୍ତି, ଦୁର୍ଗାନନ୍ଦ ମହାକୁର, ମାଲିସିରା ସରପଞ୍ଚ ଦେବରାଜ ପତ୍ର, ପଞ୍ଚାୟତ ନିର୍ବାହ ଅଧିକାରୀ ମିଳନ ରାଜପଲିଆ, ଅର୍ଜୁନ ଛୁରା ଯୋଗଦେଇଥିଲେ। ଚୟନ ଶିବିରର ପ୍ରଥମ ଦିବସରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ୧୭ବର୍ଷରୁ କମ୍ ବାଳକ ଫୁଟବଲରେ ମାଲିସିରା, ଗିଁରେଇ, ଇଚ୍ଛାପଡା, ପତ୍ରାପାଲି (କ), ସିରୋଳ ଓ ଚନାବାହାଲ ପଞ୍ଚାୟତ ଦଳ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡକୁ ଯାଇଛି। ଏଥିସହ ବାଳକ ଓ ବାଳିକା ବିଭାଗରେ ଖୋ ଖୋ ଚୟନ ହେବ। ବ୍ଲକ କ୍ରୀଡା ସମ୍ପାଦକ ଦେବନନ୍ଦ ଦାସଙ୍କ ସଂଯୋଜନାରେ ମୋହନ ପ୍ରଧାନୀ, ଛୋଟରାୟ ମାରାଣ୍ଡି, ସନ୍ତୋଷ ମେହେର, ବିନୋଦ ମହାପାତ୍ର, ନବୀନ ସରଫ, ସୁରେଶ ବେହେରା ମ୍ୟାଚ ପରିଚାଳନା କରିଥିଲେ।

## ଦେଓଗାଁ ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା

ଦେଓଗାଁ, ୨୮।୧୨(ଡି.ଏନ.ଏ.)

ଦେଓଗାଁ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜନୀତିବିଜ୍ଞାନ ମୁଖ୍ୟ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ, ସମ୍ମାନୀତ ଭାବେ କ୍ରୀଡା ସଂସଦ ମୁଖ୍ୟ ସନତ କୁମାର ରଥ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୦୦ ଜଣ ଛାତ୍ରୀଛାତ୍ର ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ । ଖେଳଶିକ୍ଷକ ଚନ୍ଦ୍ର ଶେଖର ସାହୁ ଖେଳ ପରିଚାଳନା କରିଥିଲେ । ଏଥିରେ କୃତି ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବ ଅବସରରେ ସମ୍ମାନୀତ କରାଯିବ ବୋଲି ସୂଚନା ଦିଆଯାଇଥିଲା।

## କଟ୍‌ନି ଛଟ୍‌ନି, ଶିକ୍ଷକ ଅଭାବ ପ୍ରସଙ୍ଗ ଉଠିଲା

ଲୋଇସିଂହା,୨୮।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଆକାଶରଞ୍ଜନ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିପିଓ କିଶୋର ମାନସିଂ ପୂର୍ବ ବୈଠକର ପ୍ରସ୍ତାବ ପଠନ ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ।ପଞ୍ଚାୟତସ୍ତରରେ ଚାଲିଥିବା ଉନ୍ନୟନ କାମ ପାଇଁ ଆବଶ୍ୟକ ବାଲି, ପଥର ପାଇଁ ବ୍ଲକ ପ୍ରଶାସନ ତରଫରୁ ତହସିଲକୁ ରୟଲଟି ଦିଆ ଯାଉଛି। ଏହାସତ୍ତ୍ୱେ ବାଲି ଓ ପଥର ବୋଝେଇ ଟ୍ରାକ୍ଟରକୁ ବାଟରେ ତହସିଲଦାର ଅଟକାଇ ଜରିମାନା ଆଦାୟ କରୁଛନ୍ତି। ଏଡାକୁ ନେଇ ବୈଠକରେ ସଭ୍ୟାସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ଲକ ସହକାରୀ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦ ଖାଦ୍ୟସୁରକ୍ଷା ଯୋଜନା, ଅନ୍ତ୍ୟୋଦୟ ଯୋଜନାରେ ବ୍ଲକର ୮୫ ହଜାର ୭୦୩ ବ୍ୟକ୍ତି ଉପକୃତ ହେଉଥିବା କହିଥିଲେ। ତେବେ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିବା ଓ ନୂତନ ସଭ୍ୟଙ୍କୁ ରାଶନ କାର୍ଡ ଯୋଗା ଯାଇ ପାରୁ ନ ଥିବା ପ୍ରସଙ୍ଗ ବୈଠକରେ ଉଠିଥିଲା। ତେବେ ଅଯୋଗ୍ୟ ହିତାଧିକାରୀଙ୍କୁ କାଟି ଯୋଗ୍ୟଙ୍କୁ ସାମିଲ




ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

**ଲୋଇସିଂହା ପଞ୍ଚାୟତ ସମିତି ବୈଠକ**

ପାଇଁ ନଭେମ୍ବର ୧୪ ରୁ ପଞ୍ଚାୟତକୁ ଚିଠି ହୋଇଥିବା ବ୍ଲକ ସହକାରୀ ଯୋଗାଣ ଅଧିକାରୀ ଓ ବିଡିଓ କହିଥିଲେ ।

ମଣ୍ଡିରେ ମିଲର୍ସ ଓ ପାକ୍ସ କର୍ମଚାରୀ ଚାଷୀଙ୍କୁ ଶୋଷଣ କରୁଛନ୍ତି। ୩ କେଜିରୁ ଅଧିକ ଧାନ କଟନୀ କରାଯାଉଛି। ମଣ୍ଡିରେ ମିଲର୍ସ ରାଜକୁ ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ ବ୍ଲକରେ ବ୍ଲକରେ ୧୪୬୩ ନଳକୂପ, ୩୮ ଜଳ ଯୋଗାଣ ପ୍ରକଳ୍ପ ଓ ୨୦ ସୋଲାର ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା କହିଥିଲେ। କେତେକ ସ୍ଥାନରେ ପ୍ରକଳ୍ପ ନିର୍ମାଣାଧୀନ ଥିବାବେଳେ ହୀରାପୁର ପଞ୍ଚାୟତର ପନେସରା ଓ ସେମେଲମୁଣ୍ଡାରେ ପାନୀୟ ଜଳଯୋଗାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବା ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳଙ୍କ ଉତ୍ତରରେ ଯନ୍ତ୍ରୀ ସାମନ୍ତରାୟ କହିଥିଲେ। ନଳକୂପ ନିକଟରେ ନିର୍ମାଣ ହୋଇଥିବା ସୋକପିଟ ନିମ୍ନମାନର ହୋଇଥିବା ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟା ଅଭିଯୋଗ କରିଥିଲେ। ବିଲ ହୋଇ ନ ଥିବା ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳ ଉଲ୍ଲେଖ କଲେ ଅନିୟମିତତାର ତଦନ୍ତ କରାଯିବ ବୋଲି ବିଡିଓ ସାହୁ କହିଥିଲେ। ଏବିଓ ଟଙ୍କଧର ଭୋଇ ଶିକ୍ଷାବିଭାଗ ଉପରେ ଆଲୋଚନା କରିଥିଲେ। ବ୍ଲକରେ ଶିକ୍ଷକ ଅଭାବକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। କ୍ରୀଡା ଶିକ୍ଷକ ଅଭାବ ଓ ଅସହଯୋଗରୁ ବୁର୍ଡା ସମେତ କେତେକ ପଞ୍ଚାୟତରେ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗୀତା ହୋଇପାରି ନାହିଁ। ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ପାଇଁ ବ୍ଲକ ତରଫରୁ କାର୍ଯ୍ୟରତ କ୍ରୀଡା ଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ ରିସିଭ କରି ନ ଥିବା ଜିପିଓ ମାନସିଂ କହିଥିଲେ । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରଜ୍ଞା ବାରିକ କର୍ମୀଙ୍କ ଆନ୍ଦୋଳନ ଯୋଗୁ କେନ୍ଦ୍ର ବନ୍ଦ ରହିଛି। ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆର କେନ୍ଦ୍ର ଯୋଜନା କାର୍ଯ୍ୟକାରୀ କରାଯାଉଥିବା କହିଥିଲେ ।

ବରଗଡ଼ ଧନୁଯାତ୍ରା



କଂସ ମହାରାଜଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।



ରଙ୍ଗମହଲରେ କଂସ ମହାରାଜ ନିଜ ପାତ୍ରମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି ।

# ରଙ୍ଗମହଲ ଉଦ୍‌ଘାଟିତ, କୃଷ୍ଣଜନ୍ମ

ମଥୁରାନଗରୀ,୨୮।୧୨

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସ ବୁଧବାର ସ୍ଥାନୀୟ ନିଶାମଣି ସ୍କୁଲ ଲୋକମଣ୍ଡପ ପଡ଼ିଆରେ ରଙ୍ଗମହଲ ଉଦ୍‌ଘାଟିତ ହୋଇଛି। କଂସ ମହାରାଜ ମଥୁରା ଭ୍ରମଣ ପରେ ରଙ୍ଗମହଲରେ ପହଞ୍ଚିବା ପରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ମୋନିଷା ବାନାର୍ଜୀ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତି ଆବାହକ ସୁରେଶ୍ୱର ଶତପଥୀ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ ଦେବେଶ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଉପସ୍ଥିତ ଥିଲେ। ରଙ୍ଗମହଲ ଉଦ୍‌ଘାଟନ ପରେ କଂସ ମହାରାଜଙ୍କ ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଧନୁଯାତ୍ରା ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମପରେ ମହାରାଜ କଂସ ରଙ୍ଗମହଲ ଛାଡ଼ି ସ୍ଥାନୀୟ ହାଟପଦାସ୍ଥିତ ରାଜ ଦରବାର ଅଭିମୁଖେ ଯାଇଥିଲେ। ସେଠାରେ ରାଜ ଅତିଥିଭାବେ ସମ୍ବଲପୁର ଡିଭିଜନାଲ ରେଲୱେ ମ୍ୟାନେଜର ବିନୀତ ସିଂ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଯୁଗଳ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ପଙ୍କଜ ଜାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।



ରଙ୍ଗମହଲର ଉଦଘାଟନୀ ଅବସରରେ କଂସ ମହାରାଜ ବରଗଡ଼ ଜିଲାପାଳଙ୍କୁ ସ୍ମାରକ ପ୍ରଦାନ କରୁଛନ୍ତି ।

ଅନ୍ୟପଟେ କାରାଗାର (ସମଲେଶ୍ୱରୀ ମଣ୍ଡପ)ରେ ବନ୍ଦୀଥିବା ଦେବକୀଙ୍କ କୋଳରେ ଶ୍ରୀକୃଷ୍ଣ ଜନ୍ମଲାଭ କରିଥିଲେ ଏବଂ ଶ୍ରୀକୃଷ୍ଣଙ୍କୁ ଧରି ବସୁଦେବ ଗୋପପୁର ଯାତ୍ରା କରିଥିଲେ। ସେଠାରେ ଶ୍ରୀକୃଷ୍ଣଙ୍କୁ ଛାଡ଼ିବା ସହ ବିଜୁଳି କନ୍ୟାଙ୍କୁ ଧରି ବସୁଦେବ କାରାଗାରକୁ ନିଶାର୍ଦ୍ଧରେ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲେ।

## ଆଜିର ଆକର୍ଷଣ

୨୯।୧୨।୨୨(ଗୁରୁବାର)

### ମଥୁରାନଗରୀ

କଂସ ମହାରାଜଙ୍କ ଶ୍ୟାମେଶ୍ୱର ବାବା ଦର୍ଶନ, କାରାଗୃହ ପ୍ରବେଶ, ବିଜୁଳି କନ୍ୟାକୁ ପ୍ରହାର, ଦୈବବାଣୀ, ରାଜ ଦରବାରରେ କଂସଙ୍କ ମନ୍ତ୍ରଣା।

### ଗୋପପୁର

ଅପରାହ୍ନ ୪ଟାରେ ନନ୍ଦ ଦରବାର ଉଦଘାଟନ, ନନ୍ଦୋତ୍ସବ, କୃଷ୍ଣଙ୍କ ଦୋଳିଝୁଲା, ରାସନୃତ୍ୟ, ନଗର ସଂକୀର୍ତ୍ତନ୍ୟ ସହ କୃଷ୍ଣଙ୍କ ଗୋପପୁର ଭ୍ରମଣ ।

## ସଂକ୍ଷେପରେ

### ଅତାବିରା ବ୍ଳକରେ କଳାକାର ଚୟନ

ଜାମଟିକ୍ରା, ୨୮।୧୨(ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ବ୍ଳକ ସଭାଗୃହରେ ବୁଧବାର ବ୍ଳକସ୍ତରୀୟ କଳାକାର ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବିଡିଓ ଗିରିନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଗୀତାଞ୍ଜଳି ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଚାରକଭାବେ କଳାପାଣି କଲେଜ ଅଧକ୍ଷ ମହନ ସାହୁ, ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ମହାରାଜ ଭୁବନେଶ୍ୱର ପଧାନ, ବ୍ଲକ ହିସାବକାରୀ ଅଷାଢୁ କିସାନ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ନିମନ୍ତେ କଳାକାର ଚୟନ କାର୍ଯ୍ୟଯକ୍ରମ କରାଯାଇଥିଲା। ବ୍ଲକର ୨୪ଟି ପଞ୍ଚାୟତର ୧୬୯କଳାକାର ଯୋଗଦେଇ ନିଜ କଳା ପ୍ରଦର୍ଶନ କରିଥିଲେ। ଚୟନ ହୋଇଥିବା କଳାକାରଙ୍କୁ ରାଜ୍ୟ ସରକାର ମୁଖମନ୍ତ୍ରୀ କଳାକାର ସହାୟତା ଯୋଜନାରେ ମାସିକ ୧୨ଶହ ଟଙ୍କା ରାଶି ପ୍ରଦାନ କରିବେ।

### ପୁଷ୍ଟିହୀନତା ଶିଶୁଙ୍କ ପାଇଁ ପରାମର୍ଶ ଶିବିର

ତରଭା,୨୮।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ବ୍ଳକ ସଭାଗୃହରେ ଉପ ଜିଲାପାଳ ଡ. ଇପସିତା ପ୍ରିୟଦର୍ଶନୀ ମିଶ୍ରଙ୍କ ନିର୍ଦ୍ଦେଶରେ ବ୍ଲକସ୍ତରୀୟ ଅତିଶୟ ପୃଷ୍ଟି ହୀନତା ଶିଶୁଙ୍କ ପାଇଁ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସବିତା ଦୋରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏବିଡିଓ ନିରଞ୍ଜନ ନାଏକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରୀ ରେଣୁବାଳା ଦାସ ଯୋଗଦେଇ ପୃଷ୍ଟିହୀନ ଶିଶୁଙ୍କ ମାତାପିତାଙ୍କୁ ଶିଶୁର ଓଜନ ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ୧୭ ଜଣ ପୃଷ୍ଟିହୀନ ଶିଶୁ ଓ ତାଙ୍କ ମାତା ପିତା ଯୋଗ ଦେଇଥିଲେ। ଶିଶୁଙ୍କ ଓଜନ, ଉଚ୍ଚତା, ଓ ବାହୁ ମାପ କରାଯାଇଥିଲା। ଶିଶୁଙ୍କ ପୃଷ୍ଟିରେ ସୁଧାର ପାଇଁ ଆର ବି ଏସ କେ ଟିମ୍, ସିଏଚଓ , ପିଏଚସି ଓ ଏଏନଏମଙ୍କ ଦ୍ୱାରା ପରାମର୍ଶ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଇଥିଲା। ଆଇସିଡିଏସ ସୁପରଭାଇଜରଙ୍କ ଦ୍ୱାରା ଶିଶୁଙ୍କ ପାଇଁ ପୃଷ୍ଟିକର ଖାଦ୍ୟ, ଫଳ ମୂଳ ଓ ପନିପରିବା ପ୍ରଦର୍ଶନୀ କରାଯାଇଥିଲା। ଶେଷରେ ସମସ୍ତେ ମିଶି ତରଭା ବ୍ଲକ ର ସମସ୍ତ ପୃଷ୍ଟିହୀନ ଶିଶୁଙ୍କୁ ସବୁଜ ସ୍ତର କୁ ଆଣିବେ ବୋଲି ଶପଥ ପାଠ କରିଥିଲେ।

### କଂଗ୍ରେସ କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ

ପଦ୍ମପୁର ୨୮।୧୨ (ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର କଂଗ୍ରେସ କାର୍ଯ୍ୟାଳୟରେ ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାପତି ଦିଲ୍ଲୀପ ଦାନୀ, ବରିଷ୍ଠ କଂଗ୍ରେସ ନେତା ଗୌନ୍ତିଆ ସାହୁ, ରାଧାବଲ୍ଲଭ ପାଣିଗ୍ରାହୀ, ସନ୍ତୋଷ ଶତପଥି, ପ୍ରଦୀପ ସାହୁ, ଅରୁଣ ଦାନୀ ଉପସ୍ଥଇତ ସାମିଲ ଥିଲେ। ପ୍ରଥମେ କଂଗ୍ରେସ କର୍ମୀମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜାତୀୟ କଂଗ୍ରେସ ଦେଶ ଓ ଜାତି ପାଇଁ ଯେଉଁ ମହାନ ପଦକ୍ଷେପ ନେଇଥିଲା ତାହାର ସ୍ମୃତି ଚାରଣ କରାଯାଇଥିଲା।

## ଧାନମଣ୍ଡି ପରିଦର୍ଶନ କଲେ ଭାଜପା ପ୍ରତିନିଧି ଦଳ

ଜାମଟିକ୍ରା, ୨୮।୧୨(ଡି.ଏନ.ଏ.)

ବରଗଡ ଜିଲା ଗୋଡଭଗା ଧାନ ମଣ୍ଡିକୁ ଗୁରୁବାର ଭାଜପାର ଏକ ପ୍ରତିନିଧିଦଳ ବୁଧବାର ପରିଦର୍ଶନ କରିଥିଲା। ଭାଜପା ଜିଲା ସାଧାରଣ ସମ୍ପାଦକ କୁଶ କୁମ୍ଭାର, ସମ୍ପାଦକ ଜଶୋବନ୍ତ ସେଟ, ଶ୍ରମିକ ସଂଗଠନ ପରାମର୍ଶଦାତା ଉର୍କୁଲୁ ତାଣ୍ଡି, ବରିଷ୍ଠ ନେତା ବିରେନ୍ଦ୍ର ନାରାୟଣ ହୋତା, ଶ୍ୟାମ ନାଏକ ମଣ୍ଡି ଯାଇ ଚାଷୀଙ୍କ ଟୋକନ ବିଷୟରେ ମାର୍କେଟ ଇନଚାର୍ଜ ଓ ସୋସାଇଟି ସମ୍ପାଦକଙ୍କୁ ପଚାରି ବୁଝିଥିଲେ। କେତେଜଣଙ୍କର ଅଦ୍ୟାବଧି ଟୋକନ ଆସି ନ ଥଇବା ଦୁଇ ଅଧିକାରୀ କହିଥିଲେ। ଟୋକନ ଆସି ନ ଥିବାରୁ ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଛି । ଗୋଡଭଗା ମାର୍କେଟ ୟାର୍ଡ ଅଧୀନ ଲରମ୍ଭା ପାକ୍ସରେ ହାରାହାରି ୪୫ପ୍ରତିଶତ , ଏବଂ ଲହଣ୍ଡା ପାକ୍ସରେ ପାଖାପାଖି ୬୫ ପ୍ରତିଶତ ଧାନ ବୁଧବାର ପର୍ଯ୍ୟନ୍ତ ଧାନ ଉଠିବ ଜଣାପଡିଥିଲା। କଟ୍‌ନିଛଟ୍‌ନି, ସୁତୁଲି ଓ ଅଖା କୌଣସି ଚାଷୀ ପାଉ ନ ଥିବା ଅଭିଯୋଗ ଆସିଥିଲା। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିଧାନକିଣା ପ୍ରକ୍ରିୟାକୁ ବ୍ୟବସ୍ଥିତ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିନିଧି ଦଳ କହିଛନ୍ତି।

## ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବରପାଲି, ୨୮।୧୨(ଡି.ଏନ.ଏ.)

ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଆଞ୍ଜେଲିକା-୨୨ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଡେପୁଟି ରେଜିଷ୍ଟ୍ରର ଡ. ଉମା ଚରଣ ପତି, ମୁଖ୍ୟବକ୍ତାଭାବେ ଏନଏସସିବି କଲେଜ ସମ୍ବଲପୁରର ସ୍ନାତକୋତ୍ତର ଓଡିଆ ବିଭାଗ ମୁଖ୍ୟ ଡ.ଶ୍ୟାମଭୋଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ନିର୍ଦ୍ଦେଶିକା ସୁନିତା ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଗଣ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଗୁଣାତ୍ମକଶିକ୍ଷା ଗ୍ରହଣ କରି ଶୃଙ୍ଖଳିତ ଜୀବନ ଜୀଇଁବାକୁ ଆହ୍ୱାନ ଦେଇଥିଲେ। ଛାତ୍ରୀ ସାଇପ୍ରାପ୍ତି ପଣ୍ଡା ଓ ଡାଲିମ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ଅଧକ୍ଷା ମଧୁସ୍ମିତା ମୁଣ୍ଡ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସମାରୋହରେ ବିଦ୍ୟାଳୟର ମୁଖପତ୍ର ଆଞ୍ଜେଲିକା-୨୨କୁ ଅତିଥିଗଣ ଉନ୍ମୋଚନ କରିଥିଲେ। ଏହା ପରେ ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଶମ ଓ ଦାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର, ବାର୍ଷିକ କ୍ରୀଡା ଚାମ୍ପିୟନ, ନିଟ୍, ଜେଇଇ, ଆଇଜାର, ନାଇଜର ଓ ୟୁଏଟି ଓ ଏନଟିଏସଇ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଦିବ୍ୟାଙ୍ଗ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ

ତରଭା,୨୮।୧୨(ଡି.ଏନ.ଏ.)

ତରଭା ନୀଳକଣ୍ଠେଶ୍ୱର ମନ୍ଦିରଠାରେ ମଙ୍ଗଳବାର ରାତିରେ କୋରାପୁଟର ବାଟ ମଙ୍ଗଳା ଛକର ଶ୍ରୀହରଗୌରୀ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ କଳାକାର ସସ୍ମିତା ରାଉତ, ତୁଳସୀ ମାଝୀ, ଅନୁଲତା ନାଏକ, ଶରତ ବିଶୋଇ, ସଞ୍ଜୟ ପାତ୍ର, ତ୍ରିନାଥ ନାଏକ, ସିଲୁ ସ୍ୱାଇଁ, ଡିସେମ୍ବର ସୁନା ପ୍ରମୁଖ କଳାକାରମାନେ ବିଭିନ୍ନ ଭକ୍ତି ରସାତ୍ମକ ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ ।

## ଆଜାଦୀ ପାର୍କ ଉଦ୍‌ଘାଟନ

ବୌଦ୍ଧ,୨୮।୧୨(ସ୍ୱ.ପ୍ର.)

ବୌଦ୍ଧ ରେଞ୍ଜ ବଲାଶିଙ୍ଗାଠାରେ ବନ ବିଭାଗ ପକ୍ଷରୁ ବୁଧବାର ଦିନ ଆଜାଦୀ ପାର୍କର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ଆଜାଦୀ ପାର୍କକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ସତ୍ୟରଞ୍ଜନ ସାହୁ,ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ତହସିଲଦାର ଦେବୀ ପ୍ରସାଦ ଦାଶ,ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଯୋଗ ଦେଇଥିଲେ। ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ସମସ୍ତ ଅତିଥିନଙ୍କୁ ସ୍ୱାଗତ କରିଥିଲେ।

## ସିଏନଆଇ ଚର୍ଚ୍ଚରେ ବଡ଼ଦିନ

ମଥୁରାନଗରୀ,୨୮।୧୨

ବରଗଡ଼ ଗାନ୍ଧିନଗର ସିଏନଆଇ ଚର୍ଚ୍ଚଠାରେ ସନ୍ ଡେ ସ୍କୁଲ ମାଧ୍ୟମରେ ବଡ଼ଦିନ ସପ୍ତାହ ପାଳନ ହୋଇଯାଇଛି। ଉକ୍ତ ଧାର୍ମିକ ଉତ୍ସବରେ ମୁଖ୍ୟଅତିଥିଭାବେ ବରଗଡ଼ ପଞ୍ଚାୟତ କଲେଜର ଅଧ୍ୟକ୍ଷ ଡଃ ପତିତପାବନ ସାହୁ ମୁଖ୍ୟଅତିଥି ଏବଂ ଗଣଦୃଷ୍ଟିର ସମ୍ପାଦକ ଉମେଶ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅତିଥିମାନେ ସନ୍ ଡେ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ଚନ୍ଦ୍ରଶେଖର ବାଗ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଝରଣା ବାଗ ବାକ୍ୟ ବିତରଣ କରିଥିଲେ। ହେରୋଜ ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଅମୂଲ୍ୟ ସୁନାଙ୍କ ଶେଷ ପ୍ରାର୍ଥନା ପରେ ଉତ୍ସବ ସମାପନ ହୋଇଥିଲା।



ବଡ଼ଦିନ କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ରବୃନ୍ଦ।

## ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ମଥୁରାନଗରୀ,୨୮।୧୨

ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ, ବିକାଶ ଆୟୁକ୍ତ(ହସ୍ତଶିଳ୍ପ) ପ୍ରାୟୋଜିତ ଏବଂ ଡୋଭ୍, ଅନୁଗୋଳ ଦ୍ୱାରା ଆୟୋଜିତ ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ବରଗଡ଼ ଜୀରା ନଦୀକୂଳ ନୂତନ ପ୍ରଦର୍ଶନୀ ପଡ଼ିଆରେ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମାରୋହରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ, ବିକାଶ ଆୟୁକ୍ତ(ହସ୍ତଶିଳ୍ପ)ର କୁମାରୀ ଶୈଳଜା, ବରଗଡ଼ ଜିଲା ହସ୍ତଶିଳ୍ପ ବିଭାଗର ପୁଷ୍ପରଞ୍ଜନ ସାହୁ, ଡୋଭ୍, ଅନୁଗୋଳର ସମ୍ପାଦକ ଅନିଲ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ । ଆସନ୍ତା ଜାନୁଆରୀ ୬ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ।




ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟନୀ ଅବସରରେ ପ୍ରଦୀପ ପ୍ରଜ୍ୱଳନ ସ୍ଥଳରେ ଅନ୍ୟମାନଙ୍କ ସହ ବରଗଡ଼ ଜିଲାପାଳ।

ଉକ୍ତ ପ୍ରଦର୍ଶନୀରେ ସାରା ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ୧୦୦ଜଣ ନିପୁଣ ଶିଳ୍ପୀ ସେମାନଙ୍କ ହାତ ତିଆରି ସାମଗ୍ରୀ ପ୍ରଦର୍ଶନ ସହିତ ବିକ୍ରୟ କରୁଛନ୍ତି। ହସ୍ତଶିଳ୍ପ କାରିଗରଙ୍କ ପାଇଁ ସରକାରୀ ଉଦ୍ୟମରେ ସିଧାସଳଖ ବିକ୍ରିର ସୁଯୋଗ ଦେବା ଉକ୍ତ ମେଳାର ମୁଖ୍ୟ ଉଦ୍ଦେଶ୍ୟ। ହସ୍ତଶିଳ୍ପର ପ୍ରଚାର ପ୍ରସାର କରି ହସ୍ତଶିଳ୍ପ କ୍ଷେତ୍ରରେ ବିପୁଳ କର୍ମ ନିୟୋଜନ ସୃଷ୍ଟି କରିବା ଏବଂ ଶିଳ୍ପୀମାନଙ୍କର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି କରିବା ନିମନ୍ତେ ଏହା ଆୟୋଜନ କରାଯାଇଛି। ଚଳିତବର୍ଷ କର୍ଣ୍ଣାଟକର କାଠ କାମ, ମହୀଶୂରର ଧୂପକାଠି, ମୁର୍ଦ୍ଦାବାଦର ପିତ୍ତଳ କାମ, ପଶ୍ଚିମବଙ୍ଗର ଫୁଲ, ଶୀତଳ ପଟି, ରାଜସ୍ଥାନର ଟାଏ ଆଣ୍ଡ୍ ଡାଏ, ଜୁଏଲାରୀ, ପଞ୍ଜାବର ଜୋତା, ଲକ୍ଷ୍ନୌର ବେଡ୍ କଭର, ବେଡ୍ ସିଟ୍, ବଲାଙ୍ଗିରର କାର୍‌ପେଟ୍, ବରଗଡ଼, ସୋନପୁର ଏବଂ ସମ୍ବଲପୁରର ଶାଢ଼ୀ, ଟେରାକୋଟା, ଢ଼େଙ୍କାନାଳର ବାଉଁଶ, ଡୋକ୍ରା, କନ୍ଧମାଳର କାଠ କାମ, କେନ୍ଦ୍ରାପଡ଼ାର ବେଣା କାମ, ନବରଙ୍ଗପୁରର ଟାଏ ଆଣ୍ଡ୍ ଡାଏ, ଲାଖ କାମ, ପୁରୀର ଚାନ୍ଦୁଆ, କତାକାମ, ତାମିଲନାଡୁର ଚମଡ଼ା କାମ, ଆସାମର ବାଉଁଶ କାମ ଆଦି ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ହେବା ସହିତ ବିକ୍ରି ହେଉଛି। ଉଦଘାଟନୀ ସମାରୋହକୁ ଡୋଭ୍, ଅନୁଗୋଳର ପ୍ରକଳ୍ପ ସଂଯୋଜକ ବିନୟ କୁମାର ସାମଲ, ପୁଞ୍ଜି ପରିଚାଳକ ସଂଗ୍ରାମ କେଶରୀ ନାୟକ, ରବିନ୍ଦ ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

## ଫୁଟ୍‌ବଲ, ଖୋ ଖୋ ଚୟନ ଶିବିର

ମୁରିବାହାଲ, ୨୮।୧୨( ଡି.ଏନ.ଏ.)

ମୁରିବାହାଲ ବ୍ଲକସ୍ତରୀୟ ଫୁଟବଲ ଓ ଖୋ ଖୋ ଚୟନ ଶିବିର ବୁଧବାର ସ୍ଥାନୀୟ ପଞ୍ଚାୟତ ହାଇସ୍କୁଲ ଖେଳପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହାରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଆକାଉଣ୍ଟ ଅଧିକାରୀ ଘିନୁରାମ ତାଣ୍ଡି, ରାଜ୍ୟ ସଭା ସଂସଦ ପ୍ରତିନିଧି ସିଦ୍ଧେଶ୍ୱର ଦାଶ, ଖବରଦାତା ଭଗବାନ ମହାନ୍ତି, ଦୁର୍ଗାନନ୍ଦ ମହାକୁର, ମାଲିସିରା ସରପଞ୍ଚ ଦେବରାଜ ପତ୍ର, ପଞ୍ଚାୟତ ନିର୍ବାହ ଅଧିକାରୀ ମିଳନ ରାଜପଲିଆ, ଅର୍ଜୁନ ଛୁରା ଯୋଗଦେଇଥିଲେ। ଚୟନଶିବିରର ପ୍ରଥମ ଦିବସରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ୧୭ବର୍ଷରୁ କମ୍ ବାଳକ ଫୁଟବଲରେ ମାଳିସିରା, ଗଁରେଇ, ଇଚ୍ଛାପଡା, ପତ୍ରାପାଲି (କ), ସିରୋଳ ଓ ଚନାବାହାଲ ପଞ୍ଚାୟତ ଦଳ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡକୁ ଯାଇଛି। ଏଥିସହ ବାଳକ ଓ ବାଳିକା ବିଭାଗରେ ଖୋ ଖୋ ଚୟନ ହେବ।

## ସାମିଲ ହେବେ ରାଜ୍ୟ, ରାଜ୍ୟ ବାହାରର ୭୬୦ କଳାକାର

ସୋନପୁର,୨୮।୧୨(ନି.ପ୍ର.)

### ପଏଁରୀ ତିହାର ୨୦୨୩

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ଜାନୁୟାରୀ ୧, ୨ ଓ ୩ ତାରିଖ ତିନି ଦିନ ଧରି ୨୩ତମ ପଏଁରୀ ତିହାର ୨୦୨୩ ଅନୁଷ୍ଠିତ ହେବ । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ପୂର୍ବାଞ୍ଚଳ ଜୋନ ସାଂସ୍କୃତିକ କେନ୍ଦ୍ର କଲିକତା, ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ଏହି ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ଆୟୋଜନରେ ସହଯୋଗ କରୁଛନ୍ତି । ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ପଏଁରୀ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା । ତିହାର ସ୍ଥାନୀୟ ଭୀମଭୋଇ କଳା ମଣ୍ଡପରେ ଅନୁଷ୍ଠିତ ହେବ । ଏହି ଅବସରରେ ୧ ତାରିଖ ସକାଳ ସାଢେ ୯ ଟାରେ ଅନୁଷ୍ଠାନର କଳାକାର, କର୍ମକର୍ତ୍ତା, ବିଭିନ୍ନ ବ୍ଲକରୁ ଆସିଥିବା ପାରମ୍ପରିକ କଳାକାର ଓ ସାଂସ୍କୃତିକ ଦଳକୁ ନେଇ ଏକ ଶୋଭାଯାତ୍ରା ସୁରେଶ୍ୱରୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିବ । ବରିଷ୍ଠ ଦଣ୍ଡ କଳାକାର ମହର୍ଷି ବିପିନ ଜାଲ ତିହାରକୁ ଉଦ୍‌ଘାଟନ କରିବେ । ପରେ ଜିଲାସ୍ତରୀୟ କଳାକାରମାନେ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିବେ । ୨ ତାରିଖ ପୂର୍ବାହ୍ନରେ ପଶ୍ଚିମ ଓଡିଶାର ଲୋକନୃତ୍ୟରେ ନୃତ୍ୟ ଗୁରୁଙ୍କ ଭୂମିକା ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ୩ ତାରିଖ ପୂର୍ବାହ୍ନରେ ଗଣ୍ଡା ବାଜାର ଜନ୍ମ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ୩ ଦିନ ଧରି ଉତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରର ୧୬ଟି ଦଳର ପ୍ରାୟ ୭୬୦ରୁ ଉର୍ଦ୍ଧ୍ୱ କଳାକାର ଯୋଗ ଦେବେ । ଏହି ଅବସରରେ ଦଣ୍ଡ କଳାକାର ଭକ୍ତ ସେଠୀ, ବାଦ୍ୟ କଳାକାର ଛବିଳ ବିହାରୀ ନାଏକ ଓ ନୃତ୍ୟ ବିଶେଷଜ୍ଞ ଡ. ମଞ୍ଜୁଶ୍ରୀ ପଣ୍ଡାଙ୍କୁ ପଏଁରୀ ସମ୍ମାନ ପ୍ରଦାନ କରାଯିବ । ଗୌରବମୟ ଲୋକକଳାର ସୁରକ୍ଷା, ପୁନରୁଦ୍ଧାର ଓ ପ୍ରସାର ଏହି ତିହାରର ଲକ୍ଷ୍ୟ ବୋଲି ପଏଁରୀର ସମ୍ପାଦକ ଚୌଧୁରୀ ବିଭାର, ସଭାପତି ଲଡୁକିଶୋର ମଲ୍ଲିକ, ଅନୁଷ୍ଠାନର ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ, ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ସୂଚନା ଦେଇଛନ୍ତି ।

## ଜୁଆ ଖେଳ ସାମଗ୍ରୀ ଜବତ, ୭ ଗିରଫ

ସମ୍ବଲପୁର (ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ଜୁଆଆଡ୍ଡା ଉପରେ ଚଢାଉ କରି ୮ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବରଗଡ ଜିଲା ଭେଡେନର ହରିଶଚନ୍ଦ୍ର ଚାନ୍ଦ, ରବି ମେହେର, ଅତାବିରାର ମନୋଜ ଗହିର, ତଶୋବନ୍ତ ପ୍ରଧାନ, ବିନୋଦ ପଟେଲ, ଧମା ଥାନା ଅଞ୍ଚଳର ଜଗବନ୍ଧୁ ଭୋଇ ଓ ବୁର୍ଲା ଅଞ୍ଚଳର ରଞ୍ଜିତ ଭୋଇ। ଏମାନଙ୍କ ନିକଟରୁ ୪ ଘୁଡଘୁଡ ପଟି,୨ ଗ୍ୟାସ ଲାଇଟ, ୩ ମୋବାଇଲ, ନଗଦ ୧୨,୯୫୦ ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ନାକଟିଦେଉଳ,୨୮।୧୨(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୧୦୦ଜଣ ପ୍ରତିଯୋଗୀ ୧୦ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ଦ୍ୱିତୀୟବର୍ଷ କଳା ଛାତ୍ର ଜୟମାସୀ ଲୁଗୁନ ଓ ବାଳିକା ବିଭାଗରେ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ବସୁମତୀ ଭୋଇ ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ସୁରେଶ କୁମାର ପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ। କଲେଜ ଅଧକ୍ଷା ସୁଶ୍ରୀତା ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ରେଢାଖୋଲ ଉପଜିଲାପାଳ ପବିତ୍ର ମୋହନ ବେହେରା ମୁଖ୍ୟଅତିଥି, ବରିଷ୍ଠ ନାଗରିକ ରଘୁନାଥ ପ୍ରଧାନ ମୁଖ୍ୟବକ୍ତା ଓ ବିଡିଓ ବିବେକାନନ୍ଦ ସାହୁ, ସରପଞ୍ଚ ରୀନା ନାଏକ, ସମିତିସଭ୍ୟା ଯାଜ୍ଞସେନୀ କୁଅଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧାପକ କୌଶିକ କୁମାର ପ୍ରଧାନ ଶେଷରେ ଧନ୍ୟବାଦ ଦେଇଥିଲେ।

### ବେଲପାହାଡ଼ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୨୮।୧୨:** ବେଲପାହାଡ କନିଷ୍ଠ ମହାବିଦ୍ୟାଳୟର ୩୦ ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବୁଧବାର ଉଦ୍‌ଯାପନୀ ସମାରୋହରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବାଳକ ବିଭାଗରେ ଯୁକ୍ତ ୨ କଳା ଛାତ୍ର ଅଭିଷେକ ନାୟକ ଓ ବାଳିକା ବିଭାଗରେ ଯୁକ୍ତ ୨ କଳା ଛାତ୍ରୀ ସୀମା ବୁଦୁଲାଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡା ପ୍ରତିଯୋଗିତାକୁ କ୍ରୀଡ଼ା ବିଭାଗ ଅଧାପିକା ଡ. ରତ୍ନା ସେନଗୁପ୍ତା, ଅଧାପକ ସୋମେନ ଚନ୍ଦ୍ର ପଟେଲ, ଅଧାପିକା ମମତା ବାଇ ସିଂ ଏବଂ ଅଧାପକ ପୁଲିନ ଚନ୍ଦ୍ର ଭୈସାଲ ପରିଚାଳନା କରିଥିଲେ। ଅଧାପିକା ଚୁମକି ମଜୁମଦାର ମଞ୍ଚ ପରିଚାଳନା କରିଥିଲା ବେଳେ ଅଧାପିକା ମମତା ବାଇ ସିଂ ଧନ୍ୟବାଦ ଦେଇଥିଲେ।

### କେଶବ ପଧାନ ସ୍ମାରକୀ ବକ୍ତୃତାମାଳା

**ଝାରସୁଗୁଡ଼ା ଅଫିସ,୨୮।୧୨:** ହୀରାକୁଦ ଜଳଭଣ୍ଡାରରେ ଘେରା ମଧ୍ୟମରେ ଗିଫ୍ଟ ତିଲାପିଆ ମାଛ ଚାଷକୁ ନେଇ ସ୍ଥାନୀୟ ମତ୍ସ୍ୟଜୀବୀ ଆଶଙ୍କାରେ ଅଛନ୍ତି। ଅନେକ ବିରୋଧ ସତ୍ତ୍ୱେ ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହା ହେଲେ ମହାନଦୀର ଜୈବ ବିବିଧତା ନଷ୍ଟ ହେବା ସହ ଲକ୍ଷାଧିକ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଜୀବିକାରେ ପ୍ରଭାବ ପକାଇବ ବୋଲି ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ କେଶବ ପଧାନ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଇଟାନଗରସ୍ଥିତ ଡେରା ନୈତୁଙ୍ଗ ସରକାରୀ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ପ୍ରଫେସର ତଥା ବିଶିଷ୍ଟ ଜୀବ ବିଜ୍ଞାନୀ ଡ. ପ୍ରଶାନ୍ତ ନନ୍ଦ କହିଛନ୍ତି। ସ୍ମୃତି କମିଟି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପ୍ରାଧାପକ ତପନ କୁମାର ବାରିକ ସଭାପତିତ୍ୱ କରିଥିବାବେଳେ ବିରାଟ ରାଜା ପଧାନ ସଭା ପରିଚାଳନା କରିଥିଲେ। ଖବରଦାତା ମେହେବୁବ ମାହତାବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧକ୍ଷ ଅକ୍ଷୟ କୁମାର ସାହୁ, ମହାବିଦ୍ୟାଳୟ ଅଧକ୍ଷ ପ୍ରାଧାପକ ନରେନ୍ଦ୍ର କୁମାର ପଣ୍ଡା, ଅଧାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ସୁରେଶ ତ୍ରିପାଠୀ, ହିରାଲାଲ ସାହୁ, ରଞ୍ଜନ କୁମାର ପ୍ରଧାନ, ବେବଲିନ ପଟେଲ, କିଶୋର ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ସାମାଜିକ କର୍ମୀ କେଶବ ପଧାନ ପଣ୍ଡରି ତଥା ଆଖପାଖ ଅଞ୍ଚଳରେ ଶିକ୍ଷା, ଜୀବନଜୀବିକା ଓ ସାସ୍ଥ୍ୟର ବିକାଶ ଦିଗରେ କାର୍ଯ୍ୟ କରିଥିଲେ।

### ୨ବଖରା ଭସ୍ମୀଭୂତ

**ନାକଟିଦେଉଳ,୨୮।୧୨(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ ମାରୱାଡ଼ି ମୁଣ୍ଡା ଗ୍ରାମରେ ବୁଧବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ଅଶୋକ ଦେହୁରିଙ୍କ ୨ବଖରା ଭସ୍ମୀଭୂତ ହୋଇଯାଇଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଅଶୋକ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି।

# ସୁପ୍ରିମକୋର୍ଟ ନିର୍ଦ୍ଦେଶ ଉପରେ ହେବ ନିଷ୍ପତ୍ତି

**ଖାରସୁଗୁଡ଼ାଠାରେ ସିଏସି ବୈଠକ ଆଜି**

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ଓକିଲସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) ବୈଠକ ଗୁରୁବାର ଝାରସୁଗୁଡ଼ାଠାରେ ଅନୁଷ୍ଠିତ ହେବ। ଝାରସୁଗୁଡା ଜିଲା ଓକିଲ ସଂଘ ଆହ୍ୱାନକ୍ରମେ ବୈଠକ ଆୟୋଜନ କରାଯାଇଛି। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ସିଏସିରେ ସାମିଲ ଥିବା ଓକିଲ ସଂଘ ସଦସ୍ୟମାନେ ଉପସ୍ଥିତ ରହିବେ। ସିଏସି ଆବାହକ ଆଶୋର ଦାସ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଡିସେମ୍ବର ୧୨ରେ ସମ୍ବଲପୁରରେ ଆନ୍ଦୋଳନ ସମୟରେ କୋର୍ଟ ପରିସରରେ ଭଙ୍ଗାରୁଜା, ବିଚାରପତିଙ୍କୁ ବାହାର କରିଦେବା ଭଳି ଘଟଣାରେ ୩୦ଜଣ ଓକିଲ ଜେଲ ଭିତରେ ଅଛନ୍ତି। ସେମାନଙ୍କ ଜାମିନ ଆବେଦନ ଦୁଇଥର ଖାରଜ ହୋଇସାରିଛି। କୋର୍ଟ କାର୍ଯ୍ୟରେ ମଧ୍ୟ ଅଚଳାବସ୍ଥା ଦେଖାଦେଇଛି। କୋର୍ଟ କାର୍ଯ୍ୟ ଯେଭଳି ସୁଚାରୁରୂପେ ଚାଲିବ ଓ ଓକିଲଙ୍କ ଜାମିନ ହେବ ସେ ନେଇ ବୈଠକରେ ଆଲୋଚନା କରାଯିବ। ସୁପ୍ରିମକୋର୍ଟ ଆନ୍ଦୋଳନ ପ୍ରତ୍ୟାହାର କରି ସ୍ଥିତି ସ୍ୱାଭାବିକ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ସମସ୍ତ ସଦସ୍ୟଙ୍କ ମତାମତ ନେବା ପରେ ବିଚାର କରି ପଦକ୍ଷେପ ଗ୍ରହଣ କରାଯିବ। କୋର୍ଟ କାର୍ଯ୍ୟ ସ୍ୱାଭାବିକ ସହ ଓକିଲମାନଙ୍କ ଜାମିନ କିଭଳି ହେବ ତା' ଉପରେ ଗୁରୁତ୍ୱ ଦିଆଯିବ। ସେଥିପାଇଁ ଯାହା ପଦକ୍ଷେପ ଗ୍ରହଣ କରିବାକୁ ପଡିବ ସିଏସି ପ୍ରାଧାନ୍ୟ ଦେବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଘଟଣାରେ ମୋଟ ୩୯ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୩୦ ଓକିଲ, ୮ କିନ୍ନର, ଜଣେ ସାଧାରଣ ଲୋକ ଅଛନ୍ତି। ଏସ୍‌ଡିଜେଏମ୍ କୋର୍ଟ ଓ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ସମସ୍ତଙ୍କ ଜାମିନ ଆବେଦନ ଖାରଜ ହୋଇଛି। ୧୪୪ଧାରା ଜାରି ହୋଇଥିବାରୁ କୋର୍ଟ ପରିସରରେ ପୋଲିସ ଛାଉଣି ରହିଛି। ବିଚାରପତି ଓ କର୍ମଚାରୀମାନେ କୋର୍ଟ ଆସି କାମ କରୁଛନ୍ତି। ହେଲେ ଓକିଲମାନେ କାର୍ଯ୍ୟରେ ଯୋଗ ଦେଇନାହାନ୍ତି।


ସମ୍ବଲପୁର କୋର୍ଟ ପରିସରରେ ପୋଲିସ ଜଗିରହିଛି।

## ହକି: ମହିଳାରେ ପୁଟନା, ପୁରୁଷରେ ଦେଓପାଲି ଚାମ୍ପିୟନ

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କୁଦୋପାଲି ଖେଳପଡିଆରେ ମହିଳା ଓ ପୁରୁଷ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମହିଳା ବର୍ଗରେ ପୁଟନା ଓ ପୁରୁଷରେ ଦେଓପାଲି ଚାମ୍ପିୟନ ଟ୍ରଫି ହାସଲ କରିଛି । ଆୟୋଜକ ଶ୍ରୀ ଶ୍ରୀ ବିଣାପାଣୀ ୟୁଥ୍ କ୍ଲବ ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ସଭା ହୋଇଥିଲା। ନୂଆଡିହୁରା ସମିତି ସଭ୍ୟ ସଞ୍ଜୟ ପଣ୍ଡା ମୁଖ୍ୟ ଅତିଥି, କ୍ଷମାନିଧି ଷଣ୍ଢ, ବେଣୁଧର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ବିରେଶ ପଧାନ, କ୍ରିଷ୍ଣା ସାହୁ, ପିଣ୍ଟୁ ପଧାନ, କ୍ଷୀରୋଦ ସେଠ ଓ ଭୀଷ୍ମ ଦୀପ ମ୍ୟାଚ ପରିଚାଳନା କରିଥିଲେ। ଶେଷରେ ନେହେରୁ ଯୁବକେନ୍ଦ୍ର ଜାତୀୟ ସେବା କର୍ମୀ ସତ୍ୟନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ ।

## ଶିବିରରେ ୩୨୮ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଝାରସୁଗୁଡ଼ା ଅଫିସ,୨୮।୧୨**

ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି) ତରଫରୁ ଲଖନପୁର ବ୍ଲକ୍ ପଣ୍ଡରୀ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ପ୍ରତିରୋଧକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁଭାସିନୀ ସାହୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଆଖପାଖ ଗ୍ରାମର ୩୨୮ଜଣ ରୋଗୀଙ୍କ ଉଚ୍ଚ ରକ୍ତଚାପ, ମଧୁମେହ, ଚର୍ମରୋଗ ଚିହ୍ନଟ କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଇବ୍‌ଥର୍ମାଲ ହସ୍ପିଟାଲ ଆସିଷ୍ଟାଣ୍ଟ ସିଏମ୍‌ଓ ଡା. ମାନସ ରଞ୍ଜନ ପାଣିଗ୍ରାହୀ, ଡା. ଆର୍.କେ. ମିଶ୍ର, ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସିଏମ୍‌ଓ ଡା. ବୈକୁଣ୍ଠ ନାଥ କଶ୍ୟପ ରୋଗୀଙ୍କ ଚିକିତ୍ସା କରିଥିଲେ। ପ୍ରକଳ୍ପ ହସ୍ପିଟାଲ ସ୍ୱାସ୍ଥ୍ୟକର୍ମୀ ଦାମୋଦାର ନାୟକ, ରୀତା ଜେମ୍ସ, ପ୍ରଭାତ ବାରିକ ସହଯୋଗ କରିଥିଲେ ।

# ପଞ୍ଚମ ରଜନୀରେ ୩ ନାଟକ ମଞ୍ଚସ୍ଥ

**ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା**

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ବୀର ସୁରେନ୍ଦ୍ର ସାଏ ୨୫ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ବୁଧବାର ପଞ୍ଚମ ରଜନୀରେ ୩ ନାଟକ ମଞ୍ଚସ୍ଥ ହୋଇଛି। ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ପ୍ରଥମ ନାଟକ ସମ୍ବଲପୁର ଜନନାଟ୍ୟ ମଞ୍ଚ କଳାକାରମାନେ ଗୁଟେ ରାତିର କଥା ମଞ୍ଚସ୍ଥ କରିଥିଲେ। ନାଟ୍ୟକାର ସରୋଜ କୁମାର ଦାଶ ଏହାର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ୨୦୨୦ ମାର୍ଚ୍ଚ ୨୪ ତାରିଖ ରାତି ୮ଟାରେ ପ୍ରଧାନମନ୍ତ୍ରୀ କରୋନା ମହାମାରୀ ସକାଶେ ଲକ୍‌ଡାଉନ ଘୋଷଣା କରିଥିଲେ। ଏହି ରାତିରେ ବେସାହାରା ରୋଗିଣା ଏକ ବୃଦ୍ଧ ଦମ୍ପତି ଓ ଜଣେ ସହୃଦୟ ଯୁବକଙ୍କ କଥାକୁ ନେଇ ନାଟକଟି ଗତିଶୀଳ। ସେହିପରି ଦ୍ୱିତୀୟ ନାଟକକୁ ବରଗଡ ଜିଲା ଭଟଲି କେଶାଇପାଲି ମୁନ୍‌ଲାଇଟ ସ୍ୱେଚ୍ଛାସେବୀ ଅନୁଷ୍ଠାନର କଳାକାରମାନେ ପରିବେଷଣ କରିଥିଲେ। ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ପ୍ରାଧାପକ ଚୂଡାମଣୀ ରଥ। ଶେଷ ନାଟକ ତମର ଆମର ରଜା ପରବେଷିତ ହୋଇଥିଲା । ଏହାକୁ ବରଗଡ ଜିଲା ସମର୍ପଣ ଅନୁଷ୍ଠାନ କଳାକାରମାନେ ମଞ୍ଚସ୍ଥ କରିଥିଲେ । ଧିରେନ ଭୋଇ ରଚନା ଓ ସଞ୍ଜୟ କୁମାର ବେହେରା ନିର୍ଦ୍ଦେଶନା ଦେଇଥିଲେ। ଆୟୋଜକ ଯୁବଉଦୟନ ସହସମ୍ପାଦକ ଅଭିଷେକ ମିଶ୍ରଙ୍କ ସଂଯୋଜନାରେ କଳାକାରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପଦ୍ମଲୋଚନ ଦାଶ, ଶିତିକଣ୍ଠ ପତି, ଶିବଲାଲ ସାଗର ବିଚାରକ ଥିଲେ।


'ଗୁଟେ ରାତିର କଥା' ନାଟକର ଏକ ଦୃଶ୍ୟ

## କେଶାଇବାହାଲ ଯୁକ୍ତଦୁଇ କଲେଜ ବାର୍ଷିକ ଉତ୍ସବ

**କୁଚିଣ୍ଡା,୨୮।୧୨(ଡି.ଏନ.ଏ.)**

ବାମରା ବ୍ଲକ କେଶାଇବାହାଲ ପ୍ରଭୁ ଦୟାଲ ରୁରାଲ ଯୁକ୍ତ ଦୁଇ କଲେଜରେ ୩୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ଗୀତିକାର ତଥା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ ଓ ବୃନ୍ଦାବନ ମାଝି, ବାମରା ବ୍ଲକ ଅଧକ୍ଷା ପିଙ୍କି ନାଏକ, ସରପଞ୍ଚ ବାଣେଶର ନାଏକ, ଖଗୁନାଥ ପିଙ୍ଗ, କଲେଜ ପ୍ରତିଷ୍ଠାତା ଅଧକ୍ଷ ରଜନୀକାନ୍ତ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ମୁଖ୍ୟବକ୍ତା, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଶାନ, ଜିଲା ପରିଷଦ ସଭ୍ୟ କୃଷ୍ଣ ଚନ୍ଦ୍ର ଟପୋ, ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ଅଧକ୍ଷ ଦୟାସାଗର ପ୍ରଧାନ ଓ ସାମାଜିକ କର୍ମୀ ତୁଳସୀ ମଞ୍ଜରି ବହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜ ଅଧକ୍ଷ ସରୋଜ କୁମାର ଦାସଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମକୁ ଅଧାପକ ରାଜେଶ ପଣ୍ଡା ପରିଚାଳନା କରିଥିଲେ। ଏହିଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## କ୍ରିକେଟ ଟୁର୍ନାମେଣ୍ଟ: ପୋଡ଼ାମାଳ ଚାମ୍ପିୟନ

**ନାକଟିଦେଉଳ,୨୮।୧୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତ ଲୁଇସିଂ ଗ୍ରାମର ମା' ବାଉତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ମୋଟ ୮ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ପୋଡ଼ାମାଳ ଓ ଗୌଡ଼ପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୌଡ଼ପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୭ ଉଇକେଟ ହରାଇ ୪୪ରନ କରିଥିଲା। ଜବାବରେ ପୋଡ଼ାମାଳ ଦଳ ୫ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। ପୋଡ଼ାମାଳ ଦଳର ରାଜେଶ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଗୌଡ଼ପାଲିର ସୁମନ୍ତ ବାବୁଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ ମୁଖ୍ୟବକ୍ତା ଓ ଯୁବନେତା ପ୍ରିୟରଞ୍ଜନ ପ୍ରଧାନ, କିସିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ କାହ୍ନୁଚରଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସୁମନ୍ତ ସାହୁ, ନିରଞ୍ଜନ ପ୍ରଧାନ ଖେଳ ପରିଚାଳନା କରିଥିଲେ ।

# ଭଲିବଲ ଟୁର୍ନାମେଣ୍ଟ: ରାଉରକେଲା ଚାମ୍ପିୟନ


ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ନାକଟିଦେଉଳ,୨୮।୧୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ବାଟଗାଁ ଖେଳପଡ଼ିଆରେ ମଙ୍ଗଳବାର ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ରାଇଜିଂ କ୍ଲବ ରାଉରକେଲା ଭୁବନେଶ୍ୱର ହଷ୍ଟେଲକୁ ୨-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଆକାଶ କୁମାର ସାହୁ, ରୋଶନ ସାହୁ ଓ ମନୋରଞ୍ଜନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ବାଟଗାଁ ମହାବିଦ୍ୟାଳୟର ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, କଂଗ୍ରେସ ନେତା ଆଶଫ ଅଲ୍ଲୀ ଖାଁ, ବାଟଗାଁ ସମିତିସଭ୍ୟ ଅଶୋକ ସାମଲ, ଢ଼ଇଁଚା ସମିତିସଭ୍ୟ ପ୍ରବୀଣ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ବାଟଗାଁ ଭଲିବଲ କ୍ଲବ ସଦସ୍ୟ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।

## ପିପୁଲ୍‌ସ ଫୋରମ୍‌ର ବାର୍ଷିକ ଉତ୍ସବ

**ଝାରସୁଗୁଡ଼ା ଅଫିସ,୨୮।୧୨**

ଝାରସୁଗୁଡା ହଂସାମୁରା କଣ୍ଠାପାଲିସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍‌ସ ଫୋରମର ୩୨ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିରକୁ ଜିଲାପାଳ ସରୋଜ କୁମାର ସାମଲ ଉଦ୍‌ଘାଟନ କରି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଏସ୍‌ଏସ୍‌ଓ ପ୍ରତିଭା ବେହେରା, ଡିସିପିଓ ସୁନନ୍ଦ ମହାରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପିପୁଲସ ଫୋରମର ବିଭିନ୍ନ ଜିଲାରୁ ଆସିଥିବା କର୍ମଚାରୀ ଓ ଝାରସୁଗୁଡା ଜିଲାର ସ୍ୱେଚ୍ଛାସେବୀଙ୍କଠାରୁ ୧୦୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସନ୍ଧ୍ୟା ଅଧିବେଶନରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଏସ୍‌ଏସ୍‌ଏସ୍‌ଓ ପ୍ରତିଭା ବେହେରା, ଡିସିପିଓ ସୁନନ୍ଦ ମହାରଣା, ଶିକ୍ଷାବିତ୍ କବିତା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କର୍ମଚାରୀଙ୍କ କାର୍ଯ୍ୟର ପାରଦର୍ଶିତାକୁ ନଜରରେ ରଖି ଅତିଥିମାନେ ସେମାନଙ୍କୁ ସମ୍ମାନିତ କରିଥିଲେ।

## କଂଗ୍ରେସର ପ୍ରତିଷ୍ଠା ଦିବସ

**ଝାରସୁଗୁଡ଼ା ଅଫିସ,୨୮।୧୨**

ଜିଲା କଂଗ୍ରେସ କମିଟି ଉପସଭାପତି ସୀତାରାମ ଦାସଙ୍କ ସଭାପତିତ୍ୱରେ ଜିଲା କାର୍ଯ୍ୟାଳୟରେ ବୁଧବାର ଭାରତୀୟ ଜାତୀୟ କଂଗ୍ରେସ ଦଳର ୧୩୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାରେ ଜିଲା ପଛୁଆବର୍ଗ ସେଲ ସଭାପତି ସୁବ୍ରତ ପ୍ରଧାନ, ବେଲପାହାଡ଼ ଟାଉନ ସଭାପତି ଭାସ୍କର ପଟେଲ, ଝାରସୁଗୁଡା ବ୍ଲକ ସଭାପତି ଅର୍ଜୁନ ନାୟକ, ଜିଲା ସମ୍ପାଦକ ମନମୋହନ ଝା, ବେଲପାହାଡ ଯୁବ କଂଗ୍ରେସ ସଭାପତି ହେମସାଗର ପଟ୍ଟନାୟକ, ରିଆଜ ହୁସେନ, ଜ୍ୟୋତ୍ସ୍ନା ବଗର୍ତ୍ତୀ, ମହେନ୍ଦ୍ର ନାୟକ, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଯୋଗଦେଇ ଲୋକଙ୍କ ସମସ୍ୟା ସହିତ ଜଡିତ ହୋଇ ଅସ୍ଥା ଭାଜନ ହେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

# ଏମ୍‌ସିଏଲ୍ ଓ ପ୍ରଶାସନ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ପ୍ରଶାସନ ଓ ମହାନଦୀ କୋଇଲା ଖଣି (ଏମ୍‌ସିଏଲ୍) ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହା ସମ୍ବେଦନଶୀଳ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରିବା ଓ ଶିଶୁ ସୁରକ୍ଷା ନେଇ କାର୍ଯ୍ୟ କରିବ। ଜିଲା ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପଙ୍କଜ କୁମାର ପଟେଲ ଓ ଏମ୍‌ସିଏଲ୍ ପକ୍ଷରୁ ସିଏସ୍‌ଆର୍ ଡିଜିଏମ୍ ଆର୍.କେ. ପାଣିଗ୍ରାହୀ ପ୍ରତିନିଧିତ୍ୱ କରିଥିଲେ। ଏମ୍‌ସିଏଲ୍‌ର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ସ୍ୱାସ୍ଥ୍ୟ ବିଭାଗ୍ ଓ ଅନ୍ୟ ବିଭାଗ ସହାୟତାରେ ଏହି କାର୍ଯ୍ୟ କରାଯିବ। ସିଡିଏମ୍‌ଓ ଡା. ପଟେଲ କହିଛନ୍ତି, ଏବେ ସରକାରୀ ସ୍ତରରେ ଗର୍ଭବତୀ ଓ ଶିଶୁ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଏବେ ଏହି ଯୋଜନାକୁ ଅଧିକ ଗତିଶୀଳ କରିହେବ।



ଏମ୍‌ଓୟୁ ସ୍ୱାକ୍ଷର କରାଯାଉଛି।

## କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବେ ମୁଖ୍ୟମନ୍ତ୍ରୀ

**ଝାରସୁଗୁଡ଼ା ଅଫିସ/ବ୍ରଜରାଜନଗର, ୨୮।୧୨(ଡି.ଏନ୍.ଏ.)**

ବିଜେଡି ତରଫରୁ ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆସନ୍ତା ୩୦ରେ ବ୍ରଜରାଜନଗରରେ ପାଳନ କରାଯିବ। ଏ ନେଇ ବିଜେଡି ତରଫରୁ ଗାନ୍ଧୀଛକ ସ୍ଥିତ ଏକ ହୋଟେଲରେ ବିଧାୟିକା ଅଳକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଜିଲା ଉପସଭାପତି ଶମ୍ଭୁ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଟିକେଶ୍ୱର ସେନାପତି, ପୂର୍ବତନ ପୌରାଧ୍ୟକ୍ଷ ନବ କିଶୋର ଅଗ୍ରୱାଲ, ଜିଲାପରିଷଦ ସଦସ୍ୟ ସନତ ସିଂହ, ସଞ୍ଜିତ ପ୍ରଧାନ, ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ବେଲପାହାଡ ଟାଉନ ସଭାପତି କୈଳାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟିକା ମହାନ୍ତି କହିଛନ୍ତି, ବ୍ରଜରାଜନଗର ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସ୍ୱର୍ଗତ ମହାନ୍ତିଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଅନାବରଣ କରିବେ। ଏହି ଶ୍ରଦ୍ଧାଞ୍ଜଳି ସଭା କଲିଆକାନୀ ମକର ଯାତ୍ରା ପଡିଆରେ ଆୟୋଜିତ ହେବ। କିଶୋରଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚନ କରାଯିବ ବୋଲି ସେ କହିଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

# ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

**ଝାରସୁଗୁଡ଼ା ଅଫିସ,୨୮।୧୨**

୮ଦଫା ସମ୍ବଳିତ ଦାବିନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ତରଫରୁ ନଭେମ୍ବର ୨୧ରୁ ଭୁବନେଶ୍ୱର ପିଏମ୍‌ଜି ଛକରେ ଆନ୍ଦୋଳନ ଜାରି ରହିଛି। ଏହି କ୍ରମରେ ସଂଘର ଝାରସୁଗୁଡ଼ା ଜିଲା ଶାଖା ତରଫରୁ ବୁଧବାର ଏକ ଶୋଭାଯାତ୍ରା କିଷାନ ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ କର୍ମକର୍ତ୍ତାମାନେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ ସରୋଜ କୁମାର ସାମଲଙ୍କୁ ପ୍ରଦାନ କରିଥିଲେ। ଏହି ଆନ୍ଦୋଳନରେ ଜିଲା ଶାଖା ସଭାପତି ପ୍ରଭାସିନୀ ନାୟକ, ଉପସଭାପତି ଜ୍ୟୋତିର୍ମୟୀ ପଟେଲ, ବବିତା ବର୍ମା, ସମ୍ପାଦିକା ଜ୍ୟୋତ୍ସ୍ନା ମହାନନ୍ଦ, ସହସମ୍ପାଦିକା କୌଶଲ୍ୟା କଣ୍ଟା, ସବିତା କୁସୁମ, କୋଷାଧ୍ୟକ୍ଷ ତପସ୍ୱିନୀ ରକ୍ସା ପ୍ରମୁଖ ଶତାଧିକ କର୍ମକର୍ତ୍ତା ଓ ସଦସ୍ୟା ସାମିଲ ହୋଇଥିଲେ। ପ୍ରମୁଖ ଦାବି ମଧ୍ୟରେ ୨୦୧୮ ଆନ୍ଦୋଳନ ବେଳେ ବହିଷ୍କୃତ ୬ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି, ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ ମାନ୍ୟତା, ମାନ୍ୟତା ପ୍ରଦାନ ପର୍ଯ୍ୟନ୍ତ କର୍ମୀଙ୍କୁ ୧୮ହଜାର ଓ ସହାୟିକାଙ୍କୁ ୯ହଜାର ଟଙ୍କା ପ୍ରଦାନ ସହିତ ଇପିଏଫ୍, ଇଏସ୍‌ଆଇସି ଓ ଗ୍ରାଚ୍ୟୁଟିରେ ସାମିଲ, ଅବସର କାଳୀନ ସହାୟତା ରାଶି ୫ଲକ୍ଷ ସହିତ ମାସିକ ପେନ୍‌ସନ୍ ୫ହଜାର ଟଙ୍କା ପ୍ରଦାନ, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କଲେ ମୃତ୍ୟୁ କାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା ପ୍ରଦାନ ସହିତ ପରିବାରର ଜଣଙ୍କୁ ଚାକିରି ଆଦି ଅନ୍ୟତମ।



ଆନ୍ଦୋଳନକାରୀ ପୋଷ୍ଟର ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



କୋଲକାତାର ହାଓ୍ବଡା ଜିଲାରେ ସ୍ୱାମୀଙ୍କୁ ରକ୍ଷା କରିବାକୁ ଯାଇ ଝାଡ଼ଖଣ୍ଡ ଅଭିନେତ୍ରୀ ରିୟା କୁମାରୀଙ୍କ ମୃତ୍ୟୁ ଘଟିଛି। କାର୍‌ରେ ସ୍ୱାମୀ ପ୍ରକାଶ କୁମାର ଓ କୁନି ଝିଅଙ୍କ ସହ ରିୟା ଝାଡ଼ଖଣ୍ଡରୁ କୋଲକାତା ଯାଉଥିଲେ। ବୁଧବାର ସକାଳ ପ୍ରାୟ ୬ଟାବେଳେ ଗାଡ଼ି ଚଲାଇ ଥକିପଡ଼ିଥିବା ପ୍ରକାଶ ରାସ୍ତା କଡ଼ରେ କାର୍ ଛିଡ଼ାକରି ବାହାରକୁ ଯାଇଥିଲେ। ସେତିକିବେଳେ ତିନିଜଣ ଦୁର୍ବୃତ୍ତ ତାଙ୍କ ନିକଟକୁ ଆସି ମୋବାଇଲ, ପର୍ସ ଆଦି ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଗାଡ଼ିରେ ବସିଥିବା ରିୟା ସ୍ୱାମୀଙ୍କୁ ରକ୍ଷା କରିବା ପାଇଁ ସେଠାରେ ପହଞ୍ଚିଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳିଫୁଟାଇ ଫେରାର୍ ହୋଇଯାଇଥିଲେ।



## ସଂକ୍ଷେପରେ

### ୨ କୋଟି କୋଭିଶିଲ୍ଡ ଟିକା ମାଗଣାରେ ଦେବ ସେରମ୍

ନୂଆଦିଲ୍ଲୀ, ୨୮।୧୨: ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) କେନ୍ଦ୍ର ସରକାରଙ୍କୁ ୨ କୋଟି କୋଭିଶିଲ୍ଡ କରୋନା ଟିକା ଡୋଜ୍ ମାଗଣାରେ ଯୋଗାଇ ଦେବା ନେଇ ବୁଧବାର କହିଛି। ଦେଶରେ କରୋନାର ସ୍ଥିତିକୁ ନଜରରେ ରଖି କମ୍ପାନୀ ପକ୍ଷରୁ ଏ ପ୍ରକାର ନିଷ୍ପତ୍ତି ନିଆଯାଇଛି। ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସରକାରୀ ଯୋଗାଣ ବିଭାଗ ନିର୍ଦ୍ଦେଶକ ପ୍ରକାଶ କୁମାର ସିଂ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଏ ସମ୍ପର୍କିତ ଏକ ଚିଠି ଲେଖିଛନ୍ତି। କରୋନା ଟିକାର ୨ କୋଟି କୋଭଶିଲ୍ଡର ୨ କୋଟି ଡୋଜ୍‌ର ମୂଲ୍ୟ ୪୧୦ କୋଟି ଟଙ୍କା।



### ପ୍ରବୀଣ ଶ୍ରୀବାସ୍ତବ କାର୍ଯ୍ୟକାରୀ ସିଭିସି



ନୂଆଦିଲ୍ଲୀ,୨୮।୧୨: ଭିଜିଲାନ୍ସ କମିଶନର ପ୍ରବୀଣ କୁମାର ଶ୍ରୀବାସ୍ତବଙ୍କୁ ବୁଧବାର କାର୍ଯ୍ୟକାରୀ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଭାବେ ନିଯୁକ୍ତ କରାଯାଇଛି। ଦୁର୍ନୀତି ନିରୋଧୀ ଜଗୁଆଳି ସଂସ୍ଥାର ମୁଖ୍ୟ ସୁରେଶ ଏନ୍. ପଟେଲଙ୍କ କାର୍ଯ୍ୟକାଳ ଗତ ୨୪ରେ ଶେଷ ହେବା ପରେ ତାଙ୍କ ସ୍ଥାନରେ ପ୍ରବୀଣଙ୍କୁ ଅବସ୍ଥାପିତ କରାଯାଇଛି। ସିଭିସିଙ୍କ ନେତୃତ୍ୱାଧୀନ କମିଶନରେ ସର୍ବାଧିକ ୨ ଜଣ ଭିଜିଲାନ୍ସ କମିଶନର ରହିଥାଆନ୍ତି। ପ୍ରବୀଣଙ୍କ ସହ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ପୂର୍ବତନ ମୁଖ୍ୟ ଅରବିନ୍ଦ କୁମାର ମଧ ବର୍ତ୍ତମାନ ଭିଜିଲାନ୍ସ କମିଶନର ଅଛନ୍ତି। ୧୯୮୮ ବ୍ୟାଚ୍ ଆସାମ-ମେଘାଳୟ କ୍ୟାଡର ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା (ଆଇଏସ୍) ଅଧିକାରୀ ପ୍ରବୀଣ ଗତ ଜାନୁୟାରୀ ୩୧ରେ ସମନ୍ୱୟ ସଚିବ ପଦରୁ ଅବସର ନେଇଥିଲେ। ସିଭିସି ଏବଂ ଭିଜିଲାନ୍ସ କମିଶନରଙ୍କ କାର୍ଯ୍ୟକାଳ ୪ ବର୍ଷ କିମ୍ବା ତାଙ୍କୁ ୬୫ ବର୍ଷ ହେବା ପର୍ଯ୍ୟନ୍ତ ରହିଥାଏ।

### ୪ ଆତଙ୍କବାଦୀ ନିହତ

ଜମ୍ମୁ, ୨୮।୧୨: ଜମ୍ମୁ ସିଧରା ବାଇପାସ୍‌ରେ ଥିବା ତାୱି ବ୍ରିଜ ନିକଟରେ ବୁଧବାର ସୁରକ୍ଷାକର୍ମୀଙ୍କ ଗୁଳିରେ ୪ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ବିପୁଳମାତ୍ରାରେ ଅସ୍ତ୍ରଶସ୍ତ୍ର ଥିବା ଏକ ଟ୍ରକ୍ ସେହିବାଟ ଦେଇ ଯାଉଥିବାବେଳେ ଚେକିଂ ପଏଣ୍ଟରେ ସୁରକ୍ଷାକର୍ମୀ ଟ୍ରକ୍‌କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ତା' ମଧ୍ୟରେ ଛପି ବସିଥିବା ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ଫଳରେ ୪ ଆତଙ୍କବାଦୀ ନିହତ ହୋଇଥିବା ଜମ୍ମୁ ଅତିରିକ୍ତ ପୋଲିସ ପକ୍ଷରୁ କୁହାଯାଇଛି। ଟ୍ରକ୍‌ରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

# କୁହୁଡ଼ିରେ ୨୦୦ ଗାଡ଼ି ଧକ୍କା



ବେଜିଂ, ୨୮।୧୨

ସେଣ୍ଟ୍ରାଲ୍ ଚାଇନାର ଝେଙ୍ଗଜହୋଉରେ ବୁଧବାର ପ୍ରବଳ କୁହୁଡ଼ି ସକାଶେ ୨୦୦ରୁ ଊର୍ଦ୍ଧ୍ୱ ଗାଡ଼ି ଏକାସଙ୍ଗେ ପିଟି ହୋଇଯାଇଛନ୍ତି। ସେଥିମଧ୍ୟରୁ ୧୨ଟି ଗାଡ଼ି ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଝେଙ୍ଗଜିନ ହୁଆଙ୍ଗହେ ବ୍ରିଜ୍‌ରେ ଅନେକ କାର୍ ଉପରେ ଟ୍ରକ୍ ଚଢ଼ିଯାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସିସିଟିଭି ଫୁଟେଜ୍ ଅନୁସାରେ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ଆୟତ୍ତ କରିଥିଲା।



ବମ୍ବ ସାଇକ୍ଲୋନ୍ ପ୍ରଭାବରେ ଆମେରିକାର ନାଏଗ୍ରା ପ୍ରପାତର ଜଳ ଆଂଶିକ ବରଫ ହୋଇଯାଇଛି।

# ଭାରତୀୟ ସିରପ୍ ପିଇ ୧୮ ଶିଶୁ ମୃତ

ନୂଆଦିଲ୍ଲୀ,୨୮।୧୨

## ଉଜ୍‌ବେକିସ୍ତାନର ଅଭିଯୋଗ




ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ଭାରତୀୟ ସିରପ୍ ପିଇ ୬୬ ଶିଶୁଙ୍କ ମୃତ୍ୟୁ ଘଟିବାର କିଛି ମାସ ପରେ ଉଜ୍‌ବେକିସ୍ତାନରୁ ମଧ ଅନୁରୂପ ଅଭିଯୋଗ ଆସିଛି। ଉତ୍ତର ପ୍ରଦେଶରେ ମାରିଓନ୍ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ ଡୋକ୍-୧ ମ୍ୟାକ୍ସ ସିରପ୍ ସେବନ କରି ଉଜ୍‌ବେକିସ୍ତାନର ୧୮ ଶିଶୁ ଆଖି ବୁଜିଦେଇଥିବା ସେଠାକାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ମାରିଓନ୍ ବାୟୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ୨୦୧୨ରେ ଉଜ୍‌ବେକିସ୍ତାନରେ ପଞ୍ଜୀକୃତ ହୋଇଛି। ଏହି ଫାର୍ମାସ୍ୟୁଟିକାଲ୍ କମ୍ପାନୀର ଡୋକ୍-୧ ମ୍ୟାକ୍ସ ସିରପ୍ ୟୁପିର ନୋଏଡାରେ ପ୍ରସ୍ତୁତ କରାଯାଉଛି। ଉଜ୍‌ବେକିସ୍ତାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଜାରି ଏକ ବିବୃତିରେ କୁହାଯାଇଛି ଯେ, ଦେଶର ଶ୍ୱାସକ୍ରିୟାଜନିତ ରୋଗରେ ପୀଡ଼ିତ ୨୧ ଶିଶୁ ଏହି ସିରପ ପିଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କ ମୃତ୍ୟୁ ଘଟିଲାଣି। ରୋଗୀଣା ଶିଶୁମାନେ ହସ୍ପିଟାଲରେ ଚିକିତ୍ସିତ ହେବା ପୂର୍ବରୁ ନିଜ ଘରେ ୨-୭ ଦିନ ଧରି ଡୋକ୍-୧ ମ୍ୟାକ୍ସ ସିରପ ପିଇଥିଲେ। ସେମାନେ ଦିନକୁ ୨.୫-୫ ଏମ୍‌ଏଲ୍ ଲେଖାଏ ୩ରୁ ୪ ଥର ଏହାକୁ ସେବନ କରୁଥିଲେ, ଯାହାକି ଶିଶୁଙ୍କ ପାଇଁ ଔଷଧ ସେବନ ମାତ୍ରାର ମାନକଠାରୁ ଅଧିକ।

### ୟୁପିରେ ଡୋକ୍-୧ ମ୍ୟାକ୍ସ ସିରପ୍ ପ୍ରସ୍ତୁତ କରୁଛି ମାରିଓନ୍ ବାୟୋଟେକ୍

ପାରାସିଟାମଲ ଏହି ସିରପର ମୁଖ୍ୟ ଉପାଦାନ ହୋଇଥିବାବେଳେ ମା'ବାପାମାନେ ଭୁଲ୍‌ରେ ଆଣ୍ଟାଇ-କୋଲ୍ଡ ଉପଚାର ରୂପେ ନିଜ ପିଲାଙ୍କୁ ଡୋକ୍-୧ ମ୍ୟାକ୍ସ ଦେଇଥିଲେ। ଔଷଧ ଦୋକାନୀମାନଙ୍କ ପରାମର୍ଶ କ୍ରମେ ସେମାନେ ଏପରି କରିଥିଲେ। ସିରପ୍ ପିଇବା ପରେ ଶିଶୁମାନଙ୍କ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହୋଇଥିଲା। ଲାବରେଟୋରିରେ ପ୍ରାରମ୍ଭିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଡୋକ୍-୧ ମ୍ୟାକ୍ସ ସିରପ୍‌ର ଏହି ସିରିଜରେ ଏଥିଲେନ୍ ଗ୍ଲାଇକୋଲ୍ ରହିଛି। ଏହି ଉପାଦାନ ବିଷାକ୍ତ ହୋଇଥିବାରୁ ସେବନ କରୁଥିବା ରୋଗୀଙ୍କଠାରେ ବାନ୍ତି ହେବା, ମୂର୍ଚ୍ଛା ହେବା, ମାଂସପେଶୀର ଅନିୟନ୍ତ୍ରିତ ସଙ୍କୋଚନ, ହୃତ୍‌ଘାତଜନିତ ସମସ୍ୟା ଏବଂ କିଡ୍‌ନୀ ଅକାମି ହୋଇଯିବା ଭଳି ଗମ୍ଭୀର ପରିବର୍ତ୍ତନ ଦେଖିବାକୁ ମିଳିପାରେ ବୋଲି ଉଜ୍‌ବେକିସ୍ତାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଶିଶୁ ମୃତ୍ୟୁ ପାଇଁ ଦାୟୀ ୭ ଜଣ କର୍ମଚାରୀଙ୍କୁ ଦାୟିତ୍ୱରେ ଅବହେଳା ଲାଗି ସେମାନଙ୍କ ଚାକିରିରୁ ବହିଷ୍କାର କରାଯାଇଛି। ଏଥିସହ ଡୋକ୍-୧ ମ୍ୟାକ୍ସ ସିରପ୍ ଓ ଟାବ୍‌ଲେଟ୍ ବିକ୍ରିକୁ ଉଜ୍‌ବେକିସ୍ତାନର ସବୁ ଔଷଧ ଦୋକାନରେ ନିଷେଧ କରାଯାଇଛି। ବିନା ପ୍ରେସ୍କ୍ରିପ୍‌ଶନରେ କୌଣସି ଦୋକାନରୁ ନିଜ ପିଲାଙ୍କ ପାଇଁ ଔଷଧ ନ କିଣିବା ପାଇଁ ଅଭିଭାବକମାନଙ୍କୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ପ୍ରକାଶ ଯେ ଗତ ଅକ୍ଟୋବରରେ ହରିୟାଣାର ମେଡେନ୍ ଫାର୍ମା ନିର୍ମିତ ୪ କଫ ସିରପ ପିଇବା ପରେ ଗାମ୍ବିଆର ୬୬ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭାରତୀୟ ଔଷଧକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲା।

## ବର୍ଷେ ପରେ ଜେଲରୁ ମୁକୁଳିଲେ ଦେଶମୁଖ

ମୁମ୍ବାଇ, ୨୮।୧୨

ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଅନିଲ ଦେଶମୁଖ ଗିରଫ ହେବାର ବର୍ଷେ ପରେ ମୁମ୍ବାଇର ଆର୍ଥର ରୋଡ୍ ଜେଲ୍‌ରୁ ମୁକୁଳିଛନ୍ତି। ବୁଧବାର ଶତାଧିକ ଏନ୍‌ସିପି କର୍ମୀ ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି। ଦୁର୍ନୀତି ଅଭିଯୋଗରେ ଅନିଲଙ୍କୁ ଜେଲରେ ସଜା କାଟୁଥିଲେ। ଜେଲରୁ ବାହାରିବା ପରେ ଅନିଲ ପ୍ରଥମେ ସିଦ୍ଧିବିନାୟକ ମନ୍ଦିର ଦର୍ଶନ କରିଥିଲେ। ଏକ ଓପନ୍ ଜିପ୍‌ରେ ଅନିଲଙ୍କୁ ତାଙ୍କ ସମର୍ଥକମାନେ ପାଛୋଟି ନେଇଥିବାବେଳେ ସେଥିରେ ଏନ୍‌ସିପି ଏମ୍‌ପି ସୁପ୍ରିୟା ସୁଲେ ମଧ ଉପସ୍ଥିତ ଥିଲେ। ବିନା କୌଣସି ଅପରାଧ କରି ତାଙ୍କୁ ଜେଲରେ ରହିବାକୁ ପଡ଼ିଥିଲା। କୋର୍ଟ ତାଙ୍କୁ ନ୍ୟାୟ ପ୍ରଦାନ କରିଥିବାବେଳେ ଭାରତୀୟ ସମ୍ବିଧାନ ଉପରେ ତାଙ୍କର ବିଶ୍ୱାସ ଥିବା ଅନିଲ ଗଣମାଧମକୁ କହିଛନ୍ତି।



# 'ମସ୍କ ହେବେ ଆମେରିକା ରାଷ୍ଟ୍ରପତି'

ମସ୍କୋ, ୨୮।୧୨



ଡିମିଟ୍ରି ମେଡଭେଡେଭ



ଏଲନ ମସ୍କ

୨୦୨୩ ମସିହା ଆସିବାକୁ ଆଉ ଖୁବ୍ କମ୍ ଦିନ ବାକି ଅଛି। ନୂଆବର୍ଷ ଅବସରରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଖାସ୍ ସହଯୋଗୀ ତଥା ପୂର୍ବତନ ରାଷ୍ଟ୍ରପତି ଡିମିଟ୍ରି ମେଡଭେଡେଭ ଆମେରିକା, ବ୍ରିଟେନ୍, ଜର୍ମାନ୍ ଓ ଫ୍ରାନ୍ସର ଭବିଷ୍ୟତକୁ ନେଇ ପୂର୍ବାନୁମାନ କରିଛନ୍ତି। ଏ ନେଇ ଡିମିଟ୍ରି ଟୁଇଟରରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି, ଆସନ୍ତାବର୍ଷ ବ୍ରିଟେନ୍ ନିଜକୁ ପୁଣିଥରେ ୟୁରୋପୀୟ ସଂଘରେ ସାମିଲ କରିବ। ଫ୍ରାନ୍ସ-ଜର୍ମାନ ମଧ୍ୟରେ ଯୁଦ୍ଧ ହେବ। ୟୁରୋପ ଭାଗଭାଗ ହେବା ସହ ପୋଲାଣ୍ଡ ପୁନର୍ବିଭାଜନ ହେବ ବୋଲି ସେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷେ ଡିମିଟ୍ରିଙ୍କ ଭବିଷ୍ୟବାଣୀ ମୁତାବକ, ଆମେରିକାରେ ଗୃହଯୁଦ୍ଧ ହେବ। ଏହାଫଳରେ କାଲିଫର୍ନିଆ ଏବଂ ଟେକ୍ସାସ୍ ସ୍ୱାଧୀନ ରାଜ୍ୟ ଭାବେ ଉଭା ହେବେ। ସେହିପରି ଟେକ୍ସାସ୍ ଓ ମେକ୍ସିକୋ ଏକାଠି ହୋଇ ଗୋଟିଏ ସ୍ୱତନ୍ତ୍ର ଷ୍ଟେଟ୍ ତିଆରି କରିବେ। ଗୃହଯୁଦ୍ଧ ଶେଷ ହେବାବେଳକୁ ଟେସ୍‌ଲା-ଟୁଇଟରର ମାଲିକ ଏଲନ ମସ୍କ ଆମେରିକାର ରାଷ୍ଟ୍ରପତି ଆସନ ଅଧିକାର କରିନେବେ ବୋଲି ଡିମିଟ୍ରି ଟୁଇଟ୍ କରି କହିଛନ୍ତି। ଏହି ପୋଷ୍ଟ ଉପରେ ଟୁଇଟରର ସିଇଓ ଏଲନ ମସ୍କ ପ୍ରତିକ୍ରିୟା ଦେଇ କହିଛନ୍ତି 'ଏପିକ୍ ଥ୍ରେଡ୍'। ଅନ୍ୟପକ୍ଷେ ଡିମିଟ୍ରିଙ୍କ ନ୍ୟୁଇୟର୍ ପ୍ରେଡିକ୍ସନ ପାଇଁ ସମାଲୋଚିତ ହେବାକୁ ମଧ ପଡ଼ିଛି। ପୂର୍ବରୁ ମସ୍କ ରୁଷିଆ ସମର୍ଥନରେ ମନ୍ତବ୍ୟ ଦେଇଥିବାରୁ ବର୍ତ୍ତମାନ ଡିମିଟ୍ରି ତାଙ୍କୁ ଏ ପ୍ରକାରେ ପ୍ରଶଂସା କରୁଥିବା ଅନେକେ ୟୁଜର୍ସ କହିଛନ୍ତି। ରୁଷିଆ ଉପରେ ୟୁକ୍ରେନ୍‌ର ଆକ୍ରମଣକୁ ନେଇ ମସ୍କ କହିଥିଲେ ଯେ, ବୈଶ୍ୱିକ ଶାନ୍ତି ଦୃଷ୍ଟିରୁ ୟୁକ୍ରେନ୍ ନିଜକୁ ରୁଷିଆ ନିକଟରେ ସମର୍ପଣ କରିଦେବା ଉଚିତ୍ ହେବ।

### ନୂଆବର୍ଷ ଲାଗି ଡିମିଟ୍ରିଙ୍କ ଭବିଷ୍ୟବାଣୀ

#### ଆମେରିକାରେ ହୋଇପାରେ ଗୃହଯୁଦ୍ଧ

ଡିମିଟ୍ରି ରୁଷିଆର ରାଷ୍ଟ୍ରପତି ପଦରେ ୪ ବର୍ଷ କାଳ ରହିଥିବାବେଳେ ସେ ସମୟରେ ପୁଟିନ୍ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଥିଲେ। ବର୍ତ୍ତମାନ ଡିମିଟ୍ରି ପୁଟିନ୍‌ଙ୍କ ପ୍ରମୁଖ ସହଯୋଗୀ ଓ ରୁଷିଆ ପ୍ରତିରକ୍ଷା ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ଗତ ସପ୍ତାହରେ ଡିମିଟ୍ରି ଚାଇନା ଗସ୍ତ କରି ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଜନାରେ ଡିମିଟ୍ରିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

## ହସ୍ପିଟାଲରେ ମା'ଙ୍କୁ ଭେଟିଲେ ମୋଦି

ଅହମ୍ମଦାବାଦ/ନୂଆଦିଲ୍ଲୀ, ୨୮।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ହୀରାବେନ ମୋଦି (୯୯) ବୁଧବାର ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଅହମ୍ମଦାବାଦ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତେବେ ମା'ଙ୍କ ଅସୁସ୍ଥ ହେବା ଖବର ପାଇ ନରେନ୍ଦ୍ର ମୋଦି ତୁରନ୍ତ ହସ୍ପିଟାଲରେ ପହଞ୍ଚି ମା'ଙ୍କୁ ଭେଟିଛନ୍ତି। ହୀରାବେନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ୟୁଏନ୍ ମେହେଟ୍ଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ କାର୍ଡିଓଲୋଜି ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ କଂଗ୍ରେସର ନବନିର୍ବାଚିତ ସଭାପତି ମଲିକାର୍ଜୁନ ଖାର୍ଗେ ହୀରାବେନ୍‌ଙ୍କ ଆଶୁ ଆରୋଗ୍ୟ କାମନା କରିଥିବାବେଳେ ରାହୁଲ ଗାନ୍ଧୀ ସୋସିଆଲ ମିଡିଆରେ ଭାବବିହ୍ୱଳ ପୋଷ୍ଟ ଶେୟାର କରି କହିଛନ୍ତି, ମା' ପୁଅ ମଧ୍ୟରେ ଥିବା ଭଲପାଇବାକୁ ମୂଲରେ ତଉଲା ଯାଇ ପାରିବ ନାହିଁ। ଏପ୍ରକାର କଠିନ ସମୟରେ ମୋଦିଜୀଙ୍କ ସହ ମୋ ସମର୍ଥନ ରହିଛି। ତୁମ ମା' ଖୁବ୍ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି ରାହୁଲ ନିଜ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

### ଆରୋଗ୍ୟ କାମନା କଲେ ଖାର୍ଗେ, ରାହୁଲ



## ଶାନ୍ତନୁଙ୍କ ପାଇଁ ବଦଳିଗଲେ ଶ୍ରୁତି



ମୁମ୍ବାଇ: ସାଉଥ୍ ଅଭିନେତ୍ରୀ ଶ୍ରୁତି ହାସନ ତାଙ୍କ ପୁରୁଷ ବନ୍ଧୁ ଶାନ୍ତନୁ ହାଜାରିକାଙ୍କ ଯୋଡିକୁ ସଭିଏଁ ପସନ୍ଦ କରନ୍ତି। ତେବେ ଦୁହିଁଙ୍କ ସମ୍ପର୍କକୁ ଏହା ମଧ୍ୟରେ ୩ ବର୍ଷ ବିତି ଗଲାଣି। ନିକଟରେ ଶ୍ରୁତି ହାସନ ଏକ ଇଣ୍ଟରଭ୍ୟୁରେ ତାଙ୍କ ପୁରୁଷ ବନ୍ଧୁଙ୍କୁ ନେଇ କିଛି କଥା ଶେୟାର କରିଛନ୍ତି। ସେ ଶାନ୍ତନୁଙ୍କୁ ଡେଟ୍ କରିବା ପରେ ସେ ସମ୍ପୂର୍ଣ୍ଣ ବଦଳିଯାଇଥିବା ସେ କହିଛନ୍ତି। ସେ ଦୁହେଁ ବେଷ୍ଟ ଫ୍ରେଣ୍ଡ ବୋଲି କହିଛନ୍ତି। ସାନ୍ତନୁ ଜଣେ ଶାନ୍ତ, ଦୟାଳୁ ଓ ଭାବପ୍ରବଣ ବ୍ୟକ୍ତି ଅଟନ୍ତି। ସେଥିପାଇଁ ସେ ସବୁବେଳେ ଶାନ୍ତନୁଙ୍କ ପ୍ରଶଂସା କରିବା ସହ ତାଙ୍କ ଭଳି ହେବାକୁ ଚେଷ୍ଟା କରନ୍ତି ବୋଲି କହିଛନ୍ତି। ତେବେ ଶ୍ରୁତି ତାଙ୍କ ପୁରୁଷ ବନ୍ଧୁ ଶାନ୍ତନୁଙ୍କୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି।

ଫୁର୍‌ସତ୍

## ବିଶ୍ୱର ସବୁଠାରୁ ସରୁ ବିଲ୍ଡିଂ



ୱାଶିଂଟନ୍: ସବୁଠାରୁ ଉଚ୍ଚା ସ୍ଥାନରେ ରହିବାକୁ ବହୁ ଲୋକ ଇଚ୍ଛା କରନ୍ତି। ସେଠାରୁ ପୂରା ସହରର ଦୃଶ୍ୟ ବହୁତ ରୋମାଞ୍ଚକ ହୋଇଥାଏ। ତେବେ ଏପରି ଏକ ଉଚ୍ଚା କୋଠା ଆମେରିକାର ମନ୍‌ହଟନ୍‌ରେ ରହିଛି। କୋଠାଟି ଉଚ୍ଚା ହେବା ସହ ଏହାର ଚଉଡା ସବୁଠାରୁ ସରୁ ମଧ। ଟିକେ ଜୋର୍‌ରେ ପବନ ହେଲେ ସେହି କୋଠା ଦୋହଲିବାକୁ ଲାଗିଥାଏ। ଏହା ବିଶ୍ୱର ସବୁଠାରୁ ପତଳା ଷ୍ଟେନ୍‌ୱେ ଟାୱାର ଅଟେ। ଏହାର ଉଚ୍ଚତା ୧ ହଜାର ୪୨୮ ଫୁଟ ହୋଇଥିବାବେଳେ ଏଥିରେ ୮୪ଟି ମହଲା ରହିଛି। ଏହି ବିଲ୍ଡିଂ ୨୦୧୯ରେ ଆରମ୍ଭ ହୋଇଥିଲା। ବିଲ୍ଡିଂଟି ୨୦୨୧ ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ ହୋଇସାରିଛି। ତେବେ ବିଲ୍ଡିଂର ଗୋଟେ ଆପାର୍ଟମେଣ୍ଟର ଦାମ ୬୬ ମିଲିୟନ୍ ଡଲାର, ଯେଉଁଥିପାଇଁ ଏଥିରେ କେବଳ ଧନୀ ଏବଂ ସାହସୀ ଲୋକ ହିଁ ସମୟ କାଟିପାରିବେ।

## ଯୁଦ୍ଧ ମଧ୍ୟରେ ସାଥୀ ସୈନ୍ୟଙ୍କୁ ବିବାହ କଲେ

ନୂଆଦିଲ୍ଲୀ

ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଫଳରେ ୨ ଦେଶର ଅନେକ କ୍ଷତି ହୋଇ ଚାଲିଛି। ତେବେ ଏଥିରେ ଅନ୍ୟ ଦେଶଗୁଡ଼ିକର ମଧ କ୍ଷତି ହେଉଛି। ତେବେ ଦେଶକୁ ବଞ୍ଚାଇବା ପାଇଁ ୟୁକ୍ରେନର ଅନେକ ନାଗରିକ ନିଜ ପେସା ଛାଡି ସେନାରେ ଭର୍ତ୍ତି ହୋଇଛନ୍ତି। ରିପୋର୍ଟ ମୁତାବକ, ଦେଶକୁ ବଞ୍ଚାଇବା ପାଇଁ ନିଜ ମଡେଲିଂ କ୍ୟାରିୟରକୁ ପଛରେ ପକାଇ ଜଣେ ୩୭ ବର୍ଷୀୟା ମହିଳା ଇଉଗେନିଆ ପ୍ରୋକୋପେଙ୍କୋ ସେନାରେ ଭର୍ତ୍ତି ହୋଇଥିଲେ। ଏବେ ମଧ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଲାଗି ରହିଛି। ତେବେ ଏହି ଯୁଦ୍ଧ ମଧ୍ୟରେ ସେହି ମଡେଲର ଜଣକ ତାଙ୍କ ସାଥୀ ସୈନ୍ୟଙ୍କୁ ବିବାହ କରିଥିବା ଜଣାପଡ଼ିଛି। ତାଙ୍କର ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



# ରାହୁଲଙ୍କ ସୁରକ୍ଷାରେ ତ୍ରୁଟି

**ଭାରତ ଯୋଡ଼ୋ ଯାତ୍ରା**

**ସୁରକ୍ଷା ବଢ଼ାଇବାକୁ ଶାହାଙ୍କୁ ଚିଠି ଲେଖିଲା କଂଗ୍ରେସ**

ନୂଆଦିଲ୍ଲୀ,୨୮।୧୨

'ଭାରତ ଯୋଡ଼ୋ ଯାତ୍ରା' ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହୋଇଛି। ତେଣୁ ରାହୁଲଙ୍କ ସମେତ ଏହି ପଦଯାତ୍ରାରେ ସାମିଲ ଥିବା ଅନ୍ୟମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ କଂଗ୍ରେସ ଚିଠି ଲେଖିଛି।

ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ ନିକଟକୁ ପଠାଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଭାରତ ଯୋଡ଼ୋ ଯାତ୍ରା ଶନିବାର ଦିଲ୍ଲୀରେ ପ୍ରବେଶ କରିବା ପରେ ଅନେକ ଥର ସୁରକ୍ଷାରେ ତ୍ରୁଟି ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ଯାତ୍ରା ଶିବିର ସ୍ଥଳକୁ ବେଆଇନ ଭାବେ ଅନୁପ୍ରବେଶ କରିଥିବା ଅନେକ ନଜିର ରହିଛି। ଏପରି କି ହରିୟାଣାର ଗୋଇନ୍ଦା ସୁରକ୍ଷା ଅଧିକାରୀମାନେ ପଦଯାତ୍ରୀଙ୍କୁ


ରାହୁଲ ଗାନ୍ଧୀ

ଉଠାଇନେଇ ଜେରା କରୁଛନ୍ତି। ଜେଡ୍ ପ୍ଲସ୍ ସୁରକ୍ଷା ପାଇଥିବା ରାହୁଲଙ୍କ ଚତୁଃପାର୍ଶ୍ୱରେ ସୁରକ୍ଷା ବଳୟକୁ ବଜାୟ ରଖିବା ଏବଂ ଭିଡ଼ ନିୟନ୍ତ୍ରଣରେ ଦିଲ୍ଲୀ ପୋଲିସ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ସ୍ଥିତି ଏତେ ଖରାପ ହୋଇଯାଇଥିଲା ଯେ, କଂଗ୍ରେସ କର୍ମୀ ଓ ରହୁଲଙ୍କ ସହ ଥିବା ଭାରତ ଯାତ୍ରୀମାନଙ୍କୁ ସୁରକ୍ଷା ବଳୟ ତିଆରି କରିବାକୁ ପଡ଼ିଥିଲା। ଏସବୁ ସତ୍ତ୍ୱେ ଦିଲ୍ଲୀ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା ବୋଲି ବେଣୁଗୋପାଳ କହିଛନ୍ତି। କଂଗ୍ରେସ ଏହା ପୂର୍ବରୁ ଦେଶର ଏକତା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କୁ ହରାଇସାରିଛି। ସରକାର ଉଦ୍ଦେଶ୍ୟପ୍ରଣୋଦିତ ରାଜନୀତି ନ କରି ଦେଶରେ ଶାନ୍ତି ଓ ସମରସତା ଆଣିବା ଉଦ୍ଦେଶ୍ୟରେ ଚାଲିଥିବା ଏହି ଐତିହାସକ ପଦଯାତ୍ରାରେ କଂଗ୍ରେସ ନେତାଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରନ୍ତୁ। ବିଶେଷକରି ଏହି ଯାତ୍ରା ସମ୍ବେଦନଶୀଳ ରାଜ୍ୟ ପଞ୍ଜାବ ଓ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ପ୍ରବେଶ କରିବା ସମୟରେ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ ବେଣୁଗୋପାଳ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ୱିଣ୍ଟର ବ୍ରେକ୍ ପାଇଁ ୯ ଦିନ ବନ୍ଦ ଥିବା ଭାରତ ଯୋଡ଼ୋ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟ ଆସନ୍ତା ଜାନୁୟାରୀ ୩ରେ ଆରମ୍ଭ ହେବ।

## କଂଗ୍ରେସ ଭାରତକୁ ସ୍ୱାଧୀନତା ଦେଇଥିଲା: ଶରତ


କଂଗ୍ରେସର ୧୩୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସର ୧୩୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କଂଗ୍ରେସ ଭବନ ପରିସରରେ ଆୟୋଜିତ ଉତ୍ସବରେ ପିସିସି ସଭାପତି ଶରତ ପଟ୍ଟନାୟକ ଦଳୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ, କଂଗ୍ରେସ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତକୁ ସ୍ୱାଧୀନତା ଦେଇଥିଲା। ତେବେ ମା'ମାନଙ୍କ ବଳରେ ଦୀର୍ଘ ବର୍ଷର ଶାସନର ସ୍ୱପ୍ନ ଦେଖୁଥିବା ବିଜୁ ଜନତା ଦଳର ମୁଖ୍ୟଙ୍କୁ ପଚାରିବାକୁ ଚାହେଁ ଆଜି ଓଡ଼ିଶା କାହିଁକି ମହିଳା ଉତ୍ପୀଡ଼ନରେ ଦେଶର ପ୍ରଥମ ରାଜ୍ୟ ଭାବେ ଅପବାଦ ମୁଣ୍ଡାଉଛି। କଂଗ୍ରେସର ପ୍ରତିଷ୍ଠା ଦିବସରେ ଓଡ଼ିଶାବାସୀଙ୍କୁ ପ୍ରତିଶ୍ରୁତି ଦେବା ସହ ପ୍ରତିଜ୍ଞା କରୁଛି ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ଯଦି ରାଜ୍ୟରେ ସରକାର ଗଠନ କରେ ତାହାହେଲେ ସମସ୍ତ ସମସ୍ୟାର ଆଶୁ ସମାଧାନ ଦିଗରେ ଆମ ସରକାର ପ୍ରଥମ ଦିନରୁ କାର୍ଯ୍ୟକରିବ। ଆଗାମୀ ଦିନରେ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ ଏ ସରକାରକୁ ବିତାଡିତ କରିବା ପାଇଁ ପଟ୍ଟନାୟକ ଆହ୍ୱାନ ଦେଇଥିଲେ । ସେବାଦଳ ପକ୍ଷରୁ ଅଶୋକ ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


କନ୍ଧମାଳ ଜିଲା ଯୁବ ଭାଜପା ପକ୍ଷରୁ ତୁମୁଡ଼ିବନ୍ଧଠାରେ ଆୟୋଜିତ ସଭାରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନୁତୀର ଉପହାର ଦିଆଯାଇଛି।


ଖୋର୍ଦ୍ଧା ଜିଲା ବାଣପୁର ପଲଟନ ପଡ଼ିଆରେ ବୁଧବାର ଅପରାହ୍ଣରେ ଆୟୋଜିତ ହୋଇଥିଲା ଭାଜପା ସମାବେଶ। ଏଥିରେ ଯୋଗଦେଇଥିବା କର୍ମୀ, ମହିଳା ଓ ପୁରୁଷ।

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ,ଖଣ୍ଡପଡ଼ା
OFFICE OF THE NOTIFIED AREA COUNCIL
KHANDAPADA
E-Mail Id-nackpg89@gmail.com
Letter No - 2386 Date.26/12/2022
QUOTATION CALL NOTICE
No.C-2118:Sealed quotations are invited from the intending authorized dealers / intending firms / EPM Rate contractors / other authorized reputed Companies to Supply following items for official use of N.A.C, Khandapara . The rate should be quoted inclusive of all taxes, GST, PAN & delivery charges at Khandapada MAC against each item.The quotations will be received from 10.00 A.M of 26/12/2022 to 3.00P.M of 04/01/2023 by mode of Regd. Post or Speed Post only and shall be opened on the same day at 4.00P.M on Dt.04/01/2023 in presence of quotationer or their authorized agents who may wish to remain present at the time of opening. The undersigned reserves the right to accept or reject any or all the quotations without assigning any reason thereof.
The bidders can download the details from the website i.e.http:// www.khandapadanac.in and nayagarh.nic.in.
Sd/- Executive Officer, Khandapada NAC
OIPR-13147/11/0017/2223

# ହୋ, ମୁଣ୍ଡା, ଭୂମିଜ ଭାଷାକୁ ମାନ୍ୟତା ଦିଆଯାଉ: ବିଜେଡି

**ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା**

ବାରିପଦା ଅଫିସ,୨୮।୧୨

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ହୋ, ମୁଣ୍ଡା ଓ ଭୂମିଜ ସମ୍ପ୍ରଦାୟ ଜନଜାତିଙ୍କ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଦାବିରେ ବୁଧବାର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ରର ଅବହେଳା ଯୋଗୁ ଏହି ଭାଷାଭାଷୀ ଲୋକଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉ ନ ଥିବାରୁ ଜିଲା ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ପ୍ରତିବାଦ ସ୍ୱରୂପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ମୁଣ୍ଡାରୀ ଭାଷା କ୍ରିୟାନୁଷ୍ଠାନ କମିଟି ଓ ମୁଣ୍ଡା ଆଦିବାସୀ ଯୁବ ସଙ୍ଗଠନର କର୍ମକର୍ତ୍ତାମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ନୃତ୍ୟଗୀତ ମାଧ୍ୟମରେ ଦାବି ଉପସ୍ଥାପନ କରିଥିଲେ। ଏ ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଖୁବ୍ ଶୀଘ୍ର ଆଦିବାସୀଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳୀୟ କାର୍ଯ୍ୟକର୍ତ୍ତା ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପ୍ରାକ୍ତନ ବିଧାୟକ ଭାଦବ ହାଁସଦା, ଗଣେଶ୍ୱର ପାତ୍ର, କାଉନସିଲର ଦେବାଶିଷ ପାତ୍ର, ବିଜୁ ଛାତ୍ର ଜନତା ଜିଲା ସଭାପତି ସୁନୀଲ କୁମାର ନାୟକ, ବିଜୁ ଯୁବ ଜନତା ଜିଲା ସଭାପତି ଅରୁଣ ବରାଡ, ଶ୍ରୀନାଥ ସୋରେନଙ୍କ ସମେତ ଜିଲାର ନେତୃବୃନ୍ଦ, କର୍ମକର୍ତ୍ତା ଓ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ।


ବିଜେଡି କାର୍ଯ୍ୟକର୍ତ୍ତାଙ୍କ ସହ ଆଦିବାସୀ ମହିଳାପୁରୁଷ ଧାରଣାରେ ବସିଛନ୍ତି।

GOVERNMENT OF ODISHA email:serwsbd2003@yahoo.com
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
No. e-Procurement Notice for Road & Bridge Works Date:
No.O-1530:1. Name of the Work: Construction of Road & Bridges as per Annexure (27 Nos.) 2. Class of Contractor: "B", "A" & Special Class of (Odisha PWD) or relevant class of other licesing authority.3. Estimated Cost: Varies from Rs.127.98 Lakhs to Rs.813.73 Lakhs (Approximately). 4. Details projects as per Annexure attached.

| Procurement Officer | Bid Identificaton No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Sunabeda | CCERWCSBD-Online- 39/ 2022-23 | 30.12.2022 at 11.00 AM | 16.01.2023 upto 5.30 PM | 15.01.2023 upto 2.00 PM | 17.01.2023 at 11.00 AM | To be intimated separately |

5. The details of works can be seen from the website: https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
OIPR-25182/11/0050/2223 Sd./- Chief Construction Engineer, Rural Works Circle, Sunabeda

# ମୁଖ୍ୟମନ୍ତ୍ରୀଙ୍କୁ ସ୍ପଷ୍ଟୀକରଣ ମାଗିଲା ଭାଜପା

**■ ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ କେବେ ହେବ ସ୍ପଷ୍ଟ କର**

**■ କେନ୍ଦ୍ରୀୟ ଅନୁଦାନରେ ପ୍ରକଳ୍ପ କରି କେନ୍ଦ୍ରମନ୍ତ୍ରୀଙ୍କୁ ନ ଡାକିବା ହୀନମନ୍ୟତା**

ଅନୁଗୋଳ ଅଫିସ, ୨୮।୧୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁଗୋଳ ଗସ୍ତର ଅବ୍ୟବହିତ ପୂର୍ବରୁ ଶାସକ ଦଳକୁ ଟାର୍ଗେଟ କରିଛି ଭାଜପା। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ଓ ଉଦ୍‌ଘାଟନ କରୁଥିବା ପ୍ରକଳ୍ପରେ କେତେ କେନ୍ଦ୍ରୀୟ ଅନୁଦାନ ଅଛି ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ସିଏଲ୍ ପକ୍ଷରୁ ୧୫୦୦ କୋଟି ବ୍ୟୟରେ ନିର୍ମିତ ତାଳଚେର ମେଡିକାଲ କଲେଜ କେବେ କାର୍ଯ୍ୟକ୍ଷମ ହେବ ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି।

ଦଳୀୟ ଜିଲା କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଦୀଲେଶ୍ୱର ପ୍ରଧାନ କହିଲେ, ଜିଲା ଖଣିଜ ପାଣ୍ଠି, କମ୍ପାନୀ ସାମାଜିକ ଦାୟିତ୍ୱବୋଧ ପାଣ୍ଠି, କେନ୍ଦ୍ରୀୟ ଅନୁଦାନରୁ ଅନୁଗୋଳରେ ପ୍ରକଳ୍ପ ନିର୍ମିତ ହୋଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କୁ ନ ଡାକିବା ହୀନମନ୍ୟତାର ପରିଚୟ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ତାଳଚେର ସାର କାରଖାନା ପାଇଁ ୧୩,୫୦୦ କୋଟି, ଥର୍ମାଲ ପ୍ଲାଣ୍ଟ ପାଇଁ ୧୦,୦୦୦ କୋଟି, ତାଳଚେର ମେଡିକାଲ କଲେଜ ପାଇଁ ୧୫୦୦ କୋଟି, ୪ ଲେନ୍ ବିଶିଷ୍ଟ କଟକ-ସମ୍ବଲପୁର ଜାତୀୟ ରାଜପଥ, ତାଳଚେର-ଡୁବୁରି ଜାତୀୟ ରାଜପଥ ଦୋହରୀକରଣ, ତାଳଚେର-ବିମଳାଗଡ଼ ରେଳପଥ, ଅନୁଗୋଳ-ସୁକିନ୍ଦା ରେଳପଥ, ତାଳଚେରରେ ୨ଟି କେନ୍ଦ୍ରୀୟ ବିଦ୍ୟାଳୟ, ଅନୁଗୋଳ ଜିଲାକୁ ଡିଏମ୍‌ଏଫ୍ ପାଣ୍ଠିକୁ ଅଦ୍ୟାବଧି ୨,୩୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପ୍ରଦାନ କରାଯାଇଛି। ହେଲେ ତାଳଚେର ଥର୍ମାଲ ପ୍ଲାଣ୍ଟ ଓ ମେଡିକାଲ କଲେଜରେ ରାଜ୍ୟ ସରକାର ବାଧକ ସାଜିଛନ୍ତି। କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନ ଯୋଜନାରେ ସାମିଲ ହୋଇଥିବା ଅନୁଗୋଳ ଜିଲାରେ ଠିକ୍ ଭାବେ ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ୨୦୨୨ ସୁଦ୍ଧା ସବୁ କଞ୍ଚା ଘର ପକ୍କା କରିବାକୁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଠିକ ତାଲିକା ପ୍ରଦାନ କରୁନାହାନ୍ତି। ବଅଁରପାଳ-ଅନୁଗୋଳ ରାସ୍ତାରେ କେବଳ ପାଉଁଶ ପକାଇ ୯ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହାଦ୍ୱାରା କେବଳ ଠିକାଦାର ଉପକୃତ ହୋଇଛନ୍ତି। ଡିଏମ୍‌ଏଫ୍ ପାଣ୍ଠିର ଦୁରୁପଯୋଗ ହେଉଛି। ଭାଜପା ପକ୍ଷରୁ ଏଭଳି ଅନେକ ପ୍ରଶ୍ନର ଉତ୍ତର ଲୋଡ଼ାଯାଇଛି। ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, କାଳିନ୍ଦୀ ସାମଲ, ଅଶୋକ ମହାନ୍ତି, ପ୍ରତାପ ପ୍ରଧାନ, ପ୍ରତିମା ମିଶ୍ର, ଯଯାତି ପଟ୍ଟନାୟକ, ଦିଲୀପ ପ୍ରଧାନ, ସୁଦୀପ ଗଡ଼ନାୟକ ଉପସ୍ଥିତ ଥିଲେ। ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ ସଂଯୋଜନା କରିଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା କାର୍ଯ୍ୟକର୍ତ୍ତା।

## ଆଜି ଅନୁଗୋଳ ଆସୁଛନ୍ତି ୩ କେନ୍ଦ୍ରମନ୍ତ୍ରୀ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଖଣି ଓ କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ ଗୁରୁବାର ଅନୁଗୋଳ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ତାଳଚେର-ବଳରାମପ୍ରସାଦ-ଅନୁଗୋଳ ନୂତନ ରେଳପଥ ଉଦ୍‌ଘାଟନ କରାଯିବ। ସମ୍ବଲପୁର-ହାଓଡ଼ା-ସାଲିମାର ଏକ୍ସପ୍ରେସ ଟ୍ରେନ୍‌ର ଶୁଭାରମ୍ଭ ହେବ। ଏଥିସହ କେନ୍ଦ୍ରୀୟ ବିଦ୍ୟାଳୟ-୨ର ସ୍ଥାୟୀ କ୍ୟାମ୍ପସ ଭୂମିପୂଜନ ମଧ୍ୟ ଅନୁଷ୍ଠିତ ହେବ। କେନ୍ଦ୍ର କ୍ୟାବିନେଟ୍‌ର ୩ ମନ୍ତ୍ରୀଙ୍କ ଗସ୍ତକୁ ନେଇ ଦଳୀୟ କର୍ମୀ ମହଲରେ ଉତ୍ସାହ ଦେଖାଦେଇଛି। ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମୀ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିବେ ବୋଲି ଭାଜପା ଜିଲା ସଭାପତି ଦୀଲେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା 23917/IND-II-PH-1110 ତାରିଖ 27.12.2022
No. CAD-4293
ବିଜ୍ଞାପନ
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ସୁନୀଲ କୁମାର ପ୍ରଧାନ ଏବଂ ଶ୍ରୀ ଶାନ୍ତନୁ କୁମାର ବେହେରା ଓଡ଼ିଶାର ଗଞ୍ଜାମ ଜିଲ୍ଲା, ବେଲଗୁଣ୍ଠା ତହସିଲ ଅନ୍ତର୍ଗତ ବେନୀପଲ୍ଲୀ ଏବଂ ଗିରିସୋଲା ଗ୍ରାମରେ ୧୨.୪୪୪୫ ହେକ୍ଟର ପରିମିତ କ୍ଲଷ୍ଟର କ୍ଷେତ୍ରରେ ସ୍ଥିତ ବେନୀପଲ୍ଲୀ ଏବଂ ଗିରିସୋଲା ବାଲିଘାଟ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)) ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୩୧।୦୧।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ **ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ତହସିଲ ଅନ୍ତର୍ଗତ ବେନୀପଲ୍ଲୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ଖାତା ନଂ. ୮୫୮, ପ୍ଲଟ ନଂ.୧୪୯ ଅନ୍ତର୍ଗତ ୦.୨୨୫ ଏକର ଅଞ୍ଚଳରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଗଞ୍ଜାମ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଗଞ୍ଜାମ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଗଞ୍ଜାମ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବ୍ରହ୍ମପୁର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.org ରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ବ୍ରହ୍ମପୁର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
ସ୍ୱା./-ସଦସ୍ୟ ସଚିବ
OIPR-08012/11/0388/2223

**ଖସିଲା ଶେୟାର ବଜାର କାରବାର**

ନୂଆଦିଲ୍ଲୀ: କ୍ରମାଗତ ୨ଦିନର ଭଲ କାରବାର ପରେ ବୁଧବାର ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍ ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୭ (୧୭.୧୫) ପଏଣ୍ଟ ଖସି ୬୦,୯୧୦ (୬୦,୯୧୦.୨୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୦ (୯.୮୦) ପଏଣ୍ଟ ହ୍ରାସ ଘଟି ୧୮,୧୨୨ (୧୮,୧୨୨.୫୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................


ଟିମ୍‌ଟିମ୍
ପରିବାରବର୍ଗ


ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨୦ ବର୍ଷରେ ୨୦ ଗୁଣା ବଢ଼ିଛି ଆରଆଇଏଲ୍ ରାଜସ୍ୱ

■ ୨୦୦୨ରେ ରିଲାଏନ୍ସର ବଜାର ପୁଞ୍ଜି ୪୧,୯୮୯ କୋଟି ଥିଲା

■ ୨୦୨୨ମାର୍ଚ୍ଚରେ ୧୭,୮୧,୮୪୧ କୋଟିରୁ ଅଧିକ ରହିଛି

ନୂଆଦିଲ୍ଲୀ,୨୮।୧୨

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରି (ଆର୍ଆଇଏଲ୍)ର ବର୍ତ୍ତମାନର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଆର୍ଆଇଏଲ୍‌ରେ ୨୦ ବର୍ଷ ପୂରଣ କରିଛନ୍ତି। ଏପରିକି ୨୦୦୨ରେ ରିଲାଏନ୍ସର ପ୍ରତିଷ୍ଠାତା ତଥା ମୁକେଶଙ୍କ ପିତା ଧୀରୁ ଭାଇ ଅମ୍ବାନୀଙ୍କ ଅକାଳ ବିୟୋଗ ପରେ ମୁକେଶ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାର ଗ୍ରହଣ କରିଥିଲେ। ବିଶେଷକରି ସେ କମ୍ପାନୀର ନେତୃତ୍ୱ ଭାର ନେବା ପରଠାରୁ ଯେଉଁ ସଫଳତାର ଧାରା ଆରମ୍ଭ ହୋଇଥିଲା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଜାରି ରହିଛି। ଅପରପକ୍ଷରେ ମୁକେଶ ରିଲାଏନ୍ସର ମଙ୍ଗ ସମ୍ଭାଳିବା ପରେ ଗତ ୨ ଦଶନ୍ଧି ମଧ୍ୟରେ କମ୍ପାନୀର ରାଜସ୍ୱ ଓ ଲାଭ ସହ ବଜାର ପୁଞ୍ଜୀକରଣରେ ମଧ୍ୟ ଲଗାତର ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହୋଇଛି। ଗତ ୨୦ ବର୍ଷ ମଧ୍ୟରେ କମ୍ପାନୀର ଲାଭ ୨୦ (୨୦.୬) ଗୁଣା ବଢ଼ିଥିବା ବେଳେ ବଜାର ପୁଞ୍ଜୀକରଣ ପ୍ରାୟ ୪୨ ଗୁଣା ବୃଦ୍ଧି ପାଇଛି। ସେହିଭଳି ମୁକେଶଙ୍କ ବ୍ୟବସାୟ ପରିଚାଳନା ଶୈଳୀ ଅନ୍ୟ ଶିଳ୍ପପତିମାନଙ୍କଠାରୁ ଭିନ୍ନ ବୋଲି କୁହାଯାଉଛି। ଫଳରେ ରିଲାଏନ୍ସରେ କେବଳ ବଡ଼ ଧରଣର ରୂପାନ୍ତରଣ ହୋଇନି, ବରଂ ନିବେଶକମାନେ ମଧ୍ୟ ବେଶ ଲାଭବାନ୍ ହୋଇଛନ୍ତି। ପ୍ରତିବର୍ଷ ୮୭ ହଜାର କୋଟି ଟଙ୍କା ହିସାବରେ ନିବେଶକମାନେ ୧୭.୪ ଲକ୍ଷ କୋଟି ଟଙ୍କା ପାଇଛନ୍ତି। ଏହି ସ୍ୱଳ୍ପ ସମୟ ମଧ୍ୟରେ ରିଲାଏନ୍ସ ବିଶ୍ୱର ବଡ଼ ବଡ଼ ସଂସ୍ଥାଠାରୁ ଅନେକ ନିବେଶ ହାସଲ କରିଛି। ବିଶେଷକରି ଫେସ୍‌ବୁକ୍, ଗୁଗଲ୍ ଏବଂ ବିପି ଭଳି ବିଶ୍ୱସ୍ତରୀୟ ସଂସ୍ଥା ରିଲାଏନ୍ସରେ ନିବେଶ କରିବାକୁ ଆଗେଇ ଆସିଛନ୍ତି। ସେହିଭଳି ଦେଶର ସବୁଠୁ ବଡ଼ କମ୍ପାନୀର ସଫଳତା କାହାଣୀର ଅନେକ ଅଧ୍ୟାୟକୁ ମୁକେଶ ତାଙ୍କ ହାତରେ ଲେଖିଛନ୍ତି। ପେଟ୍ରୋଲିୟମ କାରବାରରୁ ଯାତ୍ରା ଆରମ୍ଭ କରିଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବର୍ତ୍ତମାନ ଟେଲିକମ୍ ଏବଂ ରିଟେଲ କ୍ଷେତ୍ରରେ ଏକ ଅଗ୍ରଣୀ ବ୍ୟବସାୟୀ ସାଙ୍ଗକୁ ଅନେକ ସଫଳତା ମଧ୍ୟ ହାସଲ କରିଛି।


ମୁକେଶ ଅମ୍ବାନି

ମୁକେଶ ହିଁ ପ୍ରଥମେ ଡାଟାକୁ 'ନୂଆ ତୈଳ' ବୋଲି କହିଥିଲେ। ଜିଓର ଡାଟା ଦେଶରେ ସାଧାରଣ ଲୋକଙ୍କ ଜୀବନକୁ ସମ୍ପୂର୍ଣ୍ଣ ବଦଳାଇଦେଇଛି। ଦେଶ ନୁହେଁ ସାରା ଦୁନିଆର ଅନ୍ୟତମ ବୃହତ୍ ଟେଲିକମ୍ କମ୍ପାନୀ ଜିଓକୁ ମୁକେଶ ପ୍ରତିଷ୍ଠା କରିଛନ୍ତି। ବହୁ କମ୍ ସମୟ ମଧ୍ୟରେ ଜିଓ ଅନେକ ସଫଳତା ପାଇଛି। ଡିଜିଟାଲ ଦୁନିଆରେ ଏହାର ପ୍ରଭାବ ସମସ୍ତଙ୍କୁ ଚକିତ କରିଛି। ଏପରିକି ସବୁଠୁ ଅଧିକ ଡିଜିଟାଲ ନେଣଦେଣର ରେକର୍ଡ ମଧ୍ୟ ଭାରତ ନାଁରେ ରହିଛି। ରାସ୍ତାକଡ଼ରେ ଠିଆ ହୋଇଥିବା ଠେଲା ବେପାରୀଙ୍କଠାରୁ ଆରମ୍ଭ କରି ପଞ୍ଚତାରକା ହୋଟେଲ ପର୍ଯ୍ୟନ୍ତ ସବୁଆଡ଼େ ଡିଜିଟାଲ ପେମେଣ୍ଟ ସୁବିଧା ରହିଛି। ଏଥିପାଇଁ ସରକାର ଭରପୂର ପ୍ରୟାସ କରିଥିବା ବେଳେ ରିଲାଏନ୍ସ ଜିଓର ମଧ୍ୟ ବଡ଼ ହାତ ରହିଛି। ଯେଉଁ ୧ ଜିବି ଡାଟା ପୂର୍ବରୁ ୨୫୦ ଟଙ୍କାରେ ମିଳୁଥିଲା, ଜିଓ ଆସିବା ପରେ ସେହି ଦାମ୍ ପ୍ରାୟ ୧୦ ଟଙ୍କାକୁ ଖସିଆସିଛି। ଡାଟା ବ୍ୟବହାରରେ ଭାରତ ୨୦୧୬ରେ ୧୫୦ତମ ସ୍ଥାନରେ ଥିଲା। ଏବେ ତାହା ସବୁ ଦେଶକୁ ପଛରେ ପକାଇ ୧ ନମ୍ବର ହୋଇଛି। ସେହିପରି ରିଟେଲ କ୍ଷେତ୍ରରେ ରିଲାଏନ୍ସ ବିଶ୍ୱର ବଡ଼ବଡ଼ କମ୍ପାନୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଅନ୍‌ଲାଇନରୁ ଆରମ୍ଭକରି ଅଫ୍‌ଲାଇନ, ରିଟେଲ ଏବଂ ପାଇକାରୀ ଆଦି କ୍ଷେତ୍ରରେ ମୁକେଶଙ୍କ ନେତୃତ୍ୱରେ ରିଲାଏନ୍ସ ଏହାର ସ୍ଥିତିକୁ ବେଶ୍ ମଜଭୁତ କରିଛି। ଆମାଜନ, ଫ୍ଲିପକାର୍ଟ ଓ ୱାଲ୍‌ମାର୍ଟ ଭଳି କମ୍ପାନୀ ରିଲାଏନ୍ସକୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଚାର କରୁଛନ୍ତି। ରିଲାଏନ୍ସ ରିଟେଲ ଦ୍ରୁତଗତିରେ ଷ୍ଟୋର ସଂଖ୍ୟା ବଢ଼ାଉଛି। ଗତବର୍ଷ ପ୍ରତିଦିନ କମ୍ପାନୀ ହାରାହାରି ୭ଟି ନୂଆ ଷ୍ଟୋର ଖୋଲିବାର ରେକର୍ଡ କରିଛି। ରାଜସ୍ୱ ଦୃଷ୍ଟିରୁ ମଧ୍ୟ ରିଲାଏନ୍ସ ରିଟେଲ ଦେଶର ୧ ନମ୍ବର ରିଟେଲ କମ୍ପାନୀ ହୋଇଛି। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଜାମନଗରରେ ନ୍ୟୁ ଏନର୍ଜି ପାଇଁ ୭୫ ହଜାର କୋଟି ଟଙ୍କା ନିବେଶକରି ନୂଆ ଗିଗା ଫ୍ୟାକ୍ଟ୍ରି ସ୍ଥାପନ ସହ ସୋଲାର ଏନର୍ଜି (ସୌରଶକ୍ତି) ଓ ଗ୍ରୀନ୍ ହାଇଡ୍ରୋଜେନ୍ ଉପରେ ମଧ୍ୟ ବେଶ୍ ଦ୍ରୁତଗତିରେ କାମ କରୁଛି।

# ଆଜି ଭୁବନେଶ୍ୱର ଷ୍ଟେଶନର ପୁନର୍ବିକାଶ ଭିତ୍ତିପ୍ରସ୍ତର

## ୨ ନୂତନ ଟ୍ରେନ୍ ପ୍ରଚଳନର ଶୁଭାରମ୍ଭ

ଭୁବନେଶ୍ୱର,୨୮।୧୨

ପୂର୍ବତଟ ରେଳପଥର ପ୍ରମୁଖ ରେଳ ଷ୍ଟେଶନ 'ଭୁବନେଶ୍ୱର ଷ୍ଟେଶନ'ର ପୁନଃ ବିକାଶ କାର୍ଯ୍ୟ ପାଇଁ ଗୁରୁବାର ତା'ର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଏପରିକି ଏକ ବିଶ୍ୱସ୍ତରୀୟ ଢାଞ୍ଚାରେ ଏହାର ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ବିଶେଷକରି ରେଳଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସେବା ଯୋଗାଇଦେବା ଲକ୍ଷ୍ୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପରିକଳ୍ପନା ମଧ୍ୟରେ ଭୁବନେଶ୍ୱର ରେଳ ଷ୍ଟେଶନ ପୁନଃ ବିକାଶ ସ୍ଥାନ ପାଇଛି । ସେହିଭଳି ଏହା ଏକ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିବାରୁ ରେଳମନ୍ତ୍ରୀ ଶୀଘ୍ର କାର୍ଯ୍ୟ ସମ୍ପାଦନ ପାଇଁ ମଧ୍ୟ ଗୁରୁତ୍ୱାରୋପ କରୁଛନ୍ତି। ଉକ୍ତ ପ୍ରକଳ୍ପ ପାଇଁ ନିକଟରେ ୩୦୮ କୋଟି ଟଙ୍କା ବ୍ୟୟବରାଦ ମଧ୍ୟ କରାଯାଇଛି,ଯାହାକି ଆସନ୍ତା ୨୪ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଆକଳନ କରାଯାଇଛି। ସେହିପରି ୧୪କି.ମି. ଦୈର୍ଘ୍ୟ ଅନୁଗୋଳ-ବଳରାମ ନୂତନ ରେଳଲାଇନର ଶୁଭାରମ୍ଭ ହେବ। କାରଣ ପଣ୍ୟ କାରବାର ପାଇଁ ବିଶେଷ ଭାବେ ଏହା ଉପଯୋଗ ହୋଇପାରିବ ଏବଂ ବିଭିନ୍ନ ଶିଳ୍ପସଂସ୍ଥାକୁ ସହାୟତା ଯୋଗାଇବ। ଏହା ବ୍ୟତୀତ ବହୁ ପ୍ରତୀକ୍ଷିତ ତଥା ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୂରଣ କରିବା ପାଇଁ ଦୁଇଟି ନୂତନ ଟ୍ରେନ୍‌ର ପ୍ରଚଳନ କରାଯାଉଛି। ଜନସାଧାରଣଙ୍କ ଦୀର୍ଘଦିନର ଆକାଂକ୍ଷା ଥିବା ପୁରୀ-ଜଳେଶ୍ୱର-ପୁରୀ ପାସେଞ୍ଜର ଟ୍ରେନ୍ ଏବଂ ତାଳଚେର-ଢେଙ୍କାନାଳ-ଭଦ୍ରକ ମାର୍ଗ ଦେଇ ସମ୍ବଲପୁର ଓ ଶାଳିମାର (କଲିକତା) ମଧ୍ୟରେ ନୂତନ ଏକ୍ସପ୍ରେସ ଟ୍ରେନ୍‌ର ପ୍ରଚଳନ କରାଯିବ। ଉଭୟ ନୂତନ ଟ୍ରେନ୍ ସେମାନଙ୍କର ଉଦ୍‌ଘାଟନୀ ଦିବସରେ ସ୍ୱତନ୍ତ୍ର ଟ୍ରେନ୍ ଭାବେ ଚଳାଚଳ କରିବେ। ଉଲ୍ଲେଖଯୋଗ୍ୟ, ୨୦୮୩୨-୩୧ ସମ୍ବଲପୁର-ଶାଳିମାର-ସମ୍ବଲପୁର ଏକ୍ସପ୍ରେସ୍ ୨୦୨୩ ଜାନୁୟାରୀ ୩ରୁ ସମ୍ବଲପୁର ଠାରୁ ପ୍ରତି ରବିବାର, ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ୭ ଘ.୧୦ମି.ରେ ଛାଡ଼ି ଶାଳିମାରକୁ ଯାତ୍ରା କରିବାକୁ ଥିବାବେଳେ ଏହା ଜାନୁୟାରୀ ୪ରୁ ଶାଳିମାରଠାରୁ ପ୍ରତି ସୋମବାର, ବୁଧବାର ଓ ଶୁକ୍ରବାର ରାତ୍ରି ୯ଘ.୨୫ମି.ରେ ଛାଡ଼ି ସମ୍ବଲପୁର ଅଭିମୁଖେ ଯାତ୍ରା କରିବ। ସେହିଭଳି ୦୮୪୧୬-୧୫ ପୁରୀ-ଜଳେଶ୍ୱର-ପୁରୀ ପାସେଞ୍ଜର ଟ୍ରେନ୍ ପୁରୀରୁ ଡିସେମ୍ବର ୩୧ଠାରୁ ପ୍ରତିଦିନ ଅପରାହ୍ନ ୧ଘ.୧୫ମି.ରେ ଛାଡ଼ି ଜଳେଶ୍ୱର ଯାତ୍ରା କରିବ ଏବଂ ୨୦୨୩ ଜାନୁୟାରୀ ପହିଲାରୁ ଜଳେଶ୍ୱରଠାରୁ ସକାଳ ୪ଘ.୫୦ମି.ରେ ଛାଡ଼ି ପୁରୀକୁ ଫେରିବ।

**CLASSIFIED DISPLAY**
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ ।
M:8895873378
:7656825209

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।



ନୂଆବର୍ଷରୁ ୩ଟି ନୂଆ ଧାରାବାହିକ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜୀ ସାର୍ଥକର ୩ଟି ମେଗା ଧାରାବାହିକର ପୋଷ୍ଟରକୁ ନିମନ୍ତ୍ରିତ ଅତିଥି ଓ ଚ୍ୟାନେଲର ବରିଷ୍ଠ ଅଧିକାରୀମାନେ ମିଳିତ ଭାବେ ଉନ୍ମୋଚନ କରୁଛନ୍ତି।

**Classified Everyday**
0674-2580101, 2549949


REAL ESTATE
SALE

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74170

ଭୁବନେଶ୍ୱର ରବି-ଟକିଜ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-2309

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ମାତ୍ର ଟ.11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/ Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/-. 8260032051. D-74175




Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74620

Full body massage by smart I expert therapist @999 only. 9078484455. D-73670

**AFFIDAVIT**

By virtue of an affidavit dtd.28.12.22 before Executive Magistrate, Bhubaneswar, I have changed my name from Mamatamayi Samal to Mamata Samal. Henceforth, I shall be known as Mamata Samal, MIG-50, Phase-2, Ananta Vihar, Pokhariput, Bhubaneswar- 751020, Dist.- Khordha for all purposes. D-2355

By virtue of an affidavit before the Notary Public, Deogarh, I, Kausik Gadanayak and Ranjit Garnayak is one and same person for deposited a RPLI bearing No. R/OR/EA/46789 as nominee. D-2360

Your classified advertisement published in Dharitri will be listed free in Dharitri online edition: dharitriepaper.in

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**

Manyadarshini (Timtim)
VSS Nagar, BBSR
ଧନ ଆଜି ତୋର ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ସେ ତୋର ଚଲାପଥ, ସରସ, ସୁନ୍ଦର ଓ କୁସୁମିତ କରନ୍ତୁ ।
ଶୁଭେଚ୍ଛା ସହ:
ବାବା, ମାମା, ଅଜା, ଆଇ, ଜେଜେମା, ମାଉସୀ, ବନ୍ଧୁ, ପରିବାରବର୍ଗ ଓ କଲ୍ୟାଣଗ୍ରୁପର ସମସ୍ତ ସଦସ୍ୟ ବୃନ୍ଦ
ଧ-୭୪୧୭୪

**10th Birthday Wish**

ANKITA PRIYADARSHINEE
May the Lord continue to shower you with happiness, good future, prosperity and good health all the days of your life.
-:Best wishes from:-
Bapa, mama, Bhai, Bada bapa, Bada mama, kaki, kaka, jeje Maa, Aja, Ai, Mamu, Mai and Family.
ଧ-୨୩୫୯

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏକକାଳୀନ ୧୧ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ

ମୁମ୍ବାଇ,୨୮।୧୨

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ମଙ୍ଗଳବାର ଏକକାଳୀନ ଦେଶର ୧୧ଟି ପ୍ରମୁଖ ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ବର୍ତ୍ତମାନ ସୁଦ୍ଧା କମ୍ପାନୀର ଟ୍ରୁ-୫ଜି ସେବା ଆରମ୍ଭ କରାଯାଇଥିବା ଏକକାଳୀନ ସହର ସଂଖ୍ୟା ମଧ୍ୟରୁ ସର୍ବାଧିକ ସଂଖ୍ୟକ ସହରରେ କରାଯାଇଛି। ବିଶେଷକରି ଲକ୍ଷ୍ନୌ, ତ୍ରିଭେନ୍ଦ୍ରମ, ମହୀଶୂର, ନାସିକ, ଔରଙ୍ଗାବାଦ, ଚଣ୍ଡିଗଡ଼, ମୋହାଲି, ପଞ୍ଚକୁଲା, ଜୀରକପୁର, ଖରଡ଼ ଏବଂ ଡେରାବସୀ ଭଳି ୧୧ଟି ସହରରେ ଜିଓ ଟ୍ରୁ-୫ଜି ସେବା ଆରମ୍ଭ କରାଯାଇଛି। ଅପରପକ୍ଷରେ ପ୍ରଥମ ଟେଲିକମ୍ ଅପରେଟର ଭାବେ ଜିଓ ପକ୍ଷରୁ ମୋହାଲି, ପଞ୍ଚକୁଲା, ଜୀରକପୁର, ଖରଡ଼ ଓ ଡେରାବସୀ କ୍ଷେତ୍ର ସମେତ ତ୍ରିଭେନ୍ଦ୍ରମ, ମହୀଶୂର, ନାସିକ, ଔରଙ୍ଗାବାଦ, ଚଣ୍ଡିଗଡ଼ ଟ୍ରାଇସିଟି




ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଛି। ଜିଓ ଟ୍ରୁ-୫ଜି ନେଟ୍‌ୱର୍କରେ ଯୋଡ଼ି ହୋଇଥିବା ଉପରୋକ୍ତ ୧୧ଟି ସହରରେ ଜିଓ ବ୍ୟବହାରକାରୀମାନଙ୍କୁ 'ଜିଓ ୱେଲକମ୍ ଅଫର' ଅଧୀନରେ ଆମନ୍ତ୍ରଣ କରାଯିବ। ଏହାବ୍ୟତୀତ ଜିଓ ବ୍ୟବହାରକାରୀମାନଙ୍କୁ ବିନା କୌଣସି ଅତିରିକ୍ତ ଶୁଳ୍କରେ ୧ ଜିବିପିଏସ୍‌ରୁ ଅଧିକ ସ୍ପିଡ୍‌ରେ ଅସୀମିତ ଡାଟା ମିଳିବ।

ଏ ସମ୍ପର୍କରେ ଜିଓର ପ୍ରବକ୍ତା କହିଛନ୍ତି, ଏକକାଳୀନ ୧୧ଟି ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରି ଆମେ ଗର୍ବିତ ମନେକରୁଛୁ। ଯେବେଠାରୁ ଆମେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରିଛୁ, ସେହି ଦିନଠାରୁ ଏହା ହେଉଛି ଆମର ଏକକାଳୀନ ସର୍ବାଧିକ ସହରରେ ୫ଜି ସେବାର ଶୁଭାରମ୍ଭ। ଏହି ୧୧ଟି ସହରର ଲକ୍ଷ ଲକ୍ଷ ଗ୍ରାହକ ଜିଓର ଟ୍ରୁ-୫ଜି ପ୍ରଯୁକ୍ତିର ଲାଭ ସହ ନୂଆବର୍ଷ ୨୦୨୩କୁ ନୂଆ ରୂପରେ ଆରମ୍ଭ କରିବେ। ସେହିଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳ ବ୍ୟତୀତ ଉକ୍ତ ସହରଗୁଡ଼ିକରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ ଯୋଗୁ ଉକ୍ତ ଅଞ୍ଚଳଗୁଡ଼ିକରେ ଉନ୍ନତ ଟେଲିକମ୍ ନେଟ୍‌ୱର୍କ ମିଳିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ଇ-ଗଭର୍ନାନ୍ସ, ଶିକ୍ଷା, ଅଟୋମେସନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଗେମିଂ, ହେଲ୍‌ଥକେୟାର, କୃଷି, ଆଇଟି ଏବଂ ଏସ୍ଏମ୍ଇ ବ୍ୟବସାୟ କ୍ଷେତ୍ରରେ ବିକାଶର ନୂଆ ପଥ ଉନ୍ମୁକ୍ତ ହେବ। ଉକ୍ତ ଅଞ୍ଚଳଗୁଡ଼ିକର ଡିଜିଟାଇଜ୍ କରିବାରେ ନିରନ୍ତର ସହଯୋଗ ଓ ସମର୍ଥନ ପ୍ରଦାନ କରିଥିବା ଚଣ୍ଡିଗଡ଼ ପ୍ରଶାସନ, ପଞ୍ଜାବ, ହରିୟାଣା, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶ ସରକାରଙ୍କ ନିକଟରେ ଆମେ କୃତଜ୍ଞ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ବେଦାନ୍ତର 'ସିଏସ୍ଆର୍ କ୍ୟାମ୍ପେନିଂ'

ଭୁବନେଶ୍ୱର,୨୮।୧୨

ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍‌ପକ୍ଷରୁ ଏକ ୨ ଦିନିଆ 'ସିଏସ୍ଆର୍ କ୍ୟାମ୍ପେନିଂ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର କୋରାପୁଟ ଓ ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକର ବୃଦ୍ଧ ଓ ଅସହାୟ ଲୋକମାନଙ୍କୁ ଶୀତ ବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଥିଲା। ବିଶେଷକରି ଉଭୟ ଜିଲାର ଦଶମନ୍ତପୁର, କାଶୀପୁର ଓ ଲକ୍ଷ୍ମୀପୁର ବ୍ଲକର ୫୦ରୁ ଅଧିକ ଗ୍ରାମ ସହ ୭୫୦ରୁ ଅଧିକ ଲୋକଙ୍କ ପାଖରେ କମ୍ପାନୀର ଉକ୍ତ କାର୍ଯ୍ୟକ୍ରମ ପହଞ୍ଚିଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ (ମାଇନ୍ସ) ଭି. ଶ୍ରୀକାନ୍ତ କହିଛନ୍ତି, ସ୍ଥାନୀୟ ଗୋଷ୍ଠୀଙ୍କୁ ନିରନ୍ତର ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ କମ୍ପାନୀର ଏଭଳି ଅନେକ କାର୍ଯ୍ୟକ୍ରମର ଡିଜାଇନ




କରାଯାଇଛି। ବିଶେଷକରି କୋରାପୁଟ ଓ ରାୟଗଡ଼ା ଜିଲାର ଶୀତ ପରିସ୍ଥିତିକୁ ଧ୍ୟାନରେ ରଖି ଆମେ ଆମର ଏହି ଶୀତ ପ୍ରସ୍ତୁତି ଅଭିଯାନ ଆରମ୍ଭ କରୁଛି। ଏହାଦ୍ୱାରା ଆମେ ବୃଦ୍ଧ ଓ ଅସହାୟ ଲୋକମାନଙ୍କୁ ଗରମ ପୋଷାକ ଓ ଶୀତବସ୍ତ୍ର ବଣ୍ଟନ କରିବାକୁ ଲକ୍ଷ୍ୟ ରଖିଛୁ। ସେହିପରି ସମାଜରେ ସାମୂହିକ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ବଜାୟ ରଖିବା ଲାଗି ଆମେ ଦୂର ଗ୍ରାମଗୁଡ଼ିକରେ ମୋବାଇଲ ସ୍ୱାସ୍ଥ୍ୟ ୟୁନିଟ୍, ଆମ୍ବୁଲାନ୍ସ ସେବା ଜରିଆରେ ବିଭିନ୍ନ ସ୍ୱାସ୍ଥ୍ୟ ଯତ୍ନ କାର୍ଯ୍ୟକ୍ରମ ପରିଚାଳନା କରୁଛୁ। ଅପରପକ୍ଷରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି କହିଥିଲେ, ଆମ ଅଞ୍ଚଳରେ ଅତ୍ୟଧିକ ଶୀତ ଅନୁଭୂତ ହୋଇଥାଏ। ବିଶେଷକରି ଗରିବ ଲୋକମାନେ ବହୁ କଷ୍ଟ ସହିଥାନ୍ତି। ଏଭଳି ସମୟରେ ଲୋକମାନଙ୍କୁ ସାହାଯ୍ୟ କରିବା ଓ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ବେଦାନ୍ତର ଏଭଳି ପ୍ରଚେଷ୍ଟାକୁ ମୁଁ ଧନ୍ୟବାଦ ଜଣାଉଛି। ଏହି ପରିପ୍ରେକ୍ଷୀରେ ଦଶମନ୍ତପୁର ବ୍ଲକ ଉପାଧ୍ୟକ୍ଷ ଅରୁଣ କୁମାର ଚେଟି, ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ସମେତ ମୁରାକାର ପଞ୍ଚାୟତ ସରପଞ୍ଚ ତଥା ପଞ୍ଚାୟତ ସମିତି ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଶାର ଦୃଢ଼ ଜବାବ

ଭୁବନେଶ୍ୱର, ୨୮।୧୨
(କ୍ରୀଡ଼ା ପ୍ରତିନିଧି)


ଓପନିଂ ପାର୍ଟନରଶିପ୍ ଅବସରରେ ଅନୁରାଗ ଷଡ଼ଙ୍ଗୀ ଓ ଶାନ୍ତନୁ ମିଶ୍ର।

## ରଣଜୀ ଟ୍ରଫି
### ଅନୁରାଗ, ଶାନ୍ତନୁଙ୍କ ଅର୍ଦ୍ଧଶତକ

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ହରିୟାଣାକୁ ଦୃଢ଼ ଜବାବ ଦେଇଛି ଘରୋଇ ଓଡ଼ିଶା। ହରିୟାଣାର ପ୍ରଥମ ଇନିଂସ ସ୍କୋର ୩୩୮ ରନ ଜବାବରେ ଓଡ଼ିଶା ବୁଧବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଓପନର ଅନୁରାଗ ଷଡ଼ଙ୍ଗୀ ଓ ଶାନ୍ତନୁ ମିଶ୍ରଙ୍କ ଅର୍ଦ୍ଧଶତକ ସହାୟତାରେ ୩ ଉଇକେଟ ହରାଇ ୨୦୪ ରନ ସଂଗ୍ରହ କରିଛି। ୭ ଉଇକେଟ ସୁରକ୍ଷିତ ଥିବାବେଳେ ଓଡ଼ିଶା ଆଉ ୧୩୪ ରନରେ ପଛୁଆ ରହିଛି। ଫଳରେ ଓଡ଼ିଶାର ପ୍ରଥମ ଇନିଂସ ଅଗ୍ରଣୀ ଆଶା ଉଜ୍ଜୀବିତ ହୋଇଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୦୬/୫ରୁ ଖେଳ ଆରମ୍ଭ କରିଥିବା ହରିୟାଣା ଦ୍ୱିତୀୟ ଦିବସରେ ଆଉ ୩୨ ରନଯୋଡ଼ି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ ଓ ପ୍ରୟାସ ସିଂ ଘାତକ ବୋଲିଂ କରି ହରିୟାଣାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶତକ ହାସଲକାରୀ ନିଶାନ୍ତ ସିନ୍ଧୁ ନିଜର ପୂର୍ବ ଦିନର ସ୍କୋର ୧୪୨ ରନରେ ଆଉଟ ହୋଇଥିବାବେଳେ ଅନ୍ତର୍ଜାତୀୟ ଖେଳାଳି ଜୟନ୍ତ ଯାଦବ ୪୧ ରନ କରିବାକୁ ସକ୍ଷମ ହୋଇଥିଲେ। ହରିୟାଣା ଦଳର ନେତୃତ୍ୱ ନେଉଥିବା ଟିମ୍ ଇଣ୍ଡିଆ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ମାତ୍ର ୨ ରନରେ ପ୍ୟାଭିଲିୟନ ପଠାଇଥିଲେ ପ୍ରୟାସ ସିଂ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ପ୍ରଧାନ ୨୫ ଓଭର ବୋଲିଂ କରି ୫ ମେଡେନ ନେବାସହ ୯୩ ରନ ବିନିମୟରେ ୬ ଉଇକେଟ ସଫଳତା ପାଇଥିଲେ। ନିଜର ପ୍ରଥମ ରଣଜୀ ମ୍ୟାଚରେ ପ୍ରୟାସ ୩ଟି ଉଇକେଟ ନେଇଥିଲେ। ସେ ୨୩ ଓଭର ବୋଲିଂ କରି ୩ଟି ମେଡେନ ନେଇ ୬୬ ରନ ବ୍ୟୟ କରିଥିଲେ। ଅନ୍ୟ ଉଇକେଟଟି ଗୋବିନ୍ଦ ପୋଦାରଙ୍କୁ ମିଳିଥିଲା।

ଓଡ଼ିଶାର ଆରମ୍ଭ ଭଲ ହୋଇଥିଲା। ଦୁଇ ଓପନର ଅନୁରାଗ ଓ ଶାନ୍ତନୁ ସତର୍କତାର ସହ ହରିୟାଣା ବୋଲରଙ୍କୁ ମୁକାବିଲା କରି ଶତକୀୟ ଭାଗୀଦାରି ଆଡ଼କୁ ଅଗ୍ରସର ହୋଇଥିଲେ। ତେବେ ୯୮ ରନ ଯୋଗ ହେବାପରେ ୩୭ତମ ଓଭରର ୫ମ ବଲ୍‌ରେ ଅନୁରାଗଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ହରିୟାଣାକୁ ବ୍ରେକ୍ ଥ୍ରୁ ଦେଇଥିଲେ ତାରକା ସ୍ପିନର ଚହଲ। ୧୨୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅରବିନ୍ଦ ୬୩ ରନ କରିଥିଲେ। ନିଜ ଇନିଂସରେ ସେ ୧୦ଟି ଚୌକା ଲଗାଇଥିଲେ। ୬ ରନ ବ୍ୟବଧାନରେ ଓଡ଼ିଶା ଦ୍ୱିତୀୟ ଉଇକେଟ ହରାଇଥିଲା। ରଣଜୀ ପଦାର୍ପଣ ମ୍ୟାଚ ଖେଳୁଥିବା ସ୍ୱସ୍ତିକ ସାମଲ ମାତ୍ର ୧ ରନ କରିଥିବାବେଳେ ଚହଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅନ୍ୟତମ ଓପନର ଶାନ୍ତନୁ ୬୦ ରନ କରିଥିବାବେଳେ ନିଶାନ୍ତ ସାନ୍ଧୁଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ସେ ନିଜ ଇନିଂସ ମଧ୍ୟରେ ୪ ଚୌକା ଓ ୧ ଛକା ମାରିଥିଲେ। ତେବେ ସେ ଆଉଟ ହେବା ପୂର୍ବରୁ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ସହ ମୂଲ୍ୟବାନ ୫୨ ରନର ପାର୍ଟନରଶିପ୍ ଗଢ଼ିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଶୁଭ୍ରାଂଶୁ ୪୨ ଓ ଯୁବ ବ୍ୟାଟର କାର୍ତ୍ତିକ ବିଶ୍ୱାଳ ୨୯ ରନରେ ଅପରାଜିତ ରହିଥିଲେ। ଦୁହେଁ ଅସମାପ୍ତ ୪ର୍ଥ ଉଇକେଟରେ ୯୭ ବଲ୍‌ରୁ ୪୮ ରନର ଭାଗୀଦାରି ଗଢ଼ି ଦଳକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ହରିୟାଣା ପକ୍ଷରୁ ଚହଲ ୨ଟି ଓ ସାନ୍ଧୁ ଗୋଟିଏ ଉଇକେଟ ପାଇଥିଲେ। ଓଡ଼ିଶା ଏବେ ଭଲ ସ୍ଥିତିରେ ଥିଲେ ମଧ୍ୟ ସକାଳବେଳା ଯେପରି ହରିୟାଣାର ବ୍ୟାଟିଂ ବିପର୍ଯ୍ୟୟ ହେଲା ସେଥିରୁ ଶିକ୍ଷାଲାଭ କରିବାକୁ ହେବ। ଦୁଇ ନିର୍ଭରଯୋଗ୍ୟ ବ୍ୟାଟର ଶୁଭ୍ରାଂଶୁ ଓ କାର୍ତ୍ତିକଙ୍କୁ ବଡ଼ ଇନିଂସ ଖେଳିବାକୁ ପଡ଼ିବ।

**ସଂକ୍ଷିପ୍ତ ସ୍କୋର**

ହରିୟାଣା ପ୍ରଥମ ଇନିଂସ: ୩୩୮/ଅଲ୍‌ଆଉଟ (ନିଶାନ୍ତ ସିନ୍ଧୁ-୧୪୨, ରୋହିତ ଶର୍ମା-୫୫, ସୂର୍ଯ୍ୟକାନ୍ତ ପ୍ରଧାନ-୬/୯୩, ପ୍ରୟାସ ସିଂ-୩/୬୬, ଗୋବିନ୍ଦ ପୋଦ୍ଦାର-୧/୪୩)। **ଓଡ଼ିଶା ପ୍ରଥମ ଇନିଂସ:** ୨୦୪/୩ (ଅନୁରାଗ ଷଡ଼ଙ୍ଗୀ-୬୩, ଶାନ୍ତନୁ ମିଶ୍ର-୬୦, ଶୁଭ୍ରାଂଶୁ ସେନାପତି-୪୨*, କାର୍ତ୍ତିକ ବିଶ୍ୱାଳ-୨୯*, ଯୁଜବେନ୍ଦ୍ର ଚହଲ-୨/୫୫, ନିଶାନ୍ତ ସିନ୍ଧୁ-୧/୧୯)।


**ସନ୍ତୋଷ ଟ୍ରଫି ଫୁଟ୍‌ବଲ:** ବୁଧବାର କ୍ୟାପିଟାଲ ଆରେନାରେ ଓଡ଼ିଶା ଓ ତେଲଙ୍ଗାନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଦକ୍ଷିଣ ଆଫ୍ରିକା ୩୭୧ ରନ୍ ପଛୁଆ

**ମେଲବୋର୍ନ, ୨୮।୧୨ (ପି.ଟି):** ଦକ୍ଷିଣ ଆଫ୍ରିକା ବିପକ୍ଷ ବକ୍ସିଂ ଡେ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି ଅଷ୍ଟ୍ରେଲିଆ। ଡେଭିଡ ୱାର୍ନରଙ୍କ ୨୦୦ ଓ ଆଲେକ୍ସ କେରୀଙ୍କ ପ୍ରଥମ ଟେଷ୍ଟ ଶତକ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୫୭୫/୮ ସଂଗ୍ରହ କରିବା ସହିତ ୩୮୬ ରନର ବିଶାଳ ଅଗ୍ରଣୀ ଲାଭ କରିଥିଲା। ତୃତୀୟ ଦିନର ଖେଳ ଶେଷ ହେବା ସୁଦ୍ଧା ଦକ୍ଷିଣ ଆଫ୍ରିକା ୧ ଉଇକେଟ ବିନିମୟରେ ୧୫ ରନ୍ କରିବା ସହିତ ୩୭୧ ରନ୍ ପଛରେ ରହିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୩୮୬/୩ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ୪୮ ରନରେ ଅପରାଜିତ ଥିବା ଟ୍ରାଭିସ୍ ହେଡ୍ ଆଉ ୩ ରନ୍ ଯୋଡି ପ୍ୟାଭିଲିୟନ୍ ଫେରିଥିବା ବେଳେ ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ ଆଲେକ୍ସ କେରୀ। ସେ ୧୪୯ ବଲ୍ ଖେଳି ୧୩ ଚୌକା ସହିତ ୧୧ ରନ୍ କରିଥିଲେ। ପୂର୍ବ ଦିନର ରିଟାୟର୍ଡ ହର୍ଟ ଖେଳାଳି କାମେରନ୍ ଗ୍ରୀନ୍ ମଧ୍ୟ ଅପରାଜିତ ୫୧ ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୮୯। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୪୫ ଓଭରରେ ୫୭୫/୮(ଘୋଷଣା) (ଡେଭିଡ୍ ୱାର୍ନର-୨୦୦ ରିଟାୟର୍ଡ, ଆଲେକ୍ସ କେରୀ-୧୧୧, ଷ୍ଟିଭେନ୍ ସ୍ମିଥ୍-୮୫, ଆନରିଚ୍ ନର୍ଜେ-୩/୯୨, କାଗିସୋ ରବାଡା-୨/୧୪୪, ମାର୍କୋ ଜାନସେନ୍-୧/୮୯)।

# ତେଲଙ୍ଗାନାଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୮।୧୨
(କ୍ରୀଡ଼ା ପ୍ରତିନିଧି)

## ସନ୍ତୋଷ ଟ୍ରଫି
### ମେଘାଳୟ, ସିକ୍କିମ ବିଜୟୀ

ଏଠାରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୁଧବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଓଡ଼ିଶା ପରାଜିତ ହୋଇଥିବାବେଳେ ତେଲଙ୍ଗାନା, ମେଘାଳୟ ଓ ସିକ୍କିମ ବିଜୟ ହାସଲ କରିଛି। କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୦-୧ ଗୋଲରେ ତେଲଙ୍ଗାନାଠାରୁ ହାରି ଯାଇଛି। ମ୍ୟାଚର ୨୯ତମ ମିନିଟରେ ସୋଲାଇମଲାଇନ୍ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଓଡ଼ିଶା ଦଳ ଅନେକ ଉଦ୍ୟମ କରିଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ବିପଜ୍ଜନକ ଖେଳ ପାଇଁ ଓଡ଼ିଶାର ବିଜୟ ବେହେରା ଓ ତେଲଙ୍ଗାନା ଗୋଲକିପର ଇଶାନ ସର୍କାରଙ୍କୁ ୟେଲୋ କାର୍ଡ ମିଳିଥିଲା। ଏହି ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ସିକ୍କିମ ୨-୧ ଗୋଲରେ ପଣ୍ଡିଚେରୀକୁ ପରାସ୍ତ କରିଛି। ବିଜୟୀ ଦଳର ଓନଗ ତିସେରିଙ୍ଗ ଲେପ୍‌ଚା ୨୦ ଓ ୩୩ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ପଣ୍ଡିଚେରୀର ଶ୍ରୀନାଥ ୬୬ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ। ୭ମ ବାଟାଲିୟନସ୍ଥିତ ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ମେଘାଳୟ ୯-୦ ଗୋଲରେ ଆଣ୍ଡାମାନ ଆଣ୍ଡ ନିକୋବରକୁ ପରାସ୍ତ କରିଛି। ମେଘାଳୟ ପକ୍ଷରୁ ୪୬ତମ ମିନିଟରେ ବଦଳ ଖେଳାଳିଭାବେ ଆସିଥିବା ଏଭରବ୍ରାଇଟସନ ସାନା ମିଲେମ୍ପଦା ୭୦, ୭୫ ଓ ୮୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଫିଗୋ ସିଣ୍ଡାଇ ୨୭ ଓ ୩୨ତମ ମିନିଟରେ ୨ଟି ଏବଂ ନିକେଲସନ ବିନା ୩ୱ, ଦାମୋନଲାଙ୍ଗ ପାଥ୍ୟୁ ୬୩, ଦାଜିଏଡଲାଙ୍ଗ ୱାନ୍ସନଙ୍ଗ ୮୭ ଓ ଦାମେହୁନ ସି ୯୦+୨ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚଟି ସମ୍ପୂର୍ଣ୍ଣ ଏକତରଫା ଭାବେ ଶେଷ ହୋଇଥିଲା।

# ନ୍ୟୁଜିଲାଣ୍ଡ ୩ ରନରେ ଆଗୁଆ

କରାଚୀ, ୨୮।୧୨

## ଲାଥାମ୍, ୱିଲିୟମସନ୍‌ଙ୍କ ଶତକ


କେନ୍ ୱିଲିୟମସନ

ପାକିସ୍ତାନ ବିପକ୍ଷ ଟେଷ୍ଟରେ ୩ ରନରେ ଆଗୁଆ ରହିଛି ନ୍ୟୁଜିଲାଣ୍ଡ। ତୃତୀୟ ଦିନର ଖେଳ ଶେଷ ହେବା ସୁଦ୍ଧା ନ୍ୟୁଜିଲାଣ୍ଡ ୬ ଉଇକେଟ ହରାଇ ୪୪୦ ରନ୍ ସଂଗ୍ରହ କରିଛି। ଟମ୍ ଲାଥାମ ୧୧୩ ରନ କରିଥିବା ବେଳେ କେନ୍ ୱିଲିୟମସନ୍ ୧୦୫ ରନରେ ଅପରାଜିତ ରହି ବ୍ୟାଟିଂ କରୁଛନ୍ତି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୬୫/୦ରୁ ଖେଳ ଆରମ୍ଭ କରି ୧୮୩ ରନରେ ପ୍ରଥମ ଉଇକେଟ ହରାଇଥିଲା। ଡେଭନ୍ କନୱେ ୯୨ ରନ୍ କରି ନର୍ଭସ ନାଇଣ୍ଟିଜର ଶିକାର ହୋଇଥିଲେ। ଟମ୍ ଲାଥାମ ୧୧୩ ରନ୍ କରି ଅବ୍ରାର ଅହମଦଙ୍କ ବଲରେ ଆଉଟ ହୋଇଥିଲେ। ପାକିସ୍ତାନ ପକ୍ଷରୁ ଅବ୍ରାର ଅହମଦ ୩ ଓ ନୌମାନ ଅଲୀ ଦୁଇ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ- ୪୩୭/୧୦। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୩୬ ଓଭରରେ ୪୪୦/୬ ( ଟମ ଲାଥାମ-୧୧୩, କେନ୍ ୱିଲିୟମସନ୍-୧୦୫*, ଡେଭନ୍ କନୱେ-୯୨, ଅବ୍ରାର ଅହମଦ- ୩/୧୪୩, ନୌମାନ ଅଲୀ-୨/୧୩୭, ମହମ୍ମଦ ୱାସିମ୍ ଜୁନିୟର- ୧/୮୧)।

# ଦଳକୁ ଫେରିଲେ ଭେଟେରାନ୍ ଶିଖା ପାଣ୍ଡେ


ଶିଖା ପାଣ୍ଡେ

ନୂଆଦିଲ୍ଲୀ, ୨୮।୧୨

## ୨୦୨୩ ମହିଳା ଟି୨୦ ବିଶ୍ୱକପ

ବୁଧବାର ମହିଳା ଟି୨୦ ବିଶ୍ୱକପ ଓ ଦକ୍ଷିଣ ଆଫ୍ରିକା ତ୍ରିରାଷ୍ଟ୍ରୀୟ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଘୋଷଣା କରାଯାଇଥିବା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଭେଟେରାନ ଶିଖା ପାଣ୍ଡେ। ଭାରତର ଏହି ବରିଷ୍ଠ ବୋଲର ଶେଷଥର ପାଇଁ ଅଷ୍ଟ୍ରେଲିଆ ବିପକ୍ଷରେ ଅକ୍ଟୋବର ୨୦୨୧ରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲ। ତେବେ ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ ସହିତ ବର୍ଷେ ପରେ ପ୍ରତ୍ୟାବର୍ତ୍ତନ କରଛନ୍ତି। ଶିଖାଙ୍କ ସହିତ ରେଣୁକା ସିଂ, ପୂଜା ବସ୍ତ୍ରକାର ଓ ବାମହାତୀ ଅଞ୍ଜଳି ଶର୍ଭାଣୀଙ୍କୁ ପେସ୍ ବୋଲର ଭାବରେ ଦଳରେ ସାମିଲ କରାଯାଇଛି। ସିନିୟର ମହିଳା ଦିନିକିଆ ଟ୍ରଫିରେ ଗୋଆର ନେତୃତ୍ୱ ନେଉଥିବା ଶିଖା ୭ ମ୍ୟାଚରୁ ୧୧ ଉଇକେଟ ନେଇଥିବା ବେଳେ ଆନ୍ତଃ ଜୋନାଲ ଟୁର୍ନାମେଣ୍ଟରେ ୩ ମ୍ୟାଚରୁ ୫ ଉଇକେଟ ନେଇଥିଲେ। ଉଭୟ ଟୁର୍ନାମେଣ୍ଟରେ ତାଙ୍କର ଇକୋନୋମୀ ୪ ରହିଥିଲା।

**ବିଶ୍ୱକପ ପାଇଁ ଭାରତୀୟ ଦଳ:** ହରମନ୍‌ପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମାନ୍ଧନା, ଶେଫାଳି ବର୍ମା, ଯଷ୍ଟିକା ଭାଟିଆ, ରିଚା ଘୋଷ, ଜେମିମା ରୋଡ୍ରିଗ୍ସେଜ୍, ହରଲିନ୍ ଦେଓଲ୍, ଦୀପ୍ତି ଶର୍ମା, ଦେବିକା ବୈଦ୍ୟ, ରାଧା ଯାଦବ, ରେଣୁକା ଠାକୁର, ଅଞ୍ଜଳି ଶର୍ଭାଣୀ, ପୂଜା ବସ୍ତ୍ରକାର, ରାଜେଶ୍ୱରୀ ଗାଏକ୍ୱାଡ, ଶିଖା ପାଣ୍ଡେ। ଅତିରିକ୍ତ ଖେଳାଳି: ମେଘନା ସିଂ, ସ୍ନେହ ରାଣା ଓ ସବିନ୍ନେନୀ ମେଘନା।

**ଦକ୍ଷିଣ ଆଫ୍ରିକା ତ୍ରିରାଷ୍ଟ୍ରୀୟ ସିରିଜ ଭାରତୀୟ ଦଳ:** ହରମନ୍‌ପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମାନ୍ଧନା, ଯଷ୍ଟିକା ଭାଟିଆ, ଜେମିମା ରୋଡ୍ରିଗ୍ସେଜ୍, ହରଲିନ୍ ଦେଓଲ୍, ଦୀପ୍ତି ଶର୍ମା, ଦେବିକା ବୈଦ୍ୟ, ରାଜେଶ୍ୱରୀ ଗାଏକ୍ୱାଡ, ରାଧା ଯାଦବ, ରେଣୁକା ଠାକୁର, ମେଘନା ସିଂ, ଅଞ୍ଜଳି ଶର୍ଭାଣୀ, ସୁଷମା ବର୍ମା, ଅମନଜୋତ କୌର୍, ପୂଜା ବସ୍ତ୍ରକାର,ସ୍ନେହ ରାଣା ଓ ସବିନ୍ନେନୀ ମେଘନା ଓ ଶିଖା ପାଣ୍ଡେ।

# ଶ୍ରୀଲଙ୍କା ଦଳକୁ ଫେରିଲେ ଅଭିଷ୍କା ଫର୍ନାଣ୍ଡୋ

**କଲମ୍ବୋ, ୨୮।୧୨ (ପି.ଟି):** ଭାରତ ବିପକ୍ଷ ସୀମିତ ଓଭର ସିରିଜ ପାଇଁ ୨୦ ଜଣିଆ ଦଳ ଘୋଷଣା କରିଛି ଶ୍ରୀଲଙ୍କା କ୍ରିକେଟ ବୋର୍ଡ। ଜାନୁୟାରୀ ୩ରୁ ଆରମ୍ଭ ହେବାକୁ ଥିବା ଏହି ଶୃଙ୍ଖଳା ପାଇଁ ଘୋଷିତ ଦଳକୁ ଫେରିଛନ୍ତି ଅଭିଷ୍କା ଫର୍ନାଣ୍ଡୋ। ଶେଷ ଥର ପାଇଁ ଫେବୃୟାରୀରେ ସେ ଶ୍ରୀଲଙ୍କା ପକ୍ଷରୁ ଖେଳିଥିଲେ। ଲଙ୍କା ପ୍ରିମିୟର ଲିଗ୍(ଏଲ୍‌ପିଏଲ)ରେ ଭଲ ପ୍ରଦର୍ଶନ କାରଣରୁ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଲ୍‌ପିଏଲରେ ଭଲ ପ୍ରଦର୍ଶନ କରିଥିବା ସାଦିରା ସମରୱିକ୍ରମା ଏବଂ ଚାମିକା କରୁଣାରତ୍ନେଙ୍କୁ ଦଳରେ ସ୍ଥାନ ମିଳିଛି। ଏହି ଗସ୍ତରେ ଶ୍ରୀଲଙ୍କା ଦଳ ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ ଖେଳିବ।

**ଶ୍ରୀଲଙ୍କା ଦଳ**

ଦାସୁନ୍ ଶନକା (ଅଧିନାୟକ) , ପାଥୁମ୍ ନିଶଙ୍କା, ଅଭିଷ୍କା ଫର୍ନାଣ୍ଡୋ, ସାଦିରା ସମରୱିକ୍ରମା, କୁଶାଲ ମେଣ୍ଡିସ୍, ଚରିଥ୍ ଅସଲଙ୍କା, ଭାନୁକା ରାଜପାକ୍‌ସେ(ଟି୨୦), ଆଶେନ୍ ବନ୍ଦାରା, ୱାନିନ୍ଦୁ ହସରଙ୍ଗା, ଧନଞ୍ଜୟ ଡି ସିଲଭା, ମହୀଷ ଥିକ୍‌ସାନା, ଜେଫେରୀ ଭାଣ୍ଡରସେ(ଦିନିକିଆ), ଚାମିକା କରୁଣାରତ୍ନେ, ଦିଲଶାନ ମଦୁଶଙ୍କା, କସୁନ ରଜିଥା, ଦୁନିଥ ୱେଲାଲଗେ, ନୁୱାନିଡୁ ଫର୍ନାଣ୍ଡୋ(ଦିନିକିଆ), ପ୍ରମୋଦ ମଦୁଶନ, ଲାହିରୁ କୁମାରା, ନୁଆନ୍ ଥୁସାରା(ଟି୨୦)।

# ପୁରସ୍କାର ରାଶି ଘୋଷଣାକଲା ହକି ଇଣ୍ଡିଆ

ଭୁବନେଶ୍ୱର, ୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

## ହକି ବିଶ୍ୱକପ୍




### ଆଉ ୧୫ ଦିନ

ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଖେଳାଳିଙ୍କ ମନୋବଳ ବଢ଼ାଇବା ପାଇଁ ପଦକ୍ଷେପ ନେଇଛି ହକି ଇଣ୍ଡିଆ। ଭାରତ ଯଦି ବିଶ୍ୱକପ୍‌ର ଏହି ସଂସ୍କରଣରେ ଚାମ୍ପିୟନ ହୁଏ ତେବେ ଦଳର ସମସ୍ତ ଖେଳାଳି ଏବଂ ସପୋର୍ଟ ଷ୍ଟାଫଙ୍କ ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଛି। ଭାରତୀୟ ହକି ଦଳ ବିଶ୍ୱକପ୍‌ରେ ସମୁଦାୟ ୩ଟି ପଦକ ହାସଲ କରିଛି। ୧୯୭୧ ଓ ୧୯୭୩ ସଂସ୍କରଣରେ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ମାଲେସିଆରେ ଅନୁଷ୍ଠିତ ୧୯୭୫ ସଂସ୍କରଣରେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ପାକିସ୍ତାନକୁ ପରାସ୍ତ କରି ଅଜିତ ପାଲ୍ ସିଂଙ୍କ ନେତୃତ୍ୱରେ ଭାରତ ଏହି ସଫଳତା ହାସଲ କରିଥିବା ବେଳେ ଏହା ପରଠାରୁ ଦଳ ଖାଲି ହାତରେ ଫେରିଛି। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଭାରତରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜିତ ହେଉଥିବା ବେଳେ ହୃତଗୌରବ ଫେରାଇ ଆଣିବାକୁ ପ୍ରୟାସ କରିବ ହରମନ୍‌ପ୍ରୀତ ସିଂଙ୍କ ଭାରତୀୟ ଦଳ। ବିଶ୍ୱର ୧୫ ଶକ୍ତିଶାଳୀ ଦଳଙ୍କ ମଧ୍ୟରେ ପୋଡିୟମ ଫିନିଶ ଭାରତ ପାଇଁ ଅତ୍ୟନ୍ତ କଷ୍ଟକର ବ୍ୟାପାର ରହିବ। ଭାରତୀୟ ଦଳର ମନୋବଳ ବୃଦ୍ଧି କରିବା ପାଇଁ ଏହି ପୁରସ୍କାର ରାଶି ଘୋଷଣା କରାଯାଇଥିବା ପ୍ରକାଶ କରିଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ। ୨୪ ଡିସେମ୍ବରରେ ହକି ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ଯଦି ଚଳିତ ସଂସ୍କରଣରେ ସ୍ୱର୍ଣ୍ଣ ବିଜୟୀ ହୁଏ ତେବେ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୨୫ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ରୌପ୍ୟ ପଦକ ହାସଲ କଲେ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧୫ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ୩ ଲକ୍ଷ ଟଙ୍କାର ପୁରସ୍କାର ଓ ବ୍ରୋଞ୍ଜ ପଦକ ପାଇଁ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ୨ ଲକ୍ଷ ଟଙ୍କାର ପୁରସ୍କାର ବ୍ୟବସ୍ଥା ରଖାଯାଇଛି। ଚଳିତ ବିଶ୍ୱକପ୍‌ରେ ଭାରତ ପୁଲ୍ ଡି'ରେ ସ୍ଥାନ ପାଇଛି। କଷ୍ଟସାଧ୍ୟ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଭାରତ ସହିତ ସ୍ପେନ୍, ଇଂଲଣ୍ଡ ଓ ୱେଲ୍ସ ମଧ୍ୟ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ସ୍ପେନ ବିପକ୍ଷରେ ଜାନୁୟାରୀ ୧୩ ତାରିଖରେ ନିଜର ଅଭିଯାନ ଆରମ୍ଭ କରିବ ଭାରତ। ୧୫ ତାରିଖରେ ସମାନ ଷ୍ଟାଡିୟମରେ ଇଂଲଣ୍ଡ ସହିତ ମ୍ୟାଚ୍ ଖେଳିବା ପରେ କଳିଙ୍ଗ ଷ୍ଟାଡିୟମରେ ୧୯ ତାରିଖରେ ଏହାର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଖେଳିବ।


ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ବୁଧବାର ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପରିସରରେ ମକ୍‌ଡ୍ରିଲ।

# ଇମର୍ଜିଂ ପ୍ଲେୟର ଦୌଡ଼ରେ ଅର୍ଶଦୀପ, ରେଣୁକା, ଯଷ୍ଟିକା

ଦୁବାଇ, ୨୮।୧୨ (ପି.ଟି)


ଅର୍ଶଦୀପ ସିଂ

ଆଇସିସି ଉଦୀୟମାନ ଖେଳାଳି (ଇମର୍ଜିଂ ପ୍ଲେୟର) ଦୌଡରେ ସାମିଲ ହୋଇଛନ୍ତି ଭାରତର ଅର୍ଶଦୀପ ସିଂ, ରେଣୁକା ସିଂ ଓ ଯଷ୍ଟିକା ଭାଟିଆ। ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ୍, ନ୍ୟୁଜିଲାଣ୍ଡର ଫିନ୍ ଆଲେନ୍ ଏବଂ ଆଫଗାନିସ୍ତାନର ଇବ୍ରାହିମ୍ ଜାଦ୍ରାନଙ୍କ ସହିତ ସେ ବୁଧବାର ଏହି ଦୌଡରେ ସାମିଲ ହୋଇଛନ୍ତି। ଜାନୁୟାରୀ ମାସ ଠାରୁ ଇମର୍ଜିଂ ପ୍ଲେୟର ପାଇଁ ଭୋଟିଂ ଆରମ୍ଭ ହେବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଅନ୍ତର୍ଜାତୀୟ ପଦାର୍ପଣର ୬ ମାସ ମଧ୍ୟରେ ଅର୍ଶଦୀପ ଏହି ଦୌଡରେ ସାମିଲ ହୋଇଛନ୍ତି। ଚମତ୍କାର ଆଇପିଏଲ ପ୍ରଦର୍ଶନ ପରେ ତାଙ୍କୁ ଭାରତୀୟ ଦଳକୁ ଡାକରା ମିଳିଥିବା ବେଳେ ୧୮.୧୨ ହାରରେ ସେ ୨୧ ମ୍ୟାଚରୁ ୩୩ ଉଇକେଟ ଅକ୍ତିଆର କରିଛନ୍ତି। ଉଭୟ ନୂଆ ଏବଂ ପୁରୁଣା ବଲରେ ଉଇକେଟ ନେବାରେ ସେ ସିଦ୍ଧହସ୍ତ। ୨୩ ବର୍ଷୀୟ ଅର୍ଶଦୀପ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଦିନିକିଆ ପଦାର୍ପଣ କରିଥିଲେ। ୬ ମାସର ଛୋଟ କ୍ୟାରିୟର ମଧ୍ୟରେ ସେ ସମସ୍ତଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି। ଏହା ମଧ୍ୟରେ ସେ ଅନେକ ସ୍ମରଣୀୟ ପ୍ରଦର୍ଶନ ମଧ୍ୟ କରିଛନ୍ତି। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ପାକିସ୍ତାନ ବିପକ୍ଷ ପ୍ରଦର୍ଶନ ଏହାର ଏକ ଉଦାହରଣ। ଏହି ମ୍ୟାଚରେ ସେ ପ୍ରଥମ ବଲରେ ବାବର ଆଜମ୍ ଓ ପରବର୍ତ୍ତୀ ଓଭରରେ ମହମ୍ମଦ ରିଜୱାନଙ୍କ ଉଇକେଟ ହାସଲ କରିବା ସହିତ ୩୨ ରନରେ ୩ ଉଇକେଟ ଅକ୍ତିଆର କରିବା ସହିତ ଇମର୍ଜିଂ ପ୍ଲେୟାର ଦାବିଦାରକୁ ଦୃଢ଼ କରିଥିଲେ। ମହିଳା ବର୍ଗରେ ଭାରତ ପକ୍ଷରୁ ଯଷ୍ଟିକା ଭାଟିଆ ଓ ରେଣୁକା ସିଂଙ୍କୁ ଇମର୍ଜିଂ ପ୍ଲେୟର ଭାବରେ ଚୟନ କରାଯାଇଛି। ଏହି ତାଲିକାରେ ଅଷ୍ଟ୍ରେଲିଆର ଡାର୍ସି ବ୍ରାଉନ ଓ ଇଂଲଣ୍ଡର ଆଲିସ୍ କାପ୍‌ସେ ରହିଛନ୍ତି। ରେଣୁକା ୨୯ ମ୍ୟାଚରୁ ୪୦ ଉଇକେଟ ଅକ୍ତିଆର କରିଛନ୍ତି। ରାଜ୍ୟଗୋଷ୍ଠୀ ଓ ଏସିଆ କପ୍‌ରୁ ସେ ମିଳିତ ଭାବରେ ୧୭ ଉଇକେଟ ମଧ୍ୟ ନେଇଥିଲେ। ୨୨ ବର୍ଷୀୟ ଯଷ୍ଟିକା ବିଶ୍ୱକପ୍‌ରେ ପଦାର୍ପଣ କରିଥିବା ବେଳେ ଦୁଇଟି ମ୍ୟାଚରେ ଯଥାକ୍ରମେ ୪୧ ଓ ୩୧ ରନ୍ କରିଥିଲେ। ସେ ଦିନିକିଆରେ ୩୭୬ ରନ୍ କରିଥିବା ବେଳେ ତାଙ୍କର ଆଭରେଜ୍ ୨୫.୦୯ ଓ ଷ୍ଟ୍ରାଇକ୍ ରେଟ୍ ୭୩.୨୯ ରହିଛି।

ଶେଷ ପାଦରେ ଉପନୀତ ୨୦୨୨। ଏ ବର୍ଷ ମନୋରଞ୍ଜନ ଜଗତରେ ଘଟିଥିବା ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା..

# ପରଦା



## ବଲିଉଡ-ହଲିଉଡ୍

- ହିନ୍ଦୀ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଆଶା ପାରେଖଙ୍କୁ ସମ୍ମାନଜନକ 'ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି। ସେ ପ୍ରାୟ ୮୫ଟି ସିନେମାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଥିଲେ।
- ଏବର୍ଷ ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଚଳିତ ବର୍ଷ ଶ୍ରେଷ୍ଠ ଫିଲ୍ମ ଭାବରେ 'ସୁରାରାଇ ପୋଟ୍ରୁ' (ତାମିଲ)କୁ ପୁରସ୍କୃତ କରାଯାଇଥିବା ବେଳେ ସୁରିୟା (ସୁରାରାଇ ପୋଟ୍ରୁ) ଏବଂ ଅଜୟ ଦେବଗନ (ତାନାଜୀ)(ଶ୍ରେଷ୍ଠ ଅଭିନେତା), ଅପର୍ଣ୍ଣା ବାଲାମୁରଲୀ (ସୁରାରାଇ ପୋଟ୍ରୁ) (ଶ୍ରେଷ୍ଠ ଅଭିନେତ୍ରୀ), ଏ.କେ. ଆୟାପ୍ପାନମ କୋସିୟମ୍ (ଶ୍ରେଷ୍ଠ ନିର୍ଦ୍ଦେଶକ) ପୁରସ୍କୃତ ହୋଇଛନ୍ତି।
- ପ୍ରେମିକ ସୁରଜ ନାମ୍ବିୟାରଙ୍କୁ ବିବାହ କଲେ ମୌନି ରୟ।
- ବିଶିଷ୍ଟ କଥକ ନୃତ୍ୟଶିଳ୍ପୀ ବିରଜୁ ମହାରାଜଙ୍କ ପରଲୋକ।
- ପୌରାଣିକ ଧାରାବାହିକ 'ମହାଭାରତ'ରେ ଭୀମ ଭୂମିକାରେ ଅଭିନୟ କରିଥିବା ପ୍ରବୀଣ କୁମାର ଆରପାରିରେ।




- ସଙ୍ଗୀତ ଜଗତର ଲୋକପ୍ରିୟ ଗାୟିକା ତଥା କୋକିଳକଣ୍ଠୀ ଲତା ମଙ୍ଗେସକରଙ୍କ ପରଲୋକ।
- ପରପାରିରେ ବଲିଉଡର ଡିସ୍କୋ କିଙ୍ଗ୍ ଭାବେ ପରିଚିତ ବାପି ଲାହିରି।
- ଗାୟକ କେକେଙ୍କର ହୃଦ୍‌ଘାତରେ ପରଲୋକ।
- ଆରପାରିରେ ବିଶିଷ୍ଟ ଗଜଲ ଗାୟକ ଭୂପିନ୍ଦର ସିଂ।
- 'ସୌତନ', 'ଚାନ୍ଦ କା ଟୁକୁଡ଼ା' ଏବଂ 'ସନମ ବେଓ୍ୱଫା' ପରି ସିନେମାର ନିର୍ଦ୍ଦେଶକ ସାଓ୍ୱନ କୁମାରଙ୍କ ପରଲୋକ।
- ବିଶିଷ୍ଟ ଷ୍ଟାଣ୍ଡ ଅପ କମେଡିଆନ୍ ରାଜୁ ଶ୍ରୀବାସ୍ତବଙ୍କ ପରଲୋକ।
- ଅଭିନେତା ବିକ୍ରମ ଗୋଖଲେଙ୍କ ଦେହାନ୍ତ।
- ଚଳିତ ବର୍ଷ ୯୪ତମ ଓସ୍କାରରେ ଶ୍ରେଷ୍ଠ ଫିଲ୍ମ 'କୋଡା', ଶ୍ରେଷ୍ଠ ଅଭିନେତା ଇଉଲ ସ୍ମିଥ (କିଙ୍ଗ ରିଚାର୍ଡ), ଶ୍ରେଷ୍ଠ ଅଭିନେତ୍ରୀ ଜେସିକା ଚାଷ୍ଟେନ୍, (ଦ ଆଏଜ ଅଫ୍ ଟାମିଫାଏ), ଶ୍ରେଷ୍ଠ ନିର୍ଦ୍ଦେଶକ ଜାନେ କ୍ୟାମ୍ପିୟନ (ଦ ପାଓ୍ୱାର ଅଫ୍ ଦ ଡଗ୍) ପୁରସ୍କୃତ।


ଉଇଲ ସ୍ମିଥ

## ପରଲୋକରେ

ଚଳିତ ବର୍ଷ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର ଆରପାରିକୁ ଚାଲିଯାଇଥିଲେ। ଲୋକପ୍ରିୟ କଳାକାର ମିହିର ଦାସଙ୍କ ବିୟୋଗ ଘଟିଥିଲା ଏବର୍ଷ। ରାଇମୋହନ ପରିଡ଼ାଙ୍କ ଆକସ୍ମିକ ପରଲୋକ ମଧ୍ୟ ହୋଇଥିଲା। ବିଶିଷ୍ଟ ଅଭିନେତ୍ରୀ ତଥା ଆକାଶବାଣୀର କଳାକାର ଝରଣା ଦାସଙ୍କର ବିୟୋଗ ଏ ବର୍ଷ ଘଟିଛି। ଏମାନଙ୍କ ବ୍ୟତୀତ ବିଶିଷ୍ଟ କଣ୍ଠଶିଳ୍ପୀ ନିର୍ମଳା ମିଶ୍ର, ନିର୍ଦ୍ଦେଶକ ସୁଶାନ୍ତ ରାଉତ, ପ୍ରଯୋଜକ ରାବି ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ସରୋଜ ପଟ୍ଟନାୟକ, ନିର୍ଦ୍ଦେଶକ ରୁଦ୍ର ନାରାୟଣ ମହାନ୍ତି, ଅଭିନେତା ବିରାଜ ଦାସ, ଅଭିନେତା ନିଶି କର, ପ୍ରଯୋଜକ ରାଧାନାଥ ଭଞ୍ଜ, ଗୀତିକାର ନିମାଇଁ ମହାନ୍ତି, ଅଭିନେତା ପ୍ରିୟ ସୁନ୍ଦର ମିଶ୍ର, ବିଶିଷ୍ଟ ସଙ୍ଗୀତଜ୍ଞ ଲତା ଘୋଷ ଏବଂ ଟେଲି ଅଭିନେତ୍ରୀ ତିଳୋତ୍ତମା ଖୁଣ୍ଟିଆଙ୍କର ବିୟୋଗ ଚଳିତବର୍ଷ ଘଟିଛି।

**ବିବାହ ବନ୍ଧନ**

ହାସ୍ୟାଭିନେତା ପ୍ରଜ୍ଞା ଖଟୁଆ, ଅଭିନେତ୍ରୀ ରିୟା ଏବଂ ଉପସ୍ଥାପକ-ଅଭିନେତା-ନିର୍ଦ୍ଦେଶକ ଅଶ୍ୱିନୀ ମଧ୍ୟ ଏବର୍ଷ ଘର ସଂସାର କରିଛନ୍ତି।

## ଓସ୍କାରରେ 'ନାଟୁ ନାଟୁ'

ଏସ୍.ଏସ୍. ରାଜମୌଳିଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ଆର୍‌ଆର୍‌ଆର୍'ର ଦର୍ଶକାଦୃତ 'ନାଟୁ ନାଟୁ' ଗୀତକୁ ଓସ୍କାର ପୁରସ୍କାର-୨୦୨୩ ଅରିଜିନାଲ ସଙ୍ଗ୍ କ୍ୟାଟେଗୋରିରେ ସାମିଲ କରାଯାଇଛି।

## ରଣବୀର-ଆଲିୟା ବିବାହ ବନ୍ଧନ

ଚର୍ଚ୍ଚିତ ପ୍ରେମୀ ଯୁଗଳ ରଣବୀର କପୁର-ଆଲିୟା ଭଟ୍ଟ ବିବାହ ବନ୍ଧନରେ ଆବଦ୍ଧ। ଇତିମଧ୍ୟରେ ଦୁହେଁ କନ୍ୟା ସନ୍ତାନ ଲାଭ କରିଛନ୍ତି।


ଆଲିୟା-ରଣବୀର


ଆଶା ପାରେଖ


ଅଜୟ ଦେବଗନ-ସୁରିୟା


ରାମଚରଣ ତେଜା-ଜୁନିୟର ଏନଟିଆର

## ଚର୍ଚ୍ଚାରେ 'ଦମନ'

ଜଣେ ଡାକ୍ତରଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ଦମନ'କୁ ଏବର୍ଷ ମିଳିଛି ଆଶାତୀତ ସଫଳତା। ଗତ କିଛି ବର୍ଷ ଧରି ଓଡ଼ିଆ ସିନେମା ଅବସ୍ଥା ଯାହା ଥିଲା ଏହି ଫିଲ୍ମର ସଫଳତା ପରେ ଦର୍ଶକ ପୁଣି ଥରେ ପ୍ରେକ୍ଷାଳୟମୁହାଁ ହେବାର ଆଶା ଆହୁରି ଉଜ୍ଜୀବିତ ହୋଇଛି। ଖାସ୍ କଥା ହେଲା ଏହାକୁ ହିନ୍ଦୀ ଏବଂ ଅନ୍ୟ ପ୍ରାନ୍ତୀୟ ଭାଷାରେ ନିର୍ମାଣ କରିବାକୁ ଯାଉଛନ୍ତି ଏହାର ପ୍ରଯୋଜକ ଦୀପେନ୍ଦ୍ର ସାମଲ। ଏହି ଫିଲ୍ମରେ ଡାକ୍ତର ଭୂମିକାରେ ଅଭିନୟ କରିଛନ୍ତି ବାବୁସାନ୍। ଦୁର୍ଗମ ଅଞ୍ଚଳରେ କେତେକ ରୋଗକୁ ନେଇ ସେଠାକାର ଲୋକଙ୍କ ମନରେ ଭିନ୍ନ ଭିନ୍ନ ଅନ୍ଧବିଶ୍ୱାସ ରହିଛି। ସେଠାକାର ଅବସ୍ଥା ଦେଖି ଅକ୍ଲାନ୍ତ ପରିଶ୍ରମ ବଳରେ ସେହି ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କରିବାରେ ଏହି ଡାକ୍ତର କିପରି ସକ୍ଷମ ହେଉଛନ୍ତି ତାହା ୧୨୧ ମିନିଟ୍ ଅବଧି ବିଶିଷ୍ଟ ଏହି ସିନେମାରେ ଦେଖିବାକୁ ମିଳିଛି। ଉକ୍ତ ଫିଲ୍ମର କାହାଣୀ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ଦେବୀ ପ୍ରସାଦ ଲେଙ୍କା ଏବଂ ବିଶାଳ ମୌର୍ଯ୍ୟ। ରାଜ୍ୟ ସରକାର ଏହି ଫିଲ୍ମଟିକୁ ଟ୍ୟାକ୍ସ ଫ୍ରି ଘୋଷଣା କରିଛନ୍ତି।


ଚଳଚ୍ଚିତ୍ର 'ଦମନ'ର ଏକ ଦୃଶ୍ୟ

## ନବାଗତଙ୍କ ଲମ୍ବା ଲାଇନ୍

ଚଳିତ ବର୍ଷର ନବାଗତ ଅଭିନେତା-ଅଭିନେତ୍ରୀମାନଙ୍କ ମଧ୍ୟରେ ଅଛନ୍ତି ରାକେଶ (ମନ ମୋର କାଗଜ ଗୁଡ଼ି), ଅର୍ଚ୍ଚିତା (ଭାବେ ସିନା କହି ପାରେନା), ଡା. ଅନୁରାଧା ପାଣିଗ୍ରାହୀ (ଦିଲ୍‌ରେ ଅଛି ତୋରି ନାଁ), ରାଜ୍ ଏବଂ ରୁଷୀୟ ଅଭିନେତ୍ରୀ ସାସା (ବାଏ ବାଏ ଦିଲ୍) ଏବଂ ଶ୍ରେୟାନ୍-ଉପାସନା ଭଦ୍ର (ତୁମ୍ଭେ କି ସେତ ପାଣିରେ ବୁଡ଼ିବ ନାହିଁ କି)। ନବାଗତ ପ୍ରମୁଖ ପ୍ରଯୋଜକମାନଙ୍କ ମଧ୍ୟରେ ଅଛନ୍ତି ଶିବିର ପରିଡା-ବିବେକାନନ୍ଦ ବାରିକ (ମନ ମୋର କାଗଜ ଗୁଡି), ସୁରେନ୍ଦ୍ର ନାରାୟଣ-ନବନୀତା ମିଶ୍ର (ପ୍ରେମ ଏଟିଏମ୍), ଶିଶିର କୁମାର ଷଡ଼ଙ୍ଗୀ (ପ୍ରେମମ୍), ଦିବ୍ଯୁ ଶେଖର ଗୌଡ଼ (ବିଶ୍ୱନାଥ), ବାପୁନୀ କୁମାର-ଛବିତା ମାର୍ଥା (ଦିଲ୍ ମୋର ମାନେନା), ନିରଞ୍ଜନ ନାୟକ (ବିଦ୍ୟାରାଣ), ଜୟଲକ୍ଷ୍ମୀ ମିଶ୍ର ( ବାଏ ବାଏ ଦିଲ୍), ଝିଲିକ ଭଟ୍ଟାଚାର୍ଯ୍ୟ (କିସମିସ୍), ଉପାସନା ଭଦ୍ର (ତୁମ୍ଭେ କି ସେତ ପାଣିରେ ବୁଡ଼ିବ ନାହିଁ କି), ସଞ୍ଜୟ ପାତ୍ର-ଉମେଶ ସାହୁ (ପ୍ରେମରେ ରିସ୍କ ହେଲା ମୋତେ ଇସ୍କ) ଏବଂ ଦୀପେନ୍ଦ୍ର ସାମଲ (ଦମନ)। ନବାଗତ ନିର୍ଦ୍ଦେଶକମାନେ ହେଲେ ଦେବଜ୍ୟୋତି ପାତ୍ର (ମନ ମୋର କାଗଜ ଗୁଡ଼ି), ଚନ୍ଦନ ଜାନା (ଲଭ୍ ଫିଭର), ଅସୀତ ପତି (ଭାବେ ସିନା କହି ପାରେନା), ବବଲି କିରନ୍ (ବିଶ୍ୱନାଥ), ଗିରିଶ ମହାନ୍ତି (ତୁମ୍ଭେ କି ସେତ ପାଣିରେ ବୁଡ଼ିବ ନାହିଁ କି), ସୁରେଶ ପଟ୍ଟନାୟକ (ତୃଷ୍ଣା), ରମାଶଙ୍କର (ଓୟେ ଅଞ୍ଜଳି) ଏବଂ ଦେବୀ ପ୍ରସାଦ ଲେଙ୍କା-ବିଶାଳ ମୌର୍ଯ୍ୟ (ଦମନ)।


ସାସା

## ବଢୁଛି ସଂଖ୍ୟା

ଚଳିତ ବର୍ଷ ମୋଟ ୩୨ଟି ସିନେମା ପରଦା ଉପରକୁ ଆସିଛି। ସେହି ଚିତ୍ରଗୁଡ଼ିକ ହେଲା- 'ମନ ମୋର କାଗଜ ଗୁଡ଼ି'(ରାକେଶ,ଭୂମିକା),'ମିଷ୍ଟର କନ୍ହେୟା' (ପପୁ ପମ୍‌ପମ୍, ଝିଲିକ୍), 'ଲଭ୍ ଫିଭର' (ରାଜବୀର, ବନ୍ଦନା), 'ଆଉ ଗୋଟେ ଲଭ୍ ଷ୍ଟୋରି' (ଜ୍ୟୋତି, ଭୂମିକା),'ଦୃଷ୍ଟିକୋଣ',(ଏଲିନା ପ୍ରିୟଦର୍ଶିନୀ,ଶୁଭଶ୍ରୀ ସାମନ୍ତରାୟ), 'ପ୍ରେମ ଏଟିଏମ୍' (ପ୍ରଦୀପ ଦତ୍ତା, ଦିବ୍ୟାଦିଶା ମହାନ୍ତି), 'ଭାବେ ସିନା କହି ପାରେନା' (ଅଭିଷେକ ରଥ, ଅର୍ଚ୍ଚିତା), 'ପ୍ରେମମ୍' (ବାବୁସାନ୍, ପ୍ରକୃତି ମିଶ୍ର), 'ଗୁପ୍‌ଚୁପ୍' (ଅମ୍ଲାନ, ଅନନ୍ୟା), 'ଦିଲ୍ ମୋର ମାନେନା' (ସ୍ୱରାଜ, ଶିବାନୀ), 'ବିଶ୍ୱନାଥ' (ସମ୍ପିତ, ସମ୍ଭାବନା), 'ବିଦ୍ୟାରାଣ' (ବାବୁସାନ୍, ଶିବାନୀ), 'ଲାଗେ ପ୍ରେମ ନଜର' (ଅମ୍ଲାନ, ରିୟା), 'ଦିଲ୍‌ରେ ଅଛି ତୋରି ନାଁ' (ସମ୍ପିତ, ଡା. ଅନୁରାଧା ପାଣିଗ୍ରାହୀ), 'ମାୟାଦର୍ପଣ' (ପ୍ରତିଭା ପଣ୍ଡା, ଅଙ୍କିତ), 'ବାଏ ବାଏ ଦିଲ୍' (ରାଜ୍, ସାସା), 'ଶେଷ ରାତି'(ଦେବାଶିଷ, ରିୟା), 'ମାୟାବୀ' (ଅମ୍ଲାନ-ଭୂମିକା), 'କିସମିସ୍' (ସ୍ୱରାଜ,ଶିବାନୀ), 'ମହାବାହୁ'(ଆକାଶ, ଶ୍ରୀତମ ଦାସ), 'ଏଡିୟୁ ଗୋଦ୍ଦାର' (ଚୌଧୁରୀ ବିକାଶ ଦାସ), 'ତୁମ୍ଭେ କି ସେ ତ ପାଣିରେ ବୁଡ଼ିବ ନାହିଁକି' (ଶ୍ରେୟାନ, ଉପାସନା), 'ବାଳୀ' (ସୂର୍ଯ୍ୟକାନ୍ତ, ମାମା), 'ତିତିଲି' (ତୁଷାର, ଦିବ୍ୟା), 'ପ୍ରେମରେ ରିସ୍କ ହେଲା ମତେ ଇସ୍କ' (ଶୈଳେନ୍ଦ୍ର, ଦିବ୍ୟା), 'ତୃଷ୍ଣା', (ଶୈଳେନ୍ଦ୍ର, ଲିପ୍‌ସା ମିଶ୍ର),'ଓୟେ ଅଞ୍ଜଳି' (ସ୍ୱରାଜ, ମାନଭି), 'ରୁଦ୍ରାଣୀ', (ଝିଲିକ, ଶୁଭାଶିଷ ଶର୍ମା), 'ତୁ ମୋର ଓକେ' (ଜ୍ୟୋତି, ଶୀତଲ), 'ଦମନ',(ବାବୁସାନ, ଦ୍ୱୀପାନ୍ୱିତ ମହାପାତ୍ର) 'ପ୍ରତୀକ୍ଷା' (ଦ୍ୱୀପାନ୍ୱିତ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ ଏବଂ 'ପ୍ରସ୍ଥାନମ' (ଅମ୍ଲାନ, ତମନ୍ନା)। ଅନ୍ୟପକ୍ଷରେ ନାରାୟଣ ପତିଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ବୋଉର ହାତ ବାକ୍ସ' ଚଳିତ ମାସ ୩୦ରେ ରିଲିଜ ହେବାର ଯୋଜନା ରହିଛି।

## ନାୟିକାରୁ ପ୍ରଯୋଜିକା

ନିରଞ୍ଜନ ରଣାଙ୍କ ପ୍ରଯୋଜିତ 'ଟାର୍ଗେଟ'ରୁ ଓଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ବଙ୍ଗୀୟ ଅଭିନେତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ। କିନ୍ତୁ ନିକଟରେ ସେ ପ୍ରଯୋଜିକା ସାଜିଛନ୍ତି। ତାଙ୍କ ପ୍ରଯୋଜିତ 'କିସ୍‌ମିସ୍', 'ରୁଦ୍ରାଣୀ' ରିଲିଜ ହୋଇସାରିଥିବା ବେଳେ 'ତୋର ମୋର କଟି' ଏବଂ 'ପ୍ରିୟେ ତୁ ମୋର ସିଏ' ମୁକ୍ତିଲାଭ ଅପେକ୍ଷାରେ ରହିଛି।

**ଚର୍ଚ୍ଚାରେ କଳାତ୍ମକ ଚଳଚ୍ଚିତ୍ର:** ଚଳିତ ବର୍ଷ କେତୋଟି ଓଡ଼ିଆ କଳାତ୍ମକ ଚଳଚ୍ଚିତ୍ର ଜାତୀୟ, ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ଅତୀଶ କୁମାର ରାଉତଙ୍କ ପ୍ରଯୋଜିତ 'ଡାଲଚିନି', ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ 'ଏଡିୟୁ ଗୋଦ୍ଦାର', ପ୍ରଣବ ଦାସଙ୍କ ନିର୍ଦ୍ଦେଶିତ 'ଅଜାତି' ଏବଂ ଶ୍ରୀଧର ମାର୍ଥାଙ୍କ ପ୍ରଯୋଜିତ 'ମାଇଣ୍ଡଗେମ୍' ଏପରି ସଫଳତା ହାସଲ କରିଛି।

**ବଡ଼ ତାରକାଙ୍କ ଶୂନ୍ୟତା:** ଚଳିତ ବର୍ଷ ଓଲିଉଡ୍ ସହ ଜଡ଼ିତ କେତେକ ନାମୀ କଳାକାରଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳି ନ ଥିଲା। ଏ ବର୍ଷ ଅନୁଭବ, ଅରିନ୍ଦମ, ସବ୍ୟସାଚୀ, ବର୍ଷା ପ୍ରିୟଦର୍ଶିନୀ ଏବଂ ଅର୍ଚ୍ଚିତାଙ୍କ ପରି କଳାକାରଙ୍କ ଶୂନ୍ୟତା ବଡ଼ ପରଦାରେ ଅନୁଭୂତ ହୋଇଥିଲା।

**ଅପେକ୍ଷା ଆସନ୍ତା ବର୍ଷକୁ**

୨୦୨୩ରେ ପରଦା ଉପରକୁ ଆସିବାକୁ ଥିବା ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ଧୋ ରେ ବାଇଆ ଧୋ' (ହରିହର ମହାପାତ୍ର), 'ଲଭ୍ ଇନ୍ ଲଣ୍ଡନ' (ଅନୁଭବ), 'ବେସାହାରା' (ଜ୍ୟୋତି, ସୁପ୍ରିୟା), 'କଫି ସପ୍' (ଅଭିଷେକ ଗିରି-ପ୍ରକୃତି ମିଶ୍ର) ଏବଂ ବାପା ସୁପରମ୍ୟାନ୍' (ସିଦ୍ଧାନ୍ତ ମହାପାତ୍ର)।


ଶିବାନୀ-ସ୍ୱରାଜ


ଅଭିଷେକ-ଅର୍ଚ୍ଚିତା

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


MARUTI SUZUKI ARENA
Exchange OFFER
ଅପଗ୍ରେଡ୍ କରନ୍ତୁ
ଆରାମର ସହିତ। ଯାତ୍ରା କରନ୍ତୁ ଥାଟର ସହିତ।
ଆକର୍ଷଣୀୟ ଅଫର୍ସର ଲାଭ ଉଠାନ୍ତୁ ଏବଂ ଆପଣଙ୍କ ପୁରୁଣା କାର ବଦଳରେ ଗୋଟିଏ
ନୂତନ ମାରୁତି ସୁଜୁକୀ ଏରିନା କାର ଘରକୁ ନେଇ ଆସନ୍ତୁ ।
ALTO
S-PRESSO
WAGONR
CELERIO
ALTO K10
3 DAYS TO GO
BIG SAVINGS
ALTO ₹72 000*
CELERIO ₹65 100*
S-PRESSO ₹80 100*
ALTO K10 ₹82 000*
WAGONR ₹67 000*
FINANCE OFFERS
100%^ ON-ROAD FUNDING AVAILABLE
EMI STARTING FROM ₹799^ –PER LAKH–
UPGRADE from 2 WHEELER to 4 WHEELER*
LIMITED STOCK ONLY
BEAT THE PRICE HIKE
ALTO S-PRESSO WAGONR CELERIO ALTO K10
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in
LEGEND CARS
JEYPORE: 7894406481.
RAYAGADA: 9692883042.
BHAWANIPATNA: 7894442907.
SKY AUTOMOBILES
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.
ODYSSEY MOTORS
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009. PADAMPUR: 7381661837.
ORBIT MOTORS
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.
*Offer includes consumer offer, exchange bonus, institutional offer or rural offer, 2 ka 4 wheeler offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st December, 2022.